READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ | ସଂଖ୍ୟା-୩୩ | ୨୮ ଅଗଷ୍ଟ - ୩ ସେପ୍ଟେମ୍ବର, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-33 | 28th AUGUST - 3rd SEPTEMBER, 2023 | BHUBANESWAR | ₹ 5/- (8 Pages)

### ବିଜ୍ଞାପନରେ ସୀମିତ ଡେଙ୍ଗୁ ମୁକାବିଲା

# ଚିକିତ୍ସା ପାଇଁ ନାହାନ୍ତି ଭେଷଜ ବିଶେଷଜ୍ଞ

**ଭୁବନେଶ୍ୱର :** ରାଜ୍ୟରେ ଡେଙ୍ଗୁ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଦିନକୁ ଦିନ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିଛି। ରୋଗୀଙ୍କ ଚିକିତ୍ସା ପାଇଁ ଭେଷଜ ବିଶେଷଜ୍ଞଙ୍କ କୁହାଯାଉଥିଲା ବେଳେ ବାସ୍ତବରେ ଏଭଳି କିଛି ବ୍ୟବସ୍ଥା ହୋଇନଥିବା ଜଣାପଡିଛି। ଯେଉଁଠି ସଫେଇ କର୍ମଚାରୀ ଅଳିଆ ସଫା କରୁଛନ୍ତି ସେହି ପାଖରେ ଡେଙ୍ଗୁ ଆକ୍ରାନ୍ତ ଶୋଇ ରହିଛନ୍ତି। ରୋଗୀଙ୍କୁ ମଶାରି

## ସାଧାରଣ ୱାର୍ଡରେ ଡେଙ୍ଗୁ ଆକ୍ରାନ୍ତ ଭୟରେ ଛାନିଆ ସାଧାରଣ ରୋଗୀ

ଅଭାବ ଥିଲା ବେଳେ ନର୍ସ ଆଟେଣ୍ଡାଣ୍ଟ ମଧ୍ୟ ଅଭାବ ପରିଲକ୍ଷିତ ହେଉଛି। ଡେଙ୍ଗୁ ରୋଗୀଙ୍କ ପାଇଁ ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିବା ବେଳେ କେବଳ ଲକ୍ଷଣକୁ ଦେଖି ଭେଷଜ ବିଶେଷଜ୍ଞ ଚିକିତ୍ସା କରୁଛନ୍ତି। ନମୁନା ପରୀକ୍ଷା ପାଇଁ ମଧ୍ୟ ରୋଗୀ ଅସୁବିଧାରେ ପଡୁଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା ନେଇ ବିଶେଷ ପଦକ୍ଷେପ ମଧ୍ୟ ନିଆଯାଉନାହିଁ। ଫଳରେ ଜ୍ୱର ହେଲା ମାତ୍ରେ ରୋଗୀ ଡେଙ୍ଗୁ ଭାବି ଡରି ଯାଉଛନ୍ତି। ଡେଙ୍ଗୁ ପାଇଁ ସ୍ୱତନ୍ତ୍ର ୱାର୍ଡ ହୋଇଥିବା ଦିଆଯାଉନାହିଁ। ମଶାଙ୍କ ଦାଉରୁ ରକ୍ଷା ମିଳିବ ତାହାଲେ କେମିତି। ବିଏମ୍‌ସି ପକ୍ଷରୁ ସଫେଇ ଗାଡ଼ିଠାରୁ ନେଇ ସବୁଠି ପ୍ରଚାର ହେଉଛି। ମାଳମାଳ ବିଜ୍ଞାପନ ବାହାରୁଛି। ହେଲେ କାମ ପୂରା ଓଲଟା। ମଶାରି ଟାଙ୍ଗି ଶୋଇବା ଲାଗି ସଚେତନତା ଏବେ କେବଳ ବିଜ୍ଞାପନରେ ସୀମିତ ରହିଛି। ହେଲେ ବିଏମ୍‌ସି କମିଶନର ଅଳିଆ ଉଠାକୁ ନେଇ ଯେତିକି ତତ୍ପରତା ଦେଖାଉଛନ୍ତି ଡେଙ୍ଗୁ ବେଳକୁ ଚୁପ୍ କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଡେଙ୍ଗୁ ରୋଗୀଙ୍କ ପାଇଁ



ରାଜଧାନୀ ଚିକିତ୍ସାଳୟ (କ୍ୟାପିଟାଲ ହସ୍ପିଟାଲ)ରେ ମଶାରି ନାହିଁ। ପଚାରିଲେ ନାହିଁ ତ ଆଣିବୁ କେଉଁଠୁ, ନ ହେଲେ ଏତେ ରୋଗୀଙ୍କୁ ଦେଇହେବ କେମିତି ବୋଲି ଓଲଟା ପ୍ରଶ୍ନ କରୁଛନ୍ତି କର୍ମଚାରୀଠାରୁ ଅଧିକାରୀ। ଅନ୍ୟପକ୍ଷେ ଡେଙ୍ଗୁରୋଗୀଙ୍କୁ ଦେଖିବାକୁ ଆସୁଥିବା ଡାକ୍ତର କେବଳ ପରିଦର୍ଶନ କରିବା ଲାଗି ଆସୁଥିବାବେଳେ ଆଉ ଦେଖାମିଳୁନି। ହଠାତ୍ କିଛି ଅସୁବିଧା ହେଲେ ଶୁଣିବା ପାଇଁ କେହି ନାହିଁ। ଖବର ଯାଇ ପହଞ୍ଚିଲା ପରେ ଆସୁଛନ୍ତି। ରାଜଧାନୀର ବହୁ ଜାଗାରୁ ଡେଙ୍ଗୁ ଚିହ୍ନଟ ହୋଇ ଆସୁଛନ୍ତି ବହୁ ରୋଗୀ। ସେହିଭଳି ଅନ୍ୟ ଜିଲ୍ଲାରୁ ମଧ୍ୟ ରୋଗୀ ଚିକିତ୍ସା ହେବା ପାଇଁ ଆସୁଛନ୍ତି କ୍ୟାପିଟାଲ ହସ୍ପିଟାଲ। ତଳେ ଯେତିକି, ଉପରେ ସେତିକି ଆକ୍ରାନ୍ତଙ୍କ ଚାଲିଛି ଚିକିତ୍ସା। ସାଧାରଣ ରୋଗୀ ଓ ଡେଙ୍ଗୁରୋଗୀ ଗୋଟିଏ ୱାର୍ଡରେ ରହୁଥିବାର ଦେଖିବାକୁ ମିଳୁଛି। ରାଜଧାନୀରେ ହୁ ହୁ ହେଇ ବଢ଼ିଚାଲିଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ବାହାରୁଥିବାବେଳେ ପଛକୁ ପଛ ବାଲେଶ୍ୱର, ପୁରୀ, କଟକ ଓ ଗଞ୍ଜାମରେ ➤ ପୃ-୬

## ୭୦% ଡେଙ୍ଗୁ ଭୂତାଣୁ ଡି-୨ ଭାରିଆଣ୍ଟ

**ଭୁବନେଶ୍ୱର :** ଓଡ଼ିଶାରେ ଏବେ ୭୦ ପ୍ରତିଶତ ଡେଙ୍ଗୁ ଭୂତାଣୁ ଡି-୨ ଭାରିଆଣ୍ଟ। ୨୮ ପ୍ରତିଶତ ଡି-୧ ଭାରିଆଣ୍ଟର। ନିକଟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଡେଙ୍ଗୁ ରୋଗୀଙ୍କ ନମୁନାର ସିରୋଟାଇପ୍ ପରୀକ୍ଷାରୁ ଏହା ଜାଣିବାକୁ ପାଇଛି ଆରଏମ୍ଆରସି ଭୁବନେଶ୍ୱର। ଏନେଇ ସୂଚନା ଦେଇଛନ୍ତି ଆରଏମ୍ଆରସି ନିର୍ଦ୍ଦେଶିକା ଡାକ୍ତର ସଂଘମିତ୍ରା ପତି। ଡାକ୍ତର ପତି କହିଛନ୍ତି ଆରଏମ୍ଆରସି ହସ୍ପିଟାଲରେ ଏବେ ଚିକିତ୍ସିତ ଡେଙ୍ଗୁ ରୋଗୀଙ୍କ ସିରୋଟାଇପିଙ୍ଗ୍ କରାଯାଉଛି। ଯେଉଁଥିରୁ କେଉଁ ଭାରିଆଣ୍ଟ ଡେଙ୍ଗୁ ରୋଗୀ ଅଧିକ ଗୁରୁତର ହେଉଛନ୍ତି, ତାହା ଜଣାପଡ଼ିବ ବୋଲି ଆରଏମ୍ଆରସି ନିର୍ଦ୍ଦେଶିକା କହିଛନ୍ତି। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁ ଭୂତାଣୁ ୪ଟି ଭାରିଆଣ୍ଟ ରହିଛି। ତେବେ ଆମ ରାଜ୍ୟରେ ଡି-୧ ଓ ଡି-୨ ଅଧିକ ପରିମାଣରେ ଦେଖାଯାଏ। ଏବେ ରିପୋର୍ଟ କହୁଛି, ରାଜ୍ୟରେ ଡି-୨ ଭାରିଆଣ୍ଟ ଅଧିକ ରହିଛି। କିନ୍ତୁ ଏହି ସବ ଭାରିଆଣ୍ଟରେ ରୋଗୀ ଗୁରୁତର ହେବାର କୌଣସି ସମ୍ପର୍କ ଥିବା ପ୍ରମାଣିତ ହୋଇନି। କିନ୍ତୁ ଡେଙ୍ଗୁ ରୋଗୀ ଗୋଟିଏ ଭାରିଆଣ୍ଟରେ ଆକ୍ରାନ୍ତ ହେଲେ, ରୋଗୀ ଶରୀରରେ ତାହାର ଇମ୍ୟୁନିଟି ଡେଭଲପ କରିଯାଏ, ଫଳରେ ଆଉ ଥରେ ସେଇ ଭାରିଆଣ୍ଟ ଡେଙ୍ଗୁ ଆଉ ହେବନି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ, ଗୋଟିଏ ଡେଙ୍ଗୁ ଭାରିଆଣ୍ଟରେ ଆକ୍ରାନ୍ତ ଡେଙ୍ଗୁ ରୋଗୀ ପରବର୍ତ୍ତୀ ସମୟରେ ଅନ୍ୟ ଭାରିଆଣ୍ଟ ଦ୍ୱାରା ଆକ୍ରାନ୍ତ ହେଲେ ଗୁରୁତର ହେବା ଆଶଙ୍କା ବଢ଼ିଯାଏ।

### ମୋଦୀଙ୍କ ଉତ୍ତରାଧିକାରୀ କିଏ ?

## ଶାହା, ଯୋଗୀ ନା ଗଡ଼କରୀ



**ନୂଆଦିଲ୍ଲୀ :** ଦେଶରେ ସାଧାରଣ ନିର୍ବାଚନ ହେବାକୁ ଆଉ ମାତ୍ର ଅଳ୍ପ ମାସ ବାକି ଅଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ଅନ୍ୟମାନଙ୍କ ଠାରୁ ଆଗରେ ରହିଛି। ଇଣ୍ଡିଆ ଟୁଡେ-ସି ଭୋଟର ପକ୍ଷରୁ ହୋଇଥିବା ମୁଡ୍ ଅଫ୍ ଦି ନେସନ୍ ସର୍ଭେରେ ଭାଗ ନେଇଥିବା ୫୨ ପ୍ରତିଶତ ଲୋକ ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଛନ୍ତି। ଏମାନେ ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଆଗ୍ରହୀ। ତେବେ ମୋଦୀଙ୍କ ପରେ ଉତ୍ତରାଧିକାରୀ ଭାବେ କେଉଁ ନେତା ଯୋଗ୍ୟ ? ଏହା ବି ସର୍ଭେରେ ଲୋକଙ୍କୁ ପଚରାଯାଇଥିଲା। ଇଣ୍ଡିଆ ଟୁଡେ-ସି ଭୋଟରର ସର୍ଭେ 'ମୁଡ୍ ଅଫ୍ ଦି ନେସନ୍'ରେ ➤ ପୃ-୬

## 'ସେବା ନାଁରେ ନିଜ ସ୍ୱାର୍ଥ ସାଧନ କରୁଥିଲେ ବିଧାୟକ'


**ବ୍ରହ୍ମପୁର :** କୋଭିଡ ମହାମାରୀ ସମୟରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଚାହୁଁନଥିଲେ ପ୍ରବାସୀ ଓଡିଆ ଗଞ୍ଜାମ ଫେରନ୍ତୁ। ସେ ନିଜ ନିଜ ଜିଲ୍ଲା ଲୋକଙ୍କ ଶତ୍ରୁ ସାଜିଥିଲେ। ପ୍ରଦୀପ ପାଣିଗ୍ରାହୀଙ୍କ ଅସଲ ଚରିତ୍ର କଣ ତାହା ଆଜି ଗୋପାଳପୁରବାସୀ ଜାଣିଯାଇଛନ୍ତି। ଗଞ୍ଜାମ ଗସ୍ତର ପ୍ରଥମ ଦିନରେ ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀର ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ବାଲାଜୀ ବୈଦ୍ୟନାଥ ପଡିଆରେ ଆୟୋଜିତ



ଜନଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇ ୫ଟି ସଚିବ ଭି. କେ ପାଣ୍ଡିଆନ ସମସ୍ତଙ୍କୁ ସେବା ମନୋବୃତି ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ପ୍ରଦୀପ ପାଣିଗ୍ରାହୀଙ୍କ ନାଁ ନନେଇ ଗଞ୍ଜାମ ଜିଲ୍ଲାର ଜଣେ ଜନପ୍ରତିନିଧି କିପରି ମହାମାରୀ ସମୟରେ ପ୍ରବାସୀ ଓଡିଆ ନିଜ ଘରକୁ ଫେରିନପାରିବେ ସେନେଇ ଚକ୍ରବ୍ୟୁହ ରଚନା କରିଥିଲେ ତାହା ଗୋପାଳପୁରବାସୀଙ୍କୁ ଜଣାଇଥିଲେ। ସେବା ନାଁରେ ଲୋକଙ୍କୁ ଠକୁଥିବା ସେହି ଜନପ୍ରତିନିଧି ଆଜି ତାର ପରିଣାମ ମଧ୍ୟ ଭୋଗୁଛନ୍ତି। କୋଭିଡ ବେଳେ ରାଜ୍ୟ ବାହାରେ ବହୁ ଓଡିଆ ଲୋକ ଫସିରହିଥିଲେ। ସେମାନେ ନିଜ ନିଜ ଘରକୁ ଫେରିପାରୁ ନଥିଲେ। ଏଥିପାଇଁ ସେମାନେ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଥିଲେ। ତୁରନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଫେରାଇଆଣିବାର ଦାୟିତ୍ୱ ନେଇଥିଲେ। ଏବାବଦ ସବୁ ଖର୍ଚ୍ଚ ରାଜ୍ୟ ➤ ପୃ-୬

### ଏଡିବି ରିପୋର୍ଟ

## ମହାମାରୀ, ମୁଦ୍ରାସ୍ଫୀତି ଗରିବୀର କାରଣ



**ନୂଆଦିଲ୍ଲୀ :** ମହାମାରୀ କରୋନା ଓ ମୁଦ୍ରାସ୍ଫୀତି ଏସିଆର କୋଟି କୋଟି ଲୋକଙ୍କୁ ଦୁର୍ବିସହ ମଧ୍ୟକୁ ଠେଲିଦେଇଛି। ଗତବର୍ଷ ସୁଦ୍ଧା ଏସିଆର ୬ କୋଟି ୮୦ ଲକ୍ଷ ଲୋକ ଦାରିଦ୍ର୍ୟ ମଧ୍ୟକୁ ଚାଲିଯାଇଛନ୍ତି। କରିଛି ଏସିଆନ ଡେଭଲେପମେଣ୍ଟ ବ୍ୟାଙ୍କ ବା ଏଡିବି ଏନେଇ ରିପୋର୍ଟ ପ୍ରଦାନ କରିଛି। ଏଡିବିର ନୂଆ ରିପୋର୍ଟ ଅନୁସାରେ ଏସିଆର ୧୫୫.୨ ନିୟୁତ ଲୋକ ଅର୍ଥାତ ଏସିଆର ମୋଟ ଜନସଂଖ୍ୟାର ୩.୯ ପ୍ରତିଶତ ସମ୍ପୂର୍ଣ୍ଣ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ୬୭.୮ ନିୟୁତ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ସେମାନଙ୍କ ଜୀବନ ଦୁର୍ବିସହ ହୋଇଛି। ଏସୀୟ-ପ୍ରଶାନ୍ତ ଅଞ୍ଚଳର ୪୬ଟି ରାଷ୍ଟ୍ରକୁ ନେଇ ଏଡିବିର ଏହି ରିପୋର୍ଟ ଚିନ୍ତା ସୃଷ୍ଟି କରିଛି। ➤ ପୃ-୬

## ଚଳିତବର୍ଷରୁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଭୁବନେଶ୍ୱର:** ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିବ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଏନେଇ ପ୍ରଥମ ରାଜ୍ୟସ୍ତରୀୟ କମିଟି ବୈଠକ ଗୁରୁବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ମେଧାବୀ ପୁରସ୍କାର ଓ ଛାତ୍ରଛାତ୍ରୀ ମେଧା-ବୃତ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀଙ୍କ ତାଲିକାକୁ ବୈଠକରେ ଉପସ୍ଥାପିତ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଅଶ୍ୱଥୀ ଏସ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀମତୀ ଅଶ୍ୱଥୀ କହିଥିଲେ, ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟସ୍ତରରେ ଛାତ୍ରଛାତ୍ରୀ ମେଧାବୀ ପୁରସ୍କାର ଓ ଛାତ୍ରଛାତ୍ରୀ ମେଧା-ବୃତ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ତାଲିକାକୁ ରାଜ୍ୟସ୍ତରୀୟ କମିଟି ଅନୁମୋଦନ କରିବା ପରେ ପୁରସ୍କାର ରାଶି ସିଧାସଳଖ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଜିଲ୍ଲାସ୍ତରୀୟ ମେଧାବୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ତାଲିକାକୁ ଖୁବଶୀଘ୍ର ଜିଲ୍ଲାସ୍ତରୀୟ କମିଟିକୁ ଅନୁମୋଦନ ପାଇଁ ପଠାଇବାକୁ ଶ୍ରୀମତୀ ଅଶ୍ୱଥୀ କହିଥିଲେ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଅନୁସୂଚିତତ ଜନଜାତି ଓ ଜାତି ବିଦ୍ୟାଳୟରେ ଚଳିତବର୍ଷ ➤ ପୃ-୬

### ବକ୍ରବାଣୀ




ଜହ୍ନ ରାଇଜରେ ଥାପିଲେ ପାଦ
ଆନନ୍ଦରେ ନାଚେ ସଭିଙ୍କ ମନ
ଭୁଲି ଅନ୍ଧବିଶ୍ୱାସ କୁହ ଭାଇ
ଜୟ ବିଜ୍ଞାନ ଜୟ ଚନ୍ଦ୍ରାୟନ
ପାଖଣ୍ଡୀମାନଙ୍କୁ ବୁଝେଇ ଦେବା
ଦେଉଳ ନାଁରେ ନ ଉଡ଼ାନ୍ତୁ ଧନ
ଆଗେଇ ଯିବରେ ଭାରତ ବର୍ଷ
ବଢୁଥିବ ଯେବେ ଆମ ବିଜ୍ଞାନ
କୋଟି କୋଟି ଟଙ୍କା ଖର୍ଚ୍ଚ କରିକି
କି ଲାଭ ମିଳୁଚି ଦିଅଁ ଗଢ଼ିକି।

—— ଟୁଟୁ

### ଗଣମାଧ୍ୟମ ସଂସ୍ଥାକୁ ସତର୍କ କଲା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

## ଅନ୍‌ଲାଇନ ବେଟିଂ ସମ୍ବନ୍ଧୀୟ ବିଜ୍ଞାପନ ଦେଖାନ୍ତୁନି

**ନୂଆଦିଲ୍ଲୀ (ପିଆଇବି):** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଜି ଗଣମାଧ୍ୟମ ସଂସ୍ଥା, ଅନଲାଇନ୍ ବିଜ୍ଞାପନ ମଧ୍ୟସ୍ଥ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ସମେତ ସବୁ ଅଂଶୀଦାରଙ୍କୁ କୌଣସି ରୂପରେ ବେଟିଂ/ଜୁଆ ଖେଳ ଉପରେ ବିଜ୍ଞାପନ/ପ୍ରଚାର ବିଷୟବସ୍ତୁ ପ୍ରସାରଣ କରିବା ଠାରୁ ତୁରନ୍ତ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଏହି ପରାମର୍ଶକୁ ପାଳନ ନକଲେ ଭାରତ ସରକାରଙ୍କ ପକ୍ଷରୁ ବିଭିନ୍ନ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜୁଆ ଆପ୍ ବ୍ୟବହାରକାରୀଙ୍କଠାରୁ ଯଥେଷ୍ଟ ଅର୍ଥ ଆଦାୟ କରିଥିବା ଏଜେଣ୍ଟମାନଙ୍କ ବିରୋଧରେ ନିକଟରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନର ଉଦାହରଣ ଦେଇ ମନ୍ତ୍ରଣାଳୟ



କହିଛି ଯେ ଜୁଆ/ବେଟିଂ ପ୍ଲାଟଫର୍ମର ବିଜ୍ଞାପନ ଉପଭୋକ୍ତା, ବିଶେଷକରି ଯୁବବର୍ଗ ଏବଂ ପିଲାମାନଙ୍କ ପାଇଁ ଗମ୍ଭୀର ଆର୍ଥିକ ଏବଂ ସାମାଜିକ-ଆର୍ଥିକ ବିପଦ ସୃଷ୍ଟି କରିଥାଏ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଏହି ବ୍ୟବସ୍ଥାର ବେଆଇନ ଅର୍ଥ କାରବାର ନେଟୱର୍କ ସହିତ ସମ୍ପର୍କ ରହିଛି, ଯାହା ଦେଶର ଆର୍ଥିକ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି। ମନ୍ତ୍ରଣାଳୟ ନିଜର ମାର୍ଗଦର୍ଶିକାରେ କହିଛି ଯେ ଏସବୁ ବେଆଇନ କାର୍ଯ୍ୟ ସହିତ ଏଭଳି ବିଜ୍ଞାପନ ପାଇଁ କଳାଧନ ବ୍ୟବହାର କରାଯିବାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି। ବିଜ୍ଞାପନ ମଧ୍ୟସ୍ଥ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ସମେତ କେତେକ ଗଣମାଧ୍ୟମ ସଂସ୍ଥା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭଳି ପ୍ରମୁଖ କ୍ରୀଡ଼ା ଇଭେଣ୍ଟରେ ବେଟିଂ ଏବଂ ଜୁଆ ପ୍ଲାଟଫର୍ମର ପ୍ରତ୍ୟକ୍ଷ ଓ ପରୋକ୍ଷ ବିଜ୍ଞାପନକୁ ଅନୁମତି ଦେଉଥିବା ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି। ଏହାବ୍ୟତୀତ ମନ୍ତ୍ରଣାଳୟ କହିଛି ଯେ ପ୍ରମୁଖ କ୍ରୀଡ଼ା ସମାରୋହ, ବିଶେଷ କରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସମୟରେ ଏଭଳି ବେଟିଂ ଏବଂ ଜୁଆ ପ୍ଲାଟଫର୍ମର ପ୍ରଚାର ପ୍ରସାର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରତିଯୋଗିତା କିଛି ଦିନ ପରେ ଆରମ୍ଭ ହେବାକୁ ଯାଉଛି। ➤ ପୃ-୬

## ଚାଷୀ ଜାଣିନାହାନ୍ତି 'ନାନୋ ତରଳ ସାର'

**ଅସ୍ତରଙ୍ଗ, (ଶରତ କୁମାର ପରିଡା) :** ଚାଷୀ ହସିଲେ ହସିବ ଦେଶ, ଚାଷର ଉନ୍ନତି ଦେଶର ପ୍ରଗତି, ଉଭୟ ସରକାର ଚାଷକୁ ଦେଶ ହେଉ ଅବା ରାଜ୍ୟରେ ବିକଶିତ କରିବା ପାଇଁ ଆଣିଛନ୍ତି ନୂଆନୂଆ ଯୋଜନା, ଅନେକ ବୈଜ୍ଞାନିକ ଜ୍ଞାନ କୌଶଳ, ଯେଉଁ କୌଶଳରେ ଚାଷୀଟିଏ ଅଳ୍ପ ବ୍ୟୟରେ ତାର ଚାଷ କ୍ଷେତକୁ ସମୃଦ୍ଧିଶାଳୀ କରିପାରିବ। ଏହି ବୈଜ୍ଞାନିକ ଜ୍ଞାନ କୌଶଳର ଏକ ବରଦାନ ସଦୃଶ ହେଉଛି 'ନାନୋ ତରଳ ସାର'। ଯେଉଁ ତରଳ ସାରକୁ ସ୍ୱଳ୍ପ ପୁଞ୍ଜିରେ ବେଶ୍ ଆରାମରେ ଚାଷୀଟିଏ କିଣି ଆଉ ଅତି ସହଜରେ ତାର ଚାଷ କ୍ଷେତରେ ବ୍ୟବହାର କରିପାରିବ। ଆଉ କ୍ଷେତ ଓ ଚାଷକୁ ସମୃଦ୍ଧିଶାଳୀ କରିପାରିବ। କିନ୍ତୁ ଦୁର୍ଭାଗ୍ୟର କଥା ଏଠି ଚାଷୀଭାଇ ଜାଣିନି 'ନାନୋ ତରଳ ସାର' କ'ଣ। ଆଉ କାହିଁକି ବ୍ୟବହାର କରାଯାଏ। ଏହା ହିଁ ବଡ଼ ଦୁର୍ଭାଗ୍ୟର କଥା। ଏହି ତରଳ ସାର ପ୍ରଥମେ ଜାପାନର କୃଷି ବୈଜ୍ଞାନିକ ମାନଙ୍କ ଦ୍ୱାରା ଉଦ୍ଭାବନ ହୋଇଥିଲା। ଆଉ ଆମ



ଦେଶର ପ୍ରଧାନମନ୍ତ୍ରୀ ଏହି ନୂତନ ଜ୍ଞାନ କୌଶଳକୁ ଭାରତରେ ପ୍ରସ୍ତୁତି କରିବା ପାଇଁ ଜାପାନ ସରକାରଙ୍କ ସହିତ ଏକ ଚୁକ୍ତି କରିଥିଲେ। ଆଉ ଭାରତର ବହୁ ବଡ଼ ସାର ଉତ୍ପାଦନ କେନ୍ଦ୍ର 'ଇଫ୍‌କୋ'କୁ ହସ୍ତାନ୍ତର କରିଥିଲେ। ଆଉ ଏହି ତରଳ ନାନୋ ସାର ପ୍ରଚଳନ ଆରମ୍ଭ ହୋଇଥିଲା ଭାରତରେ। ଏହି ସାର ୨ଗୋଟି ଗୁଣ ଯୁକ୍ତ, ନାନୋ ୟୁରିଆ ଏବଂ ନାନୋ ଡିଏପି। ୫୦୦ ମିଲିଲିଟରର ୨ଟି ତରଳ ପଦାର୍ଥକୁ ଚାଷୀ ସ୍ପ୍ରେ ବକେଟରେ ଗୋଳାଇ ୧ ଏକର ଜମିରେ ପକାଇପାରିବ। ଆଉ ଏହାର ପ୍ରୟୋଗ କରାଗଲେ ଆଉ କୁଇଣ୍ଟାଲ ଓଜନର ଗୁମର, ୟୁରିଆ ସାର କିଣି ତାକୁ ମୁଣ୍ଡରେ ଲଦି ଆଉ ଚାଷ ଜମିକୁ ଯିବାକୁ ➤ ପୃ-୬

# ପାଣ୍ଡିଆନ ପ୍ରୋଜେକ୍ଟ ନାଁରେ ରାଜ୍ୟରେ ଚାଲିଛି ଜମି ହଡପ : ଅପରାଜିତା

**ଭୁବେନଶ୍ୱର :** ରାଜ୍ୟ ସରକାରଙ୍କ ପ୍ରୋତ୍ସାହନେର ରାଜ୍ୟରେ ଚାଲିଛି ଜମି ଦୁର୍ନୀତି। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନେର ରାଜ୍ୟରେ ଚାଲିଥିବା ଜମି ଦୁର୍ନୀତି ପଛେର ତୃତୀୟ ମହଲା ଲିଙ୍କ୍‌ରେ ଥିବା ଅଧିକାରୀ ଏବଂ ପ୍ରଭାବଶାଳୀ ଲୋକମାନଙ୍କ ହାତ ରହିଛି। ରାଜ୍ୟର ପାଣ୍ଡିଆନ ପ୍ରୋଜେକ୍ଟ ନାଁରେ ଜମି ହଡପ ଚାଲିଛି। ସରକାରୀ ଅଧିକାରୀ ଯିଏ ଏ ଶାସନ ବ୍ୟବସ୍ଥା ହାଇଜାକ୍ କରିଥିଲେ ଏ ହେଉଛି ତାଙ୍କର ଆଉ ଏକ ରୂପ ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଭୁବେନଶ୍ୱର ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡଙ୍ଗୀ କହିଛନ୍ତି। ଚଳିତ ମାସ ଅଗଷ୍ଟ ୪, ୧୫ ଏବଂ ୨୦ ତାରିଖେର ବିଭିନ୍ନ ଅଭିଯୋଗକାରୀମାନଙ୍କର ଅଭିଯୋଗ ପାଇବା ପେର ଭୁବେନଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଅଗଷ୍ଟ ୨୧ ତାରିଖେର ଭଗବତୀପୁର ଓ ଗିରିଙ୍ଗାପୁର ଗ୍ରାମ ପରିଦର୍ଶନରେ ଯାଇଥିେଲ। ଏହି ଦୁଇଟି ଗ୍ରାମ ଚନ୍ଦକାର ନିକଟବର୍ତ୍ତୀ ଅଟେ। ଏଠାରେ ପହଞ୍ଚିବା ପରେ ଅଧିବାସୀମାନେ ମସ୍ତିଷ୍କ ଚହଲେଇଦେବା ଭଳି ଅଭିଯୋଗ କରିଥିଲେ। ଏହି ଚାଞ୍ଚଲ୍ୟକର ଅଭିଯୋଗ କୌଣସି ସିନେମା କାହାଣୀଠାରୁ କମ୍ ନଥିଲା। ଅର୍ଥ ବଳ ଓ ବାହୁବଳ ପ୍ରୟୋଗ ସହିତ ଉଚ୍ଚ ସରକାରୀ ପ୍ରଭାବ ଦ୍ୱାରା କିଭଳି ଜମି ଅକ୍ତିଆର କରାଯାଇଥିଲା ଏବଂ



ଏହି ଜମିରେ ଅୟସ ପାଇଁ ପ୍ରାଚୁର୍ଯ୍ୟତା ଭରିରହିଥିଲା, ତାହାର ଅଭିଯୋଗ ଗ୍ରାମବାସୀମାନେ କରିଥିଲେ। ➤ ପୃ-୬

## 'ବିନା ପ୍ରମାଣରେ ମିଥ୍ୟା ଅଭିଯୋଗ କରୁଛନ୍ତି ଅପରାଜିତା'

**ଭୁବନେଶ୍ୱର :** କ୍ଷମା ମାଗନ୍ତୁ ସାଂସଦ ଅପରାଜିତା ଷଡଙ୍ଗୀ। ବିନା ପ୍ରମାଣରେ ମିଥ୍ୟା ଅଭିଯୋଗ କରୁଥିବାରୁ, ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରାଯିବ। ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଭିଯୋଗର ଜବାବ ରଖିଲେ ରୁଥିକା ପ୍ରଭାକରନଙ୍କ ଓକିଲ ମାନସ ମହାପାତ୍ର। ସବୁ ଜମି ଆଇନ ଅନୁସାରେ କିଣା ଯାଇଛି। ବେଆଇନ ଭାବେ ଜମି କିଣା ଯାଇନାହିଁ। କେତେ ଜମି କିଣା ଯାଇଛି ଅପରାଜିତା ତାହା ଜାଣି ନାହାନ୍ତି। କୌଣସି ତଥ୍ୟ ପ୍ରମାଣ ନଥାଇ ଜଣେ ଭଦ୍ର ମହିଳାଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି। ଜଣେ ଭାରତୀୟ ହିସାବରେ ଦେଶର ଯେ କୌଣସି ସ୍ଥାନରେ ସେ ଜମି କିଣି ପାରିବେ। ରୁଥିକାଙ୍କୁ ଜମି ଜବରଦଖଲକାରୀ କହି ତାଙ୍କ ସମ୍ମାନହାନୀ କରିଛନ୍ତି ଅପରାଜିତା। ସେଥିପାଇଁ ଅପରାଜିତାଙ୍କ ବିରୋଧରେ ଲିଗାଲ ନୋଟିସ ପଠାଯିବ। ଯଦି ଅପରାଜିତା କ୍ଷମା ନମାଗନ୍ତି, ତେବେ ତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରାଯିବ ବୋଲି ତାଙ୍କ ଓକିଲ କହିଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** ଆୟ ପ୍ରଭାବିତ ହେବ। ନିଜ ଲୋକ ଧୋକା ଦେଇପାରନ୍ତି। ଦାନ୍ତରେ ପୀଡା ଓ ଅଣ୍ଟାରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରତିକାର : ବରଗଛ ମୂଳରେ ଘିଅ ଦୀପ ଓ ରାଶି ତେଲ ଦୀପ ଜାଳନ୍ତୁ।

**ବୃଷ** କାନରେ ସମସ୍ୟା ହୋଇପାରେ। ଲକ୍ଷ୍ୟ ପୂର୍ଣ୍ଣ ହେବ। ସନ୍ତାନ ସୁଖ ପାଇବେ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେବ। ଧୈର୍ଯ୍ୟ ରଖନ୍ତୁ ଓ ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଗାଈକୁ ସବୁଜ ଚାରା ଖୁଆନ୍ତୁ।

**ମିଥୁନ** ମନ ଓ ଶରୀର ଅବସ ରହିବ। କଠିନ ପରିଶ୍ରମ ଯୋଗୁ ଆୟରେ ବୃଦ୍ଧି ହେବ। ଅନାବଶ୍ୟକ ଖର୍ଚ୍ଚ ହେବ। ଝଗଡା ହୋଇପାରେ। ପ୍ରେମୀଙ୍କ ଠାରୁ ସହଯୋଗ ପାଇବେ। ପ୍ରତିକାର : ଓଁ ନମଃ ଶିବାୟ ଜପ କରନ୍ତୁ।

**କର୍କଟ** ଆୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ କାମ ବୋଝ ବଢ଼ିବ। ଦୂରଯାତ୍ରା କରିପାରନ୍ତି। ବେକ ଓ କାନରେ କଷ୍ଟ ହୋଇପାରେ। ଦୁର୍ଘଟଣା ଘଟିପାରେ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ସିଂହ** ଚର୍ମ ରୋଗ ହୋଇପାରେ। ସମସ୍ତ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ପ୍ରେମୀଙ୍କ ବ୍ୟବହାର ପାଇଁ ଦୁଃଖିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବୋଝ ବଢ଼ିବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**କନ୍ୟା** କାର୍ଯ୍ୟରେ ସଫଳତା ପାଇବେ। ଆର୍ଯ୍ୟରେ ବୃଦ୍ଧି ହୋଇପାରେ। ଅନାବଶ୍ୟକ ଖର୍ଚ୍ଚ ହେବ। ଜର ଓ ଥଣ୍ଡା ହୋଇପାରେ। ଦମ୍ପତ୍ତିଙ୍କ ସମ୍ପର୍କ ବଢ଼ିବ। ପ୍ରତିକାର : ଭଗବାନ ଗଣେଷଙ୍କୁ ଅର୍ଚ୍ଚନା କରନ୍ତୁ।

**ତୁଳା** ସପ୍ତାହର ପ୍ରଥମ ଚରଣ ସଫଳତା ମିଳିବ। ମନ ପ୍ରଫୁଲ ରହିବ। ଧନପ୍ରାପ୍ତି ଯୋଗ ଅଛି। ବିବାଦରୁ ଦୂରେଇ ରହନ୍ତୁ। ପାଦ ଓ ଅଣ୍ଟାରେ କଷ୍ଟ ହୋଇପାରେ। ପ୍ରତିକାର : ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ବିଛା** କାର୍ଯ୍ୟ ଗୁଡିକ ଠିକ୍ ସମୟରେ ପୁରା ହେବ। ବାହାନ ଧାନରେ ଚଳାନ୍ତୁ। ଶତ୍ରୁ ପରାସ୍ତ ହେବେ। ସମ୍ମାନ ବଢ଼ିବ। ଥଣ୍ଡା, ଜ୍ୱର ହୋଇପାରେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଧନୁ** ପରିବାର ସହଯୋଗ ବଢ଼ିବ। ନୂଆ ବ୍ୟବସାୟ ହେବ। ଅଟକି ରହିଥିବା ଧନ ମିଳିପାରେ। ସ୍ଥାନରେ ପରିବର୍ତ୍ତନ ହୋଇପାରେ। ଦୁର୍ଘଟଣା ହୋଇପାରେ। ପ୍ରତିକାର : ବିଷ୍ଣୁ ମନ୍ଦିରରେ ଚଣା ଦାନ କରନ୍ତୁ।

**ମକର** ପାରିବାରିକ ସୁଖ ପାଇବେ। ଭବିଷ୍ୟତ ପାଇଁ ଚିନ୍ତିତ ହେବେ। ନୂଆ କାର୍ଯ୍ୟରେ ମନଦେବେ। ପଦୋନ୍ନତି ହୋଇପାରେ। ପ୍ରେମୀଙ୍କ ସହ ସଠିକ୍ ବ୍ୟବହାର କରନ୍ତୁ। ପ୍ରତିକାର : ଶିବ ଲିଙ୍ଗରେ ବେଲପତ୍ର ଚଢ଼ାନ୍ତୁ।

**କୁମ୍ଭ** ଅଯଥା କଥାରେ ଝଗଡା ହୋଇପାରେ। ବିରୋଧୀ ସକ୍ରିୟ ହେବେ। ଜ୍ୱରରେ ପୀଡିତ ହୋଇପାରନ୍ତି। ଗାଡି ସତର୍କରେ ଚଳାନ୍ତୁ। ବିବାହ ହୋଇପାରେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ହନୁମାନ ଚାଳିଶା ପଢ଼ନ୍ତୁ।

**ମୀନ** ସନ୍ତାନ ସୁଖ ମିଳିବ। ବିବାଦରୁ ଦୂରେଇ ରହନ୍ତୁ। କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବାଣୀରେ ଲଗାମ ଦିଅନ୍ତୁ। ମନ ଅସ୍ଥିର ରହିବ। ବିଦେଶ ଭ୍ରମଣ ଯୋଗ ଅଛି। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ଗାୟତ୍ରୀ ମନ୍ତ୍ରୀ ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଘୋଷଣା

# ଏଣିକି ବର୍ଷକୁ ୨ ଥର ବୋର୍ଡ ପରୀକ୍ଷା



**ନୂଆଦିଲ୍ଲୀ :** ୨୦୨୪ ଶିକ୍ଷାବର୍ଷ ପାଇଁ କେନ୍ଦ୍ର ସରକାର ନୂଆ ଶିକ୍ଷାନୀତି (ଏନ୍‌ଇପି) ଅନୁଯାୟୀ ଶିକ୍ଷା ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ଘୋଷଣା କରିଛନ୍ତି। ଏଥିରେ ନୂତନ ପାଠ୍ୟପୁସ୍ତକ ବିକଶିତ କରାଯିବା ସହ ନୂଆ ପାଠ୍ୟକ୍ରମ ଢାଞ୍ଚା ପ୍ରଣୟନ କରାଯିବ ବୋଲି ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି। ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଏଣିକି ଦୁଇଟି ଭାଷା ଅଧ୍ୟୟନ କରିବା ଆବଶ୍ୟକ ଏବଂ ସେମାନଙ୍କ ମଧ୍ୟରୁ ଅତି କମରେ ଗୋଟିଏ ଭାରତୀୟ ହେବା ଆବଶ୍ୟକ। ମନ୍ତ୍ରାଳୟ ଆହୁରି ମଧ୍ୟ କହିଛି ଯେ ବୋର୍ଡ ପରୀକ୍ଷା ଏଣିକି ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ, ଯେଉଁଥିରେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଷ୍ଠ ସ୍କୋର ରଖିବାକୁ ଅନୁମତି ଦିଆଯିବ। ବର୍ତ୍ତମାନର ଉଚ୍ଚସ୍ତରୀୟ ଅଭ୍ୟାସ ତୁଳନାରେ ବୋର୍ଡ ପରୀକ୍ଷାକୁ ସହଜ କରିବା ପାଇଁ, ପରୀକ୍ଷା ମାସର ପ୍ରଶିକ୍ଷଣ ଏବଂ ସ୍ମରଣ ପରିବର୍ତ୍ତେ ଦକ୍ଷତାର ବୁଝାମଣା ଏବଂ ଉପଲବ୍ଧିର ମୂଲ୍ୟାଙ୍କନ କରିବ। ଛାତ୍ରଛାତ୍ରୀଙ୍କୁ ଭଲ ପ୍ରଦର୍ଶନ କରିବା ପାଇଁ ଯଥେଷ୍ଟ ସମୟ ଓ ସୁଯୋଗ ଦେବା ପାଇଁ ବର୍ଷକୁ ଅତି କମରେ ଦୁଇଥର ବୋର୍ଡ ପରୀକ୍ଷାର ସୁଯୋଗ ଦିଆଯିବ। ଏହାପରେ ଛାତ୍ରଛାତ୍ରୀମାନେ ସେମାନେ ସମାପ୍ତ କରିଥିବା ବିଷୟରେ ବୋର୍ଡ ପରୀକ୍ଷା ଦେଇପାରିବେ ଏବଂ ଏଥିପାଇଁ ପ୍ରସ୍ତୁତ ଅନୁଭବ କରିପାରିବେ। ଏଥିରେ ସେମାନଙ୍କୁ ଶ୍ରେଷ୍ଠ ସ୍କୋର ବଜାୟ ରଖିବାକୁ ଅନୁମତି ଦିଆଯିବ ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଅପଡେଟ୍ ହୋଇଥିବା ପାଠ୍ୟକ୍ରମ ଢାଞ୍ଚା ଅନୁଯାୟୀ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ବିଷୟ ଚୟନ କଳା, ବିଜ୍ଞାନ ଓ ବାଣିଜ୍ୟ ଭଳି ବିଭାଗରେ ସୀମିତ ରହିବ ନାହିଁ। ଠିକ୍ ସମୟରେ ସ୍କୁଲ ବୋର୍ଡଗୁଡ଼ିକ 'ଅନ୍ ଡିମାଣ୍ଡ' ପରୀକ୍ଷା ଦେବା ପାଇଁ ଦକ୍ଷତା ବିକଶିତ କରିବେ। ବୋର୍ଡ ପରୀକ୍ଷା ଡେଭଲପର ଓ ମୂଲ୍ୟାୟନକାରୀଙ୍କ ବ୍ୟତୀତ ସେମାନଙ୍କୁ ଏହି କାର୍ଯ୍ୟ କରିବା ପୂର୍ବରୁ ବିଶ୍ୱବିଦ୍ୟାଳୟ ପ୍ରମାଣିତ ପାଠ୍ୟକ୍ରମ ମଧ୍ୟ ପଢ଼ିବାକୁ ପଡ଼ିବ। ପାଠ୍ୟପୁସ୍ତକର ବିଷୟ ବସ୍ତୁ ଉପରେ ଗୁରୁତ୍ୱାରୋପ କରାଯିବା ସହିତ କେବଳ ମାତ୍ର ଶ୍ରେଣୀଗୃହ ପାଠ୍ୟପୁସ୍ତକ ବିଷୟବସ୍ତୁକୁ ଏଡ଼ାଇ ଦିଆଯାଇ ନୂତନ ଢାଞ୍ଚାରେ ବିଷୟବସ୍ତୁ ରହିବ।

### ଲିଙ୍ଗ ପରିବର୍ତ୍ତନ କରିବାର ଅଧିକାର ସମସ୍ତଙ୍କର ଅଛି: ହାଇକୋର୍ଟ



**ନୂଆଦିଲ୍ଲୀ :** ଦେଶର ସମସ୍ତ ମହିଳା ଓ ପୁରୁଷମାନେ ଲିଙ୍ଗ ପରିବର୍ତ୍ତନ କରିବାର ଅଧିକାର ରଖିଛନ୍ତି। ଲିଙ୍ଗ ପରିବର୍ତ୍ତନ କରିବା ସେମାନଙ୍କର ସାମ୍ବିଧାନିକ ଅଧିକାର। ସର୍ଜରୀ ଦ୍ୱାରା ସମସ୍ତେ ଲିଙ୍ଗ ପରିବର୍ତ୍ତନ କରିପାରିବେ ବୋଲି ଆହ୍ଲାବାଦ ହାଇକୋର୍ଟ କହିଛନ୍ତି। ଜଣେ ମହିଳା କନ୍‌ଷ୍ଟେବଲ ସର୍ଜରୀ ଦ୍ୱାରା ନିଜର ଲିଙ୍ଗ ପରିବର୍ତ୍ତନ କରିବାକୁ ଚାହୁଁଥିବା ଉଲ୍ଲେଖ କରି ଉତ୍ତର ପ୍ରଦେଶ ଡିଜିପିଙ୍କୁ ଅନୁମତି ପାଇଁ ଚିଠି ଲେଖିଥିଲେ। ଏବେ ଆହ୍ଲାବାଦ ହାଇକୋର୍ଟ ତୁରନ୍ତ ଏହା ଉପରେ ନିଷ୍ପତ୍ତି ନେବାକୁ ଡିଜିପିଙ୍କୁ କହିଛନ୍ତି। ଶୁଣାଣି ବେଳେ ଜଷ୍ଟିସ ଅଜିତ କୁମାର କହିଛନ୍ତି, ଯଦି ଜଣେ ବ୍ୟକ୍ତି ନିଜର ଲିଙ୍ଗକୁ ନେଇ ଅନ୍ୟ କିଛି ଅନୁଭବ କରୁଛନ୍ତି, ସେ ନିଜର ଶାରୀରକ ଗଠନକୁ ନିର୍ଦ୍ଦିଷ୍ଟ ଭାବେ ଗଠନ କରିବାକୁ ଚାହୁଁଛନ୍ତି, ତାଙ୍କ ଭାବନା ଓ ବ୍ୟବହାର ବିପରୀତି ଲିଙ୍ଗ ଭଳି ରହିଛି, ତା'ହେଲେ ସେ ସର୍ଜରୀ ଦ୍ୱାରା ନିଜର ଲିଙ୍ଗ ପରିବର୍ତ୍ତନ କରିପାରିବେ। ଏହା ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଲାଗୁ। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଯଦି ଆମେ ଆଧୁନିକ ସମାଜରେ ଜଣେ ବ୍ୟକ୍ତିଙ୍କର ଏପରି ଅଧିକାର ପ୍ରତି ଧାନ ନ ଦେବା, ତା'ହେଲେ ଆମେ କେବଳ ଲିଙ୍ଗଗତ ଭିନ୍ନତା ସିଣ୍ଡ୍ରମକୁ ଉତ୍ସାହିତ କରୁଛେ ବୋଲି ଭାବିବାକୁ ପଡ଼ିବ। ଲିଙ୍ଗଗତ ପାର୍ଥକ୍ୟ ଯୋଗୁ ଜଣେ ବିଭିନ୍ନ ପ୍ରକାରର ରୋଗ, ଆଙ୍ଗାଇଟୀ, ଅବସାଦ, ନାକାରାମକ୍ ଚିନ୍ତାଧାରା ଓ ସେକ୍ସୁଆଲ ଶରୀର ଗଠନ ପ୍ରତି ବିତୃଷ୍ଣା ମନୋଭାବ ଦେଖାଇବେ। ଯଦି ମାନସିକ ହସ୍ତକ୍ଷେପ ଏହାକୁ ସମାଧାନ ନ କରିପାରୁଛି, ତା'ହେଲେ ସର୍ଜିକାଲ ହସ୍ତକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି କୋର୍ଟ କହିଛନ୍ତି। ୟୁପି ପୁଲିସ୍‌ର ଜଣେ ମହିଳା କନେଷ୍ଟବଲ ଲିଙ୍ଗଗତ ପାର୍ଥକ୍ୟ ଜନିତ ରୋଗରେ ପଡ଼ିଥିଲେ। ସେ ସର୍ଜରୀ ଦ୍ୱାରା ନିଜର ଲିଙ୍ଗ ପରିବର୍ତ୍ତନ କରି ଜଣେ ପୁରୁଷ ଭଳି ଶରୀର ଧାରଣ କରିବାକୁ ଅନୁମତି ମାଗିଛନ୍ତି। ସେ ଏନେଇ ଚଳିତ ବର୍ଷ ମାର୍ଚ୍ଚ ୧୧ରୁ ଡିଜିପିଙ୍କୁ ଅନୁମତି ମାଗିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା। ଏଥିପାଇଁ ସେ କୋର୍ଟରେ ରିଟ ପିଟିସନ ଦାଖଲ କରିଥିଲେ।

### ଇସ୍ରୋ ଫୋକସରେ ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ-ଏଲ୍-୧'

# ସେପ୍ଟେମ୍ବର ୨ରେ ଉତ୍‌କ୍ଷେପଣ

**ନୂଆଦିଲ୍ଲୀ :** ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠରେ ଅବତରଣ କରି ନୂତନ ଇତିହାସ ରଚିବାର ଗୋଟିଏ ଦିନ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ସେପଟ୍ମ୍ବର ୨ରେ ଆଦିତ୍ୟ-ଏଲ୍୧ ମିସନ୍ ଉତକ୍ଷେପଣ କରିବ ବୋଲି ଘୋଷଣା କରିଛି। ଆଦିତ୍ୟ-ଏଲ୍୧ ମିସନ ସୂର୍ଯ୍ୟଙ୍କ ଅଧ୍ୟୟନ ପାଇଁ ସମର୍ପିତ। ଅହମଦାବାଦସ୍ଥିତ ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର-ଇସ୍ରୋର ନିର୍ଦ୍ଦେଶକ ନୀଲେଶ ଏମ୍ ଦେଶାଇ ଗୁରୁବାର କହିଛନ୍ତି ଯେ ଆଦିତ୍ୟ-ଏଲ୍୧ ମିସନ ପ୍ରସ୍ତୁତ ହୋଇ ଅପେକ୍ଷା କରିଛି। ଆଦିତ୍ୟ-ଏଲ୧ ମିସନକୁ ଇସ୍ରୋ ପିଏସଏଲଭି ରକେଟ ଜରିଆରେ ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ର (ଏସଡିଏସସି ଏସଏଚଏଆର)ରୁ ଉତକ୍ଷେପଣ କରାଯିବ। ପୃଥିବୀଠାରୁ ପ୍ରାୟ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଗନ୍ତବ୍ୟସ୍ଥଳରେ ଏହି ମହାକାଶଯାନକୁ ପହଞ୍ଚିବାକୁ ୧୨୭ ଦିନ ଲାଗିବ ବୋଲି ନୀଲେଶ ଦେଶାଇ କହିଛନ୍ତି। ଏହା ଆଦିତ୍ୟ-ଏଲ୍-୧କୁ ଏକ ଅତ୍ୟନ୍ତ ଇଲାପ୍ଟିକାଲ କକ୍ଷପଥରେ ରଖିବ, ଯାହା ଦ୍ୱାରା ଏହା ସୂର୍ଯ୍ୟଙ୍କର ତୀକ୍ଷ୍ଣ ନିରୀକ୍ଷଣ କରିପାରିବ, ସୌର ଗତିବିଧି ଉପରେ ନଜର ରଖିପାରିବ। ଶତାବ୍ଦୀ ଶତାବ୍ଦୀ ଧରି ବୈଜ୍ଞାନିକ ଓ ମହାକାଶ ପ୍ରେମୀଙ୍କୁ ଆକର୍ଷିତ କରି ଆସୁଥିବା ନକ୍ଷତ୍ର ସୂର୍ଯ୍ୟର ଅନୁସନ୍ଧାନ ପାଇଁ ଆଦିତ୍ୟ-ଏଲ୍-୧ ମିସନ ଭାରତର ମହତ୍ୱାକାଂକ୍ଷୀ ପ୍ରୟାସକୁ ପ୍ରତିନିଧିତ୍ୱ କରୁଛି। ଏହି ମହାକାଶଯାନରେ ଏକ ଭିଜିବଲ୍ ଏମିସନ୍ ଲାଇନ୍ କୋରୋନାଗ୍ରାଫ୍ (ଭିଇଏଲ୍ସି) ରହିବ, ଯାହାକୁ ସୂର୍ଯ୍ୟର ଇମେଜିଂ ଏବଂ ସ୍ପେକ୍ଟ୍ରୋସ୍କୋପି ପାଇଁ ବ୍ୟବହାର କରାଯାଇ ନକ୍ଷତ୍ରକୁ ଶକ୍ତି ପ୍ରଦାନ କରୁଥିବା ବିଜ୍ଞାନକୁ ଭଲ ଭାବରେ ଅନୁଧ୍ୟାନ କରାଯିବ। ଭିଇଏଲସି ବ୍ୟତୀତ ଏହି ମହାକାଶଯାନରେ ଅନ୍ୟ ୬ଟି ଉପକରଣ ରହିବ, ଯାହା ସୂର୍ଯ୍ୟର ବୈଜ୍ଞାନିକ ଅନୁଶୀଳନ କରିବ। ଏହାର ୪ଟି ପେଲୋଡ୍ ସିଧାସଳଖ ସୂର୍ଯ୍ୟକୁ ଏଲ୍-୧ର ଅନନ୍ୟ ସ୍ଥଳରୁ ଦେଖୁଥିବା ବେଳେ ଅବଶିଷ୍ଟ ୨ଟି ପେଲୋଡ୍ ଲାଗ୍ରାଞ୍ଜ ପଏଣ୍ଟ ଏଲ୍-୧ରେ ଥିବା କଣିକା ଓ କ୍ଷେତ୍ରର ଅଧ୍ୟୟନ କରବ। ପୃଥିବୀ-ସୂର୍ଯ୍ୟ ମଣ୍ଡଳର ଏଲ୍୧ ପଏଣ୍ଟ ସୂର୍ଯ୍ୟର ଏକ ନିରବଚ୍ଛିନ୍ନ ଦୃଶ୍ୟ ପ୍ରଦାନ କରିବ ଏବଂ ବର୍ତ୍ତମାନ ନାସାର ସୌର ଏବଂ ହେଲିଓସ୍ଫେରିକ୍ ଅବଜର୍ଭେଟରି ଉପଗ୍ରହ ସୋହୋରକୁ ଏହି ସ୍ଥିତି କ୍ରମାଗତ ଭାବରେ ସୌର କାର୍ଯ୍ୟକଳାପ ନିରୀକ୍ଷଣ କରିବାରେ ଅଧିକ ଲାଭ ପ୍ରଦାନ କରିବ।

### ଉତ୍ତରପୂର୍ବ ରାଜ୍ୟ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାରେ ହାତ ମାରିବେନି କେନ୍ଦ୍ର ସରକାର



**ନୂଆଦିଲ୍ଲୀ:** ଭାରତର ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥା ଓ ଲାଗୁ ହେଉଥିବା ନିୟମରେ ହାତ ମାରିବାକୁ କେନ୍ଦ୍ର ସରକାର କୌଣସି ପ୍ରକାରର ଯୋଜନା ରଖି ନାହାନ୍ତି। ଆଜି ଏ ସମ୍ପର୍କରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇ ଦେଇଛନ୍ତି। ସଲିସିଟିର ଜେନେରାଲ ତୁଷାର ମେହେଟା ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କୁ କହିଛନ୍ତି ଯେ ମୋତେ ଏଠାରେ କ'ଣ କହିବାକୁ ପଡ଼ିବ, ସେକଥା କୁହାଯାଇଛି। ଆମକୁ ଅସ୍ଥାୟୀ ପ୍ରାବଧାନ ଧାରା ୩୭୦ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପାଇଁ ଲାଗୁ ହେଉଥିବା ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟକୁ ଦେଖିବାକୁ ପଡ଼ିବ। ଉତ୍ତର ପୂର୍ବ ଓ ଅନ୍ୟ ରିଜନକୁ ମିଳିଥିବା ସ୍ୱତନ୍ତ୍ର ପ୍ରାବଧାନରେ ହାତ ମାରିବାକୁ କେନ୍ଦ୍ର ସରକାର କୌଣସି ପ୍ରକାରର ଲକ୍ଷ୍ୟ ବା ଉଦ୍ଦେଶ୍ୟ ରଖି ନାହାନ୍ତି। ଧାରା ୩୭୦ ଉଚ୍ଛେଦକୁ ବିରୋଧ କରି ଅରୁଣାଚଳ ପ୍ରଦେଶର ଜଣେ ରାଜନେତାଙ୍କ ପାଇଁ ପକ୍ଷ ରଖୁଥିବା ଆଇନଜୀବୀ ମନୀଷ ତିୱାରୀ ଉତ୍ତର ପୂର୍ବର ସ୍ୱତନ୍ତ୍ର ପ୍ରାବଧାନ କଥା କହିଥିଲେ। ସେ କହିଥିଲେ, ଭାରତର ସମ୍ବିଧାନ ସବୁବେଳେ ଜାତୀୟ ସୁରକ୍ଷାର ଦସ୍ତାବିଜ ହୋଇ ରହିଛି। କ୍ଷମତାକୁ ବଳପୂର୍ବକ ଲାଗୁ କରିବାକୁ କୌଣସି ପ୍ରକାରର ଅଧିକାର ଦେଇ ନାହିଁ। ମୁଁ ଉତ୍ତରପୂର୍ବକୁ ଆସିବା ପୂର୍ବରୁ କେନ୍ଦ୍ରର ବିଭିନ୍ନ ପଦକ୍ଷେପ ମନରେ ଦ୍ୱନ୍ଦ୍ୱ ଓ ଆଶଙ୍କା ସୃଷ୍ଟି କରୁଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ହଟାଇବା ଭଳି କେନ୍ଦ୍ର ସରକାର ଉତ୍ତରପୂର୍ବରେ ଲାଗୁ ହେଉଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ପ୍ରତ୍ୟାହାର କରି ପାରନ୍ତି ବୋଲି ସେ ପରୋକ୍ଷରେ ଯୁକ୍ତି ରଖିଥିଲେ। ଏହାର ଜବାବରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଥିଲେ ଯେ କେନ୍ଦ୍ରର ସେମିତି କୌଣସି ଉଦ୍ଦେଶ୍ୟ ନଥିବା ବେଳେ ଆମେ କାହିଁକି କିଛି ଆଶଙ୍କା କରିବା? କେନ୍ଦ୍ର ସରକାର ବିବୃତି ମାଧ୍ୟରେ ଦ୍ୱନ୍ଦ୍ୱ ବା ଆଶଙ୍କା ଦୂର କରିଛନ୍ତି। ସଲିସିଟିର ଜେନେରାଲ ସାମ୍ବାଧାନିକ ମୂଲ୍ୟବୋଧ କଥା କହି ସାରିଥିବା ବେଳେ ଆମେ କେମିତି ଦ୍ୱନ୍ଦ୍ୱ ଓ ଆଶଙ୍କା ଭିତରେ ରହିବା? ଆମେ ଉକ୍ତ ପରିସୀମାରେ ପ୍ରବେଶ କରିବା ନାହିଁ। ଏବେ ଉତ୍ତର ପୂର୍ବ ଉପରେ ଫୋକସ ନ କରାଯାଉ। ଧାରା ୩୭୦ ଉଚ୍ଛେଦ ଉପରେ ପକ୍ଷ ରଖାଯାଉ। ସିଜେଆଇଙ୍କ ସହ ଏକମତ ହୋଇ ଜଷ୍ଟିସ ଏସକେ କୌଲ କହିଛନ୍ତି, ଧାରା ୩୭୦ ନିଶ୍ଚିତ ଗୋଟିଏ ଅସ୍ଥାୟୀ ପ୍ରାବଧାନ। ତଥାପି ଏହା ଅସ୍ଥାୟୀ ନୁହେଁ ବୋଲି ଯୁକ୍ତି ରଖାଯାଉଛି। ଏହା ହିଁ ପୂରା ମାମଲାର ବିଷୟବସ୍ତୁ। ଏହାପରେ ଅରୁଣାଚଳ ପ୍ରଦେଶର ରାଜନେତାଙ୍କ ଆବେଦନ ଖାରଜ କରି ଦେଇଥିଲେ।

# ୨୦୫୦ ସୁଦ୍ଧା ଶହେ କୋଟି ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ହେବେ



**ନୂଆଦିଲ୍ଲୀ :** ବିଶ୍ୱର ପ୍ରାୟ ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ୨୦୫୦ ସୁଦ୍ଧା ଆଣ୍ଠୁଗଣ୍ଠି ବାତ ରୋଗରେ ପୀଡ଼ିତ ହେବେ, ଯାହା ସାଧାରଣତଃ ଗଣ୍ଠିକୁ ଅଧିକ ସଂକ୍ରମିତ କରିବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୫% ଲୋକ ବର୍ତ୍ତମାନ ଏହି ରୋଗରେ ପୀଡ଼ିତ। ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ (୧୯୯୦ ରୁ ୨୦୨୦) ୩୦ ବର୍ଷ ଧରି ଏହି ସର୍ଭେ କରାଯାଇଥିଲା। ଏଥିରୁ ଏକଥା ପ୍ରମାଣିତ ହୋଇଛି। ୨୦୨୦ରେ ୫୯୫ ନିୟୁତ ଲୋକ ଏହି ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା, ଯାହା ୧୯୯୦ରେ ୨୫୬ ନିୟୁତ ଥିଲା। ୧୯୯୦ରୁ ୨୦୨୦ ମଧ୍ୟରେ ଏହି ରୋଗୀଙ୍କ ସଂଖ୍ୟା ପ୍ରାୟ ୧୩୨% ବୃଦ୍ଧି ପାଇଥିଲା। ଆମେରିକାର ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ ସଂସ୍ଥାନ(ଆଇଏଚଏମ୍ଇ)ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ଏହା ୨୦୨୧ରେ ବିଶ୍ୱ ଜନସଂଖ୍ୟା ଉପରେ ରୋଗର ପ୍ରଭାବକୁ ନେଇ କରାଯାଇଥିବା ସର୍ଭେର ଏକ ଅଂଶ ଥିଲା। ମେଦବହୁଳ ଲୋକଙ୍କୁ ଆଣ୍ଠୁଗଣ୍ଠିବାତ ରୋଗ ଅଧିକ ମାତ୍ରାରେ ହେଉଥିବା ଏହି ସର୍ଭେରେ ଜଣାପଡ଼ିଥିଲା। ଲୋକସଂଖ୍ୟା ବୃଦ୍ଧି ଘଟୁଥିବାବେଳେ ଲୋକେ ଦୀର୍ଘାୟୁ ହେଉଛନ୍ତି। ଏଭଳି ସ୍ଥିତିରେ ଆମକୁ ସ୍ୱାସ୍ଥ୍ୟ ବିଷୟରେ ଅଧିକ ସଚେତନ ହେବାକୁ ପଡ଼ିବ ବୋଲି ଆଇଏଚ୍ଏମ୍ଇର ବୈଜ୍ଞାନିକ ଜେମି ଷ୍ଟେଇନମେଜ୍ କହିଛନ୍ତି। ମେଦବହୁଳତା ତଥା ପୃଥୁଳ ଶରୀର ଆଣ୍ଠୁଗଣ୍ଠି ବାତ ରୋଗର ମୁଖ୍ୟ କାରଣ ବୋଲି କୁହାଯାଉଛି। ୧୯୯୦ରେ ୧୬% ମେଦବହୁଳ ରୋଗୀଙ୍କ ମଧ୍ୟରେ ଏହି ରୋଗ ଦେଖାଯାଉଥିବାବେଳେ ୨୦୨୦ ବେଳକୁ ଏହି ମାତ୍ରା ୨୦%କୁ ବୃଦ୍ଧି ପାଇଛି। ଯଦି ଲୋକଙ୍କ ମଧ୍ୟରେ ଦେଖାଯାଉଥିବା ମେଦବହୁଳ ରୋଗକୁ ରୋକାଯାଇପାରିବ, ତେବେ ଏହି ରୋଗର ମାତ୍ରା ୨୦%ରେ ସୀମିତ ରହିବ ବୋଲି ସର୍ଭେରେ କୁହାଯାଇଛି। ଶାରୀରିକ ପରିଶ୍ରମ ନ କରିବା ମେଦବୃଦ୍ଧିର ମୂଳକାରଣ ହୋଇଥିବାବେଳେ ଏହା କ୍ରମେ ଆଣ୍ଠୁଗଣ୍ଠିକୁ ସଂକ୍ରମିତ କରିଥାଏ ବୋଲି କୁହାଯାଉଛି। ସେହିପରି ପୁରୁଷଙ୍କ ତୁଳନାର ମହିଳାମାନେ ଏହି ରୋଗରେ ଅଧିକ ପୀଡ଼ିତ ହୋଇଥାନ୍ତି ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ୨୦୨୦ରେ ୬୧% ମହିଳା ଏବଂ ୩୯% ପୁରୁଷ ଏହି ରୋଗରେ ପୀଡ଼ିତ ଥିଲେ। ଏହା ହେଉଛି ଏହି ରୋଗର ଲିଙ୍ଗଗତ ବ୍ୟବଧାନ। ତେବେ କେଉଁ କାରଣରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମଧ୍ୟରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଯାଉଛି ସେନେଇ ଅଧ୍ୟୟନ ଚାଲିଛି। କିନ୍ତୁ ଗବେଷକମାନେ ବିଶ୍ୱାସ କରୁଛନ୍ତି, ବଂଶାନୁକ୍ରମିକ ହରମୋନାଲ ବ୍ୟବଧାନ ଏହି ରୋଗ ସଂକ୍ରମଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ସୁଦ୍ଧା ଏହି ରୋଗର ସଫଳ ଚିକିତ୍ସା ହୋଇପାରୁନଥିବାବେଳେ ସତର୍କତା ଏବଂ ଆଗୁଆ ପଦକ୍ଷେପ ଏହି ରୋଗକୁ ଜଟିଳ ହେବାରୁ ରୋକାଯାଇପାରିବ। ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ଭଳି ଖର୍ଚ୍ଚାନ୍ତ ଚିକିତ୍ସା ମଧ୍ୟ ଆପଣାଇପାରିବ କିନ୍ତୁ ଏହା ନିମ୍ନ ଓ ମଧ୍ୟ ଆୟକାରୀ ଲୋକଙ୍କ ଲାଗି ସମ୍ଭବ ନୁହେଁ ବୋଲି ଏହି ସର୍ଭେରେ କୁହାଯାଇଛି।

### ସିଭିସି ରିପୋର୍ଟରେ ଖୁଲାସା

# ୨୦୨୨ରେ ୧.୧୫ ଲକ୍ଷ ଦୁର୍ନୀତି ଅଭିଯୋଗ



**ନୂଆଦିଲ୍ଲୀ :** ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି) ନିଜର ବାର୍ଷିକ ରିପୋର୍ଟ ଜାରି କରିଛନ୍ତି। ଏଥିରେ ଦେଶର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ରହିଛି। ଗତ ବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରାଳୟ କର୍ମଚାରୀଙ୍କ ବିରୋଧରେ ସର୍ବାଧିକ ଅଭିଯୋଗ ମିଳିଥିବା ଜଣାପଡ଼ିଛି। ଏହା ପଛକୁ ରେଳ ଏବଂ ବ୍ୟାଙ୍କିଂ କ୍ଷେତ୍ର ରହିଛି। ଗତ ବର୍ଷ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗ ଏବଂ ସଙ୍ଗଠନର ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ୧,୧୫,୨୦୩ ଦୁର୍ନୀତି ଅଭିଯୋଗ ଆସିଥିଲା। ସର୍ବାଧିକ ୪୬,୬୪୩ ଅଭିଯୋଗ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ବିରୋଧରେ ରହିଥିଲା। ମୋଟ ଅଭିଯୋଗରୁ ୮୫,୪୩୭ଟିକୁ ସମାଧାନ କରିଦିଆଯାଇଛି। ଏବେ ୨୯,୭୬୬ ଅଭିଯୋଗ ପଡ଼ି ରହିଛି। ୨୨,୦୩୪ ମାମଲା ୩ ମାସ ଅଧିକ ସମୟ ହେଲା ପଡ଼ିଛି। ରିପୋର୍ଟ ଅନୁଯାୟୀ ରେଳ କର୍ମଚାରୀଙ୍କ ବିରୋଧରେ ୧୦,୫୮୦ ଏବଂ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ୮,୧୨୯ ଅଭିଯୋଗ ମିଳିଥିଲା। ରେଳ କର୍ମଚାରୀଙ୍କ ୯,୬୬୩ ମାମଲାର ଫଇସଲା ହୋଇଯାଇଛି। ୯୧୭ ଅଭିଯୋଗ ଏବେ ବି ପଡ଼ି ରହିଛି। ସେହିପରି ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଆସିଥିବା ୭,୭୬୨ ମାମଲାର ସମାଧାନ ହୋଇଥିବାବେଳେ ୩୬୭ ମାମଲା ପଡ଼ି ରହିଛି। ତିନି ମାସରୁ ଅଧିକ ସମୟ ହେଲା ୬୮ ମାମଲା ବିଚାରାଧୀନ ରହିଛି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିକାରୀଙ୍କ ବିରୋଧରେ ଆସିଥିବା ୨୩,୯୧୯ ମାମଲାର ସମାଧାନ ହୋଇସାରିଛି। ୨୨,୭୧୪ ମାମଲା ଏବେ ବି ପଡ଼ି ରହିଛି। ତିନି ମାସରୁ ଅଧିକ ସମୟ ହେଲା ୧୯,୧୯୮ ମାମଲା ବିଚାରାଧୀନ ରହିଛି। ସେହିପରି ଦିଲ୍ଲୀ ସରକାରୀ ଅଧିକାରୀଙ୍କ ବିରୋଧରେ ୭ ହଜାର ଅଭିଯୋଗ ଆସିଥିଲା।

### ଦ୍ରୁତ ଗତିରେ ବଢ଼ୁଛି ଧନୀ ଓ ଗରିବ ଅସମାନତା

# ୧ % ଲୋକଙ୍କ ପାଖରେ ୪୦%ରୁ ଅଧିକ ସମ୍ପତ୍ତି

**ନୂଆଦିଲ୍ଲୀ :** ଭାରତରେ ବୟସ୍କ ଲୋକମାନଙ୍କର ହାରାହାରି ସମ୍ପତ୍ତି ପ୍ରାୟ ୧୪ ଲକ୍ଷ ଟଙ୍କା ରହିଥିବା ୟୁନିଅନ୍ ବ୍ୟାଙ୍କ ଅଫ୍ ସ୍ୱିଜରଲ୍ୟାଣ୍ଡ (ୟୁବିଏସ୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ତେବେ ରିପୋର୍ଟରେ ଦର୍ଶାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଭାରତରେ ଧନୀ ଓ ଗରିବଙ୍କ ମଧ୍ୟରେ ସମ୍ପତ୍ତିଗତ ଅସମାନତା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଏହାର ସଦ୍ୟ ଉଦାହରଣ ଦେଉଛି ଦେଶର ଏକ ପ୍ରତିଶତ ଲୋକଙ୍କ ପାଖରେ ୪୦%ରୁ ଅଧିକ ସମ୍ପତ୍ତି। ୟୁବିଏସ୍‌ର 'ଗ୍ଲୋବାଲ୍ ୱେଲ୍ଥ ରିପୋର୍ଟ ୨୦୨୩' ଅନୁଯାୟୀ, ୨୦୦୦ ମସିହାରୁ ଭାରତର ଲୋକମାନଙ୍କ ସମ୍ପତ୍ତି ବୃଦ୍ଧି ପାଇବାରେ ଲାଗିଛି, କିନ୍ତୁ, ସେମାନେ ବିଶ୍ୱର ବୟସ୍କଙ୍କ ହାରାହାରି ସମ୍ପତ୍ତି ତୁଳନାରେ ବହୁ ପଛରେ ରହିଛନ୍ତି। ଭାରତୀୟ ବୟସ୍କଙ୍କ ସମ୍ପତ୍ତି ବିଶ୍ୱର ବୟସ୍କ ଲୋକଙ୍କ ହାରାହାରି ସମ୍ପତ୍ତିଠାରୁ ପାଞ୍ଚ ଗୁଣ କମ୍। ଏହାର ଅର୍ଥ ହେଉଛି ବିଶ୍ୱରେ ବୟସ୍କ ଲୋକଙ୍କ ହାରାହାରି ସମ୍ପତ୍ତି ପରିମାଣ ପ୍ରାୟ ୭୦ ଲକ୍ଷ ଟଙ୍କା ରହିଛି। ଚଳିତବର୍ଷ ଜୁନ୍ ପହିଲାରେ ପ୍ରକାଶିତ ଗ୍ଲୋବାଲ୍ ୱେଲ୍ଥ ରିପୋର୍ଟ ୨୦୨୩ରେ କୁହାଯାଇଥିଲା ଯେ ୨୦୦୮ରୁ ୨୦୨୨ ମଧ୍ୟରେ ସାରା ବିଶ୍ୱରେ ଲୋକଙ୍କ ସମ୍ପତ୍ତି ହ୍ରାସ ଘଟିଛି। ୨୦୨୨ରେ ବିଶ୍ୱରେ ଲୋକମାନଙ୍କର ମୋଟ ବ୍ୟକ୍ତିଗତ ସମ୍ପତ୍ତି ୪୫୪.୪ ଟ୍ରିଲିୟନ ଡଲାରରେ ପହଞ୍ଚିଛି ଅର୍ଥାତ୍ ପ୍ରାୟ ୩୮ ହଜାର ଲକ୍ଷ କୋଟି ଟଙ୍କା। ଏହା ୧୧.୩ ଟ୍ରିଲିୟନ ଡଲାର ଅର୍ଥାତ୍ ୨୦୨୧ର ମୋଟ ବ୍ୟକ୍ତିଗତ ସମ୍ପତ୍ତି ତୁଳନାରେ ପ୍ରାୟ ୯୪୦ ଲକ୍ଷ କୋଟି ଟଙ୍କା କମ୍। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଭାରତରେ ସମ୍ପତ୍ତିଗତ ଅସମାନତା ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। କାରଣ ୨୦୦୦ ମସିହାରେ, ଭାରତର ମୋଟ ଜନସଂଖ୍ୟାର ମାତ୍ର ୧ ପ୍ରତିଶତ ଲୋକଙ୍କ ପାଖରେ ଦେଶର ୩୩.୨ ପ୍ରତିଶତ ସମ୍ପତ୍ତି ରହିଥିଲା। କିନ୍ତୁ ୧୨ବର୍ଷ ପରେ ଅର୍ଥାତ୍ ୨୦୨୨ ବେଳକୁ ମଧ୍ୟ ଦେଶର ୪୦.୪ ପ୍ରତିଶତ ସମ୍ପତ୍ତି ସେହି ୧ ପ୍ରତିଶତ ଜନସଂଖ୍ୟା ନିକଟରେ ରହିଛି। 'ଗ୍ଲୋବାଲ୍ ୱେଲ୍ଥ ରିପୋର୍ଟ ୨୦୨୩'ରେ କୁହାଯାଇଛି ଯେ ୨୦୨୨ ସୁଦ୍ଧା ଦେଶରେ ମୋଟ ୮.୪୯ ଲକ୍ଷ ବିଲିୟନେୟାର ଅଛନ୍ତି। ଏଥିମଧ୍ୟରୁ ୫୪୮୦ ଜଣ ବିଲିୟନେୟାର, ଯେଉଁମାନଙ୍କର ସମ୍ପତ୍ତି ୧୦୦ ମିଲିୟନ ଡଲାରରୁ ଅଧିକ। ଚୀନ୍ ବିଷୟରେ କହିବାକୁ ଗଲେ ୨୦୨୧ ମସିହାରେ ଉଭୟ ଦେଶର ଅର୍ଥନୀତିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ୨୦୨୧ ମସିହାରେ ଭାରତର ଜିଡିପି ୯.୧% ହାରରେ ବୃଦ୍ଧି ପାଇଥିବାବେଳେ ପଡୋଶୀ ଚୀନ୍‌ର ଜିଡିପି ମଧ୍ୟ ୮.୪% ହାରରେ ବୃଦ୍ଧି ପାଇଛି। ତେବେ, ଗୋଟିଏ ବର୍ଷ ପରେ ଉଭୟ ଦେଶର ଜିଡିପିରେ ଏକ ବଡ଼ ପାର୍ଥକ୍ୟ ଦେଖାଗଲା। ୨୦୨୨ ମସିହାରେ, ଯେଉଁଠାରେ ଭାରତର ଜିଡିପି ୬.୮% ହାରରେ ବୃଦ୍ଧି ପାଇଛି, ସେଠି ଚାଇନାର ଜିଡିପି ଅଭିବୃଦ୍ଧି ହାର ମାତ୍ର ୩% ରହିଯାଇଛି। ଏହାର କାରଣ କରୋନା ଦ୍ୱାରା ସୃଷ୍ଟି ହୋଇଥିବା ଲକଡାଉନ୍‌କୁ ଦେଖାଯାଉଛି। ଏହା ବ୍ୟତୀତ ଚାଇନା ଷ୍ଟକ୍ ବଜାର ମଧ୍ୟ କିଛି ବିଶେଷ ପ୍ରଦର୍ଶନ କରି ନ ଥିଲା। ଚାଇନାରେ ପ୍ରଥମ ଥର ପାଇଁ ମୁଣ୍ଡପିଛା ସମ୍ପତ୍ତି ହ୍ରାସ ହେବାର ଏହି ସବୁ କାରଣ। କିନ୍ତୁ ମୁଣ୍ଡପିଛା ଆୟ ହ୍ରାସ ପରେ ମଧ୍ୟ ଭାରତ ଏବଂ ଚୀନ୍ ଲୋକଙ୍କ ହାରାହାରି ସମ୍ପତ୍ତିରେ ୫ ଗୁଣ ପାର୍ଥକ୍ୟ ରହିଛି। ଚାଇନାରେ ପ୍ରତ୍ୟେକ ବୟସ୍କଙ୍କ ସମ୍ପତ୍ତି ପରିମାଣ ୭୫,୭୩୧ ଡଲାର ଅର୍ଥାତ୍ ପ୍ରାୟ ୬୩ ଲକ୍ଷ ଟଙ୍କା ବା ତା'ଠାରୁ ଅଧିକ। ରିପୋର୍ଟ ଅନୁଯାୟୀ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ ଏବଂ ନେପାଳ, ମିଆଁମାର ଭଳି ଦେଶର ଅବସ୍ଥା ଅତ୍ୟନ୍ତ ଖରାପ। ପାକିସ୍ତାନ ଏବଂ ନେପାଳର ପ୍ରତ୍ୟେକ ବୟସ୍କଙ୍କ ସମ୍ପତ୍ତି ପ୍ରାୟ ୪ ଲକ୍ଷ ଟଙ୍କା। ବାଂଲାଦେଶରେ ଏହା ୮ ଲକ୍ଷ ଟଙ୍କା ହେବ। ଆସନ୍ତା ୫ବର୍ଷରେ ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ଦ୍ୱିଗୁଣିତ ହେବ। ୨୦୨୨ ସୁଦ୍ଧା ଭାରତରେ ୧୬୧ ବିଲିୟନେୟାର ରହିଛନ୍ତି, ଯାହା ୧୯୫ କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି।



# ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ୨୧ ନୂଆ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ବସ୍‌ଷ୍ଟାଣ୍ଡ ଯୋଜନା'ରେ ରାଜ୍ୟର ୧୩ଟି ଜିଲ୍ଲାରେ ୨୧ଟି ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ଏହାସହିତ ୨୬ଟି ଜିଲ୍ଲାରେ ୧୨୪ଟି ବ୍ଲକ୍‌ସ୍ତରୀୟ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତି ମଧ୍ୟ ରଖିଛନ୍ତି। ଏହାକୁ ପରିବହନ କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏ ସମସ୍ତ ବସ୍ ଷ୍ଟାଣ୍ଡ ସଂପୂର୍ଣ୍ଣ ହେଲେ, ରାଜ୍ୟର ୨ କୋଟି ଲୋକ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ସମସ୍ତ ବସ୍ ଷ୍ଟାଣ୍ଡ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍ ଷ୍ଟାଣ୍ଡ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀ ମାନଙ୍କ ପାଇଁ ସସସ୍ତ ପ୍ରକାର ସୁବିଧା ଉପଲବ୍‌ଧ ଅଛି। ଏହାସହିତ ମୁଖ୍ୟମନ୍ତ୍ରୀ ମୋ ପରିବହନ ସେବା ଓ ମୋବାଇଲ ଆପ୍‌ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ବିଭିନ୍ନ ପରିବହନ ସେବା ପାଇଁ ଆଉ ସରକାରୀ ଅଫିସକୁ ଯିବା ଆବଶ୍ୟକତା ରହିବ ନାହିଁ। ଡ୍ରାଇଭର ମାନଙ୍କୁ ଗାଡି ଚଳାଇବା କ୍ଷେତ୍ରରେ ଅଧିକ ଦକ୍ଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସୁ-ବାହକ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୫୦ ହଜାର ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଗଞ୍ଜାମର ପାଲୁର ଠାରେ ଏକ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ



କରିଥିଲେ। ସଡକ ଓ ସଡକ ବ୍ୟବହାରକରୀ ତଥା ଯାତ୍ରୀ ମାନଙ୍କ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଲ ପରିବହନ ବ୍ୟବସ୍ଥା ଏକ ଉନ୍ନତ ଅର୍ଥନୀତି ପାଇଁ ମାର୍ଗ ପରିଷ୍କାର କରିଥାଏ। ବିଭିନ୍ନ ସଂସ୍ଥାଗତ ସେବା ତଥା ସ୍କୁଲ, କଲେଜ, ହସ୍‌ପିଟାଲ ଆଦିର ସୁବିଧା ସହଜରେ ଉପଲବ୍‌ଧ ହୋଇପାରେ। ଏକ ଗତିଶୀଳ ସାମାଜିକ ଓ ଅର୍ଥନୈତିକ ସମାଜ ଗଠନ ଦିଗରେ ଏହା ଏକ କାଟାଲିଷ୍ଟ ଭାବରେ କାମ କରିଥାଏ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୨୩ ବର୍ଷ ଧରି ରାଜ୍ୟରେ ସୁଶାସନର ଧାରା ଅବ୍ୟାହତ ରହିଛି। ଗମନାଗମନର ବିକାଶ ପାଇଁ ରାଜ୍ୟରେ ସଡକ ପରିବହନ ସହିତ ରେଳ ଓ ଆକାଶମାର୍ଗରେ ପରିବହନର ବିକାଶ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ପୁରୀ ଠାରେ ଇଲେକ୍ଟ୍ରୋନିକ୍‌ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସୋନପୁର ଠାରେ ସଂସଦୀୟ ବ୍ୟାପାର ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ପରିବହନ ବ୍ୟବସ୍ଥା ଓ ବସ୍ ଷ୍ଟାଣ୍ଡ ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚପ୍ରଶଂସା କରିଥିଲେ। ୫ଟି ସଚିବ ଭି କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓ.ଏସ୍.ଆର.ଟି.ସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଉନ୍ନୟନ କମିଶନର ଅନୁ ଗର୍ଗ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରାଥମିକ ଶିକ୍ଷାର ହେବ ନବକଳେବର

# ନିଯୁକ୍ତି ପାଇବେ ୨୦ ହଜାର ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର :** ମାଧ୍ୟମିକ ଶିକ୍ଷାର ସୁଦୃଢ଼ୀକରଣ ପରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ନବକଳେବର କରିବାକୁ ପ୍ରସ୍ତୁତି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ଗଣଶିକ୍ଷା ବିଭାଗ ଅଧୀନରେ ଖୁବ୍ ଶୀଘ୍ର ୨୦ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇବେ। ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଚୁକ୍ତି ଭିତ୍ତିକ (କଣ୍ଟ୍ରାକଚୁଆଲ୍) ନିଯୁକ୍ତି ପ୍ରଥା ଉଚ୍ଛେଦ ହୋଇଥିବାବେଳେ ପ୍ରାଥମିକ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ପାଇଁ ୨୦ ହଜାର କନିଷ୍ଠ ଶିକ୍ଷକ(ଯୋଜନା ଭିତ୍ତିରେ)ଙ୍କୁ ନିୟୋଜନ କରାଯିବ। ଓସେପା ପକ୍ଷରୁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ଥିବାବେଳେ ସ୍ୱଚ୍ଛ ପଦ୍ଧତିରେ ନିଯୁକ୍ତି ପାଇଁ ବିଭାଗ ବିଶେଷ ଗୁରୁତ୍ୱ ଦେଉଛି। କେନ୍ଦ୍ରୀୟ ସଂସ୍ଥା 'ଏଡସିଲ୍'କୁ ଦକ୍ଷତା ପରୀକ୍ଷା ଆୟୋଜନ ପାଇଁ ଦାୟିତ୍ୱ ଦିଆଯିବାକୁ ଥିବାବେଳେ ଏନେଇ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି। ଏ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ଜଣେ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତ ମଧ୍ୟ କରାଯାଇଛି। କନିଷ୍ଠ ଶିକ୍ଷକ ନିଯୁକ୍ତି ଲାଗି ଆବେଦନ ପ୍ରକ୍ରିୟା ଆସନ୍ତା ମାସରୁ ଆରମ୍ଭ ହେବା ନେଇ ସୂଚନା ମିଳିଛି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ)ର ପରିବର୍ତ୍ତିତ ନିଷ୍ପତ୍ତିକୁ ଆଧାର କରି ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସେହିଭଳି ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ମଧ୍ୟ ବିଜ୍ଞପ୍ତିରେ ଗୁରୁତ୍ୱ ଦିଆଯିବ। ତେବେ ଏ ସମସ୍ତ ମାନଦଣ୍ଡକୁ ଭିତ୍ତିକରି ଖୁବ୍ ଶୀଘ୍ର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଚଳିତ ବର୍ଷ ଶେଷ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ପାଇଁ ବିଭାଗ ସ୍ତରରେ ନିଷ୍ପତ୍ତି ହୋଇଥିବା ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ମତ ଦେଇଛନ୍ତି।

ଦୂର ହେଲା ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘଦିନର ସମସ୍ୟା

# ଗ୍ରାମକଣ୍ଠ ପରମ୍ପୋକ ଜମିର ହସ୍ତାନ୍ତର ପ୍ରକ୍ରିୟା ହେଲା ସରଳ


**ଭୁବନେଶ୍ୱର :** ଦୀର୍ଘବର୍ଷ ଧରି ଦକ୍ଷିଣ ଓଡ଼ିଶାରେ ଲାଗି ରହିଥିବା ଗ୍ରାମକଣ୍ଠ ପରମ୍ପୋକ ଜମିର ହସ୍ତାନ୍ତର ସମସ୍ୟାର ପରିସମାପ୍ତି ହୋଇଛି। ଅଗଷ୍ଟ ୧୧ ତାରିଖରେ ହୋଇଥିବା କ୍ୟାବିନେଟ ନିଷ୍ପତ୍ତି ମୁତାବକ ଓଡ଼ିଶା ସରକାର ଭୂ-ବନ୍ଦୋବସ୍ତ ଆଇନ୍ ୧୯୮୩ର ସଂଶୋଧିତ ନିୟମାବଳୀ ଗେଜେଟ୍ ବିଜ୍ଞପ୍ତି ପ୍ରକାଶିତ ହେବା ଦ୍ୱାରା ଅବିଭକ୍ତ ଗଞ୍ଜାମ, କୋରାପୁଟ ଓ ଫୁଲବାଣୀ ଜିଲ୍ଲାବାସୀଙ୍କ ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ଏହି ସମସ୍ୟାର ଅନ୍ତ ଘଟିଛି। ଫଳରେ ପୁରୁଷାନୁକ୍ରମିକ ଆଇନଗତ ଭୋଗ ଦଖଲରେ ଥିବା ଗ୍ରାମକଣ୍ଠ ପରମ୍ପୋକ ଜମି କିଣାବିକା ଓ ବ୍ୟାଙ୍କରେ ବନ୍ଧକ ଦେବାରେ ଉପୁଜୁଥିବା ସମସ୍ୟାର ପରିସମାପ୍ତି ଘଟିଛି। ଏଥିସହିତ ଜମି ପଟ୍ଟାରେ ଲେଖାଯାଉଥିବା 'ଏହି ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ' ପ୍ରଥାର ମଧ୍ୟ ବିଲୋପ ହୋଇଛି। ଆଂଶିକ ନିର୍ମାଣ ହୋଇଥିବା ବା ଖାଲିଥିବା ପଡ଼ିଆ ଜମିକୁ ବାଣିଜ୍ୟିକ କିସମ ଜମି ଭାବେ ବିବେଚନା କରି କିଣାବିକା ବା ହସ୍ତାନ୍ତର ସମୟରେ ବଜାର ଦରର ୨୦% ଅର୍ଥ ସଲାମୀ ଆକାରରେ ଦେବାକୁ ପଡୁଥିଲା। ଯାହାକି ବର୍ତ୍ତମାନ ୨% ଅର୍ଥ ପ୍ରଦାନ କରି ସତ୍ତ୍ୱାଧିକାର ପରିବର୍ତ୍ତନ ହୋଇପାରିବ। ସେହିପରି ବାର୍ଷିକ ଖଜଣା (ସିସ୍ତ), ଜମିର ବଜାର ମୂଲ୍ୟର ୧% ଦେବାକୁ ପଡୁଥିଲା, ଯାହାକି ଅତ୍ୟଧିକ ଥିଲା। ପରିବର୍ତ୍ତିତ ନିୟମାବଳୀରେ ଏହାର ବିଲୋପ ହୋଇ "ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମାବଳୀ-୧୯୬୨" ପ୍ରକାରେ, ଅନ୍ୟ ସାଧାରଣ ଜମି ଭଳି ବାର୍ଷିକ ଖଜଣା (ସିସ୍ତ) ଦେବାକୁ ପଡ଼ିବ। ଫଳରେ ଦକ୍ଷିଣ ଓଡ଼ିଶାବାସୀ ଦୀର୍ଘଦିନରୁ ଭୋଗ କରୁଥିବା ସମସ୍ୟାର ଅନ୍ତଘଟିଛି। ଦୀର୍ଘ ୪ ବର୍ଷ ହେଲା ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ



ବିକ୍ରମ କୁମାର ପଣ୍ଡା ଏ ପ୍ରସଙ୍ଗ ବହୁବାର ବିଧାନସଭାରେ ଉତ୍ଥାପନ କରିବା ସହ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ରାଜସ୍ୱ ସଚିବ, '୫-ଟି' ସଚିବ ତଥା ଗଞ୍ଜାମ ଜିଲ୍ଲାପାଳଙ୍କ ସହ ବହୁବାର ଆଲୋଚନା କରିଆସୁଥିଲେ। ଗଞ୍ଜାମ ଚ୍ୟାମ୍ବର ଅଫ୍ କମର୍ସ ଓ ଅନ୍ୟାନ୍ୟ ସଂଗଠନର ପ୍ରତିନିଧି ମଣ୍ଡଳୀଙ୍କୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସହ ବହୁବାର ଆଲୋଚନା କରି ଏହାର ସମାଧାନ ପାଇଁ ଲଗାତାର ଉଦ୍ୟମ କରିଥିଲେ। ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ କରିଥିବାରୁ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜୁ ଜନତା ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟ ଶାସନ ସଚିବ, '୫-ଟି' ସଚିବ, ରାଜସ୍ୱ ସଚିବ ତଥା ଗଞ୍ଜାମ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରାଜ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୧୭ ଲକ୍ଷରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର :** ଦେଶରେ କୁକୁର କାମୁଡ଼ା ଜନିତ ମାମଲାରେ ଓଡ଼ିଶା ପ୍ରଥମ ୧୦ ରାଜ୍ୟ ମଧ୍ୟରେ ରହିଛି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୨୨ ମସିହାରେ ଓଡ଼ିଶାରେ ୬୪ ହଜାର ୬୪୨ ଟି କୁକୁର କାମୁଡ଼ା ମାମଲା ଘଟିଥିବା ବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୫୯୦୮୫ ରହିଛି। ତେବେ ଗତ ବର୍ଷ ମହାରାଷ୍ଟ୍ରରେ ସର୍ବାଧିକ ୩,୯୦,୮୭୮ କୁକୁର କାମୁଡ଼ିବା ମାମଲା ହୋଇଥିବା ବେଳେ ଉତ୍ତରପ୍ରଦେଶ ୧.୯୧ ଲକ୍ଷ, ଆନ୍ଧ୍ରପ୍ରଦେଶ ୧.୮୯ ଲକ୍ଷ, ଗୁଜୁରାଟ ୧.୬୯ ଲକ୍ଷ, କର୍ଣ୍ଣାଟକ ୧.୬୩ ଲକ୍ଷ, ବିହାର ୧.୪୧ ଲକ୍ଷ, ତେଲେଙ୍ଗାନା ୯୨,୬୧୩, ରାଜସ୍ଥାନ ୮୭,୪୦୧, ମଧ୍ୟପ୍ରଦେଶ ୬୫,୮୩୩ ଟି ମାମଲା ସାମନାକୁ ଆସିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ଇଣ୍ଟିଗ୍ରେଟେଡ୍ ହେଲଥ୍ ଇନଫରମେସନ୍ ପ୍ଲାଟଫର୍ମ (ଆଇଡିଏସ୍ପି)ର ତଥ୍ୟ ଆଧାରରେ ଏହି ସୂଚନା ଦିଆଯାଇଛି। ରୋଗୀଙ୍କର ମତାମତ ଓ ଚିକିତ୍ସା ଅନୁଯାୟୀ



ଡାକ୍ତରଖାନାଗୁଡ଼ିକ ଆଇଡିଏସ୍ପିକୁ ତଥ୍ୟ ଦେଇଥାଏ। ମାତ୍ର ଘରୋଇ ହସ୍ପିଟାଲ୍ ଓ ପ୍ରାକ୍ଟିସନ୍‌ର ମାନଙ୍କଠାରେ ଅନେକ ଲୋକ କୁକୁର କାମୁଡ଼ା ଚିକିତ୍ସା କରାଉଥିଲେ ମଧ୍ୟ ଏହି ତଥ୍ୟ ପ୍ରଦାନ କରୁନାହାନ୍ତି। ଯାହାଦ୍ୱାରା ରାଜ୍ୟରେ ଏହି ସଂଖ୍ୟା ଆହୁରି ଅଧିକ ହେବାର ଆଶଙ୍କା ପ୍ରକାଶ ପାଇଛି। ୨୦୧୯ର ପଶୁଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଦେଶର ଦ୍ୱିତୀୟ ସର୍ବାଧିକ ସଂଖ୍ୟା ଅର୍ଥାତ ୧୭ ଲକ୍ଷ କୁକୁର ରହିଛନ୍ତି। ସହାରଞ୍ଚଳରେ କୁକୁରଙ୍କ ସଂଖ୍ୟା ଅଧିକ ରହୁଥିବା ବେଳେ ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) କାର୍ଯ୍ୟକ୍ରମର ବିଫଳତା ହେତୁ କୁକୁର କାମୁଡ଼ା ଜନିତ ସମସ୍ୟା ବୃଦ୍ଧି ହେଉଛି। ରାଜଧାନୀ ଭୁବନେଶ୍ୱରରେ ଏବିସି ମାନଦଣ୍ଡର ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜୁଲାଇ ୬ ତାରିଖରୁ କୁକୁର ବନ୍ଧ୍ୟାକରଣ ଉପରେ ରୋକ ଲାଗାଯାଇଛି। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୧୨ ଟି ସହରାଞ୍ଚଳରେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ଅନୁଗୁଳ, ଜଗତସିଂହପୁର, ବାରିପଦା, ବ୍ରହ୍ମପୁର, ବାଲେଶ୍ୱର, ଭବାନୀପାଟଣା, ରାଉରକେଲା ଏବଂ ଯାଜପୁରରେ ଏବିସି କାର୍ଯ୍ୟକ୍ରମ କରିଆସୁଛି। ବିଭାଗର ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୧-୨୨ ମସିହାରେ ରାଜଧାନୀରେ ୨,୧୫୦ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିବା ବେଳେ ତା' ପୂର୍ବ ବର୍ଷ ଏହି ସଂଖ୍ୟା ୧୦୨୪ ଥିଲା। ଅନ୍ୟପଟେ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ଏହି ସଂଖ୍ୟା ଯଥେଷ୍ଟ କମ୍ ରହିଥିବା ଜଣାପଡ଼ିଛି। କଟକରେ ଏହି ସଂଖ୍ୟା ୪୬୩, ସମ୍ବଲପୁରରେ ୧୫୨, ରାଉରକେଲାରେ ୧୫୨, ବାରିପଦାରେ ୨୩୧ ଏବଂ ପୁରୀରେ ୮୫୬ ରହିଥିଲା। ସାଧାରଣତଃ କୁକୁରଙ୍କ ପ୍ରଜନନ ସମୟ (ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର)ରେ କୁକୁର ଅଧିକ ଆକ୍ରମଣାତ୍ମକ ରହିଥାନ୍ତି। ଏହି ସମୟରେ କୁକୁର କାମୁଡ଼ାରୁ ବର୍ତ୍ତିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ବନ୍ତଲା ଅଗ୍ନିଶମ ସେବା କେନ୍ଦ୍ର ପାଇଁ ୧୫ଟି ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର :** ଅନୁଗୁଳ ଜିଲ୍ଲା ବନ୍ତଲା ଠାରେ ନୂତନ ଭାବେ ସ୍ଥାପିତ ଅଗ୍ନିଶମ ସେବା କେନ୍ଦ୍ର ପାଇଁ ବିଭିନ୍ନ ବର୍ଗର ୧୫ଟି ପଦବୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ ବନ୍ତଲା ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଏକ ନୂତନ ଅଗ୍ନିଶମ ସେବା କେନ୍ଦ୍ର ସ୍ଥାପନ ପାଇଁ ଗତ ଜୁଲାଇ ମାସରେ ଅନୁମୋଦନ ଦେଇଥିଲେ। ଏହାସହିତ ଆଜି ଏହି ନୂତନ ଅଗ୍ନିଶମ ସେବା କେନ୍ଦ୍ର ପାଇଁ ୧୫ଟି ପଦବୀ ଅନୁମୋଦନ କରିଛନ୍ତି। ଏହି ପଦବୀ ଗୁଡିକ ହେଲା – ଗୋଟିଏ ଷ୍ଟେସନ ଅଫିସର, ଦୁଇଟି ଲିଡିଂ ଫାୟାରମ୍ୟାନ୍, ଗୋଟିଏ ଡ୍ରାଇଭର-ହାବିଲଦାର, ଗୋଟିଏ ଫାୟାରମ୍ୟାନ ଡ୍ରାଇଭର ଏବଂ ୧୦ଟି ଫାୟାରମ୍ୟାନ ପଦବୀ। ଖୁବଶୀଘ୍ର ଏହି ପଦବୀ ଗୁଡିକ ପୂରଣ ହୋଇ ବନ୍ତଲା ଅଗ୍ନିଶମ ସେବା କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଅକ୍ଟୋବରରେ ସରିବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

# ଭକ୍ତଙ୍କୁ ମିଳିବ ଅତ୍ୟାଧୁନିକ ସୁବିଧା

**ପୁରୀ :** ପୁରୀରେ ଅବଢ଼ା ଯୋଜନାରେ ଅନେକଗୁଡ଼ିଏ ପ୍ରକଳ୍ପ କାମ ଚାଲିଥିବା ବେଳେ ସେହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ କେଉଁଭଳି ସ୍ଥିତିରେ ରହିଛି ସେ ନେଇ ସମୀକ୍ଷା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ, ରଘୁନନ୍ଦନ ଲାଇବ୍ରେରୀ, ଶ୍ରୀମନ୍ଦିର ପ୍ରଶାସନିକ କୋଠା, ତୀର୍ଥ ପୁଷ୍କରିଣୀ ସମେତ ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ଓବିସିସିର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଯାତ୍ରୀ ପରିକ୍ରମା ପ୍ରକଳ୍ପରେ ଭକ୍ତଙ୍କ ପାଇଁ ରହିବ ୯ ଟି ପ୍ରବେଶ ପଥ। ଦୁଇଟି ସ୍ଥାନରେ ୩ ହଜାର ଭକ୍ତଙ୍କ ପାଇଁ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ।



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପାର୍ଶ୍ୱରେ ଓ ଏମାର ମଠ ନିକଟରେ ହେବ ନିର୍ମାଣ। ରଘୁନନ୍ଦନ ଲାଇବ୍ରେରୀ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ। ଗୋପାଳତୀର୍ଥ ମଠ ଓ ନାରାୟଣୀ ମନ୍ଦିରର କରାଯିବ ପୁନରୁଦ୍ଧାର। ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଅବଢ଼ା ଯୋଜନା ସମୀକ୍ଷା ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ସୁଦ୍ଧା ଯାତ୍ରୀ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରି ଭକ୍ତଙ୍କ ପାଇଁ ବ୍ୟବହାର ଉପଯୋଗୀ କରାଯିବା ସହ ଶ୍ରୀମନ୍ଦିର ଚାରି ଦ୍ୱାର ଭକ୍ତଙ୍କ ପାଇଁ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ଶ୍ରୀମନ୍ଦିର ଭିତରେ ଓ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଏକ ଏଜେନ୍ସି ସହ ଆଲୋଚନା କରାଯାଇଛି। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଯାତ୍ରୀ ପରିକ୍ରମା ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ୧୮ଟି ମଠ ଓ ଦୁଇଟି ମନ୍ଦିରର ମଧ୍ୟ ବିକାଶ କରାଯିବ। ଅକ୍ଟୋବର ସୁଦ୍ଧା ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ବୈଠକରେ ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ଆବାସ ଯୋଜନା, ଜେଟିପି ପୋଲିସଙ୍କ ପାଇଁ ବ୍ୟାରାକ୍, ଦିବ୍ୟାଙ୍ଗ ଭକ୍ତଙ୍କ ନିମନ୍ତେ ପୂର୍ବପରି ରାମ୍ପ ଓ ପୀଠୁ କିମ୍ବା ଅନ୍ୟ କଣ ବିକଳ୍ପ ବ୍ୟବସ୍ଥା କରାଯିବ ସେ ନେଇ ତର୍ଜମା ହୋଇଥିଲା। ତେବେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ କରାଯାଉଥିବା ଏହି ସବୁ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି।

## ରାତିରେ ଖୋଲିବ ନନ୍ଦନକାନନ

**ଭୁବନେଶ୍ୱର :** ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ପାଇଁ ରାତିରେ ନନ୍ଦନକାନନ ଖୋଲିବାକୁ ନେଇ ଯୋଜନା କରିଛନ୍ତି। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। କିନ୍ତୁ ଖୁବ୍‌ଶୀଘ୍ର ରାତିରେ ବି ନନ୍ଦନକାନନ ବୁଲିବାର ମଜା ଉଠାପାରିବେ ପର୍ଯ୍ୟଟକ। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ଜାତୀୟ ଚିଡ଼ିଆଖାନା ପ୍ରାଧିକରଣ (ସିଜେଡ୍ଏ)ଙ୍କ ନିକଟରେ ପ୍ରସ୍ତାବ ରଖାଯାଇଛି। ନିକଟରେ ଏଭଳି କିଛି ନୂଆ ବ୍ୟବସ୍ଥାକୁ ନେଇ ନନ୍ଦନକାନନ ମାଷ୍ଟରପ୍ଲାନ ଦାଖଲ କରିଛି। ଆସନ୍ତା (୨୦୨୦-୪୦)୨୦ବର୍ଷ ପାଇଁ ଏହି ପ୍ରସ୍ତାବ ଦିଆଯାଇଛି। ସନ୍ଧ୍ୟା ୬ରୁ ୭ କିମ୍ବା ୭ରୁ ୮ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବାର ବ୍ୟବସ୍ଥା କରାଯିବା ନେଇ ଚିନ୍ତା କରାଯାଉଛି। ମାଷ୍ଟରପ୍ଲାନରେ ନନ୍ଦନକାନନ କଳେବର ବୃଦ୍ଧି ପାଇଁ ବି ପ୍ରସ୍ତାବ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦନକାନନର ପରିସୀମାକୁ ବୃଦ୍ଧିକରିବା ପାଇଁ ଚୂଡ଼ଙ୍ଗ ଓ କୃଷ୍ଣନଗର ଅଞ୍ଚଳକୁ ସାମିଲ କରାଯାଇ ନନ୍ଦନକାନନର ସମୁଦାୟ ପରିସୀମାକୁ ୧,୦୪୩ ହେକ୍ଟର ପରିମିତ ଜାଗାକୁ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହେଲେ ଚୂଡ଼ଙ୍ଗ ଓ କୃଷ୍ଣନଗର ଗ୍ରାମବାସୀଙ୍କ ବିରୋଧ ଯୋଗୁ ଜାଗା ଅକ୍ତିଆର କରିବା ପ୍ରକ୍ରିୟା ସାମୟିକଭାବେ ବନ୍ଦ ରହିଛି। ଏହି ଜାଗା ନନ୍ଦନକାନନରେ ମିଶିଯିବା ପରେ ନାଇଟ୍ ସଫାରି କରିବା ପାଇଁ ନନ୍ଦନକାନନ ପକ୍ଷରୁ ଯୋଜନା କରାଯାଇଛି। ରାତ୍ରିଚର ଜୀବଙ୍କୁ ଦେଖିବାକୁ ନକ୍‌ଚରାଲ ଡ୍ରିଲ ସଫାରି ବ୍ୟବସ୍ଥା ମଧ୍ୟ କରାଯିବାର ଯୋଜନା କରାଯାଉଛି। ତେବେ ମନୋନୀତ ଲୋକ କେବଳ ରାତ୍ରିଚର ଜୀବଙ୍କୁ ଦେଖିବା ପାଇଁ ଯାଇପାରିବେ। ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏ ନେଇ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି କହିଛନ୍ତି, ଶିକ୍ଷାଗତ ସଚେତନତା ପାଇଁ ରାତିରେ ନନ୍ଦନକାନନ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ସରକାର ଅନୁମୋଦନ ଦେଲେ ହୋଇପାରିବ। ଯଦି ପ୍ରସ୍ତାବ ଅନୁସାରେ ସବୁକିଛି ଠିକ୍ ହୋଇଯାଏ ତେବେ ପର୍ଯ୍ୟଟକମାନେ ଖୁବ୍‌ଶୀଘ୍ର ରାତିରେ ନନ୍ଦନକାନନ ବୁଲିପାରିବେ ବୋଲି ପିସିସିଏଫ୍ ଆଶାବ୍ୟକ୍ତ କରିଛନ୍ତି।

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ

# ମୁଖ୍ୟମନ୍ତ୍ରୀ ଏସ୍‌ଆରଆଇଏମ୍ ଯୋଜନା ଆରମ୍ଭ

**ଭୁବନେଶ୍ୱର :** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ଆହୁରି ସମୃଦ୍ଧି ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି, 'ଚିଫ୍ ମିନିଷ୍ଟର୍ସ ସ୍କିମ୍ ଫର ରିମ୍ବର୍ସମେଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ ଟୁ ଏମ୍‌ଏସ୍‌ଏମଇ (ସିଏମ୍-ଏସ୍‌ଆରଆଇଏମ୍) ଯୋଜନା। ଏହି ଯୋଜନା ଅଧିନରେ ଉତ୍ପାଦନ ଆରମ୍ଭ କରିଥିବା ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ଗୁଡ଼ିକୁ ସରକାର ଚାରିଟି ବର୍ଗରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ। ସମ୍ପର୍କରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ୨୦୨୦ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଉତ୍ପାଦନ ଆରମ୍ଭ କରିଥିବା ୟୁନିଟ୍ ଗୁଡିକ ଆର୍ଥିକ ପ୍ରୋତ୍ସାହନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। କାର୍ଯ୍ୟଶୈଳୀ ପୁଞ୍ଜିରଣ ଉପରେ ରାଜ୍ୟ ସରକାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୧୦୦% ଅର୍ଥ ଫେରସ୍ତ ଦିଆଯିବ। ସେହିପରି ୧୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ଋଣ କରିଥିବା ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ଗୁଡ଼ିକୁ ସରକାର ୭୫% ଅର୍ଥ ଫେରସ୍ତ ଦେବେ। ୫୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ଋଣକରି କାମ ଆରମ୍ଭ କରିଥିବା କମ୍ପାନୀଙ୍କୁ ୫୦% ଏବଂ ୧ କୋଟିରୁ ୩ କୋଟି ଟଙ୍କା ଋଣ ଉପରେ ୨୫% ଅର୍ଥ ଫେରସ୍ତ ମିଳିବ। ଏ ସମ୍ପର୍କରେ ବିଭାଗ ପକ୍ଷରୁ ବିସ୍ତୃତ ମାର୍ଗଦର୍ଶିକା ଜାରିକରାଯିବ ବୋଲି କୁହାଯାଇଛି। ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ଗୁଡ଼ିକୁ ବ୍ୟାଙ୍କ ଋଣ ଉପରେ ସବ୍ସିଡି ପ୍ରଦାନ କରିବା ପାଇଁ ଗତ ବଜେଟ ଅଧିବେସନରେ ଅର୍ଥ ମନ୍ତ୍ରୀ ଘୋଷଣା କରିଥିଲେ। ଏହି କ୍ରମରେ ସେମାନଙ୍କୁ ୩ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ (ୱାର୍କିଂ କ୍ୟାପିଟାଲ) ଉପରେ ୨୫%ରୁ ୧୦୦% ପର୍ଯ୍ୟନ୍ତ ସବ୍‌ସିଡି ମିଳିବ ବୋଲି



କୁହାଯାଇ ଥିଲା। ଏବାବଦରେ ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌କୁ ୧୫୦ କୋଟିରୁ ୨୦୦ କୋଟି ଟଙ୍କା ଦେବେ। ବୃହତ ଶିଳ୍ପାନୁଷ୍ଠାନ ତୁଳନାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସର୍ବାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଦେଶ ଓ ରାଜ୍ୟର ଆର୍ଥିକ ବିକାଶରେ ଏମ୍‌ଏସ୍‌ଏମ୍‌ଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ମହତ୍ୱାକାଂକ୍ଷୀ ପଦକ୍ଷେପ ନେଇଛନ୍ତି। ଗତବର୍ଷ ଡିସେମ୍ବରରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ବିକାଶ ନୀତି-୨୦୨୨କୁ ଅନୁମୋଦନ କରାଯାଇଛି। ଏହି ନୀତି ଏମ୍‌ଏସ୍‌ଏମ୍‌ଇର ପ୍ରଗତି ନିମନ୍ତେ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଘୋଷଣା କରୁଛି ଯାହା ଏହି ଉଦ୍ୟୋଗର ଅଭିବୃଦ୍ଧି କରିବା ସହିତ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧିରେ ସହାୟକ ହେବ। ସେହିପରି ରପ୍ତାନିକୁ ପ୍ରୋତ୍ସାହନ ଦେବା ଲାଗି ବିଭାଗ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲୁଟିସି), ଭୁବନେଶ୍ୱର ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ (ଏଫ୍‌ଆଇଇଓ) ସହିତ ରାଜ୍ୟ ସରକାର କାମ କରୁଚନ୍ତି। ସାଧାରଣତଃ ରପ୍ତାନି ପୂର୍ବରୁ ଉତ୍ପାଦ ପରୀକ୍ଷଣ, ଦେଶ ଅନୁସାରେ ପ୍ରମାଣପତ୍ର ଯୋଗାଡ଼ ଆଦି କାର୍ଯ୍ୟ ପାଇଁ ଏମ୍‌ଏସ୍‌ଏମଇ ୟୁନିଟ୍ ନିଜ ପକେଟରୁ ଖର୍ଚ୍ଚ କରୁଥିବା ୭/୮ ପ୍ରକାର ଖର୍ଚ୍ଚ ରାଜ୍ୟ ସରକାର ଭରଣା କରିବେ। ୨୦୨୨-୨୩ ଆର୍ଥିକ ବର୍ଷରେ ୪୪୪ଟି ଏମ୍‌ଏସ୍‌ଏମଇ ୟୁନିଟ୍‌କୁ ସରକାର ୪୯ କୋଟି ଟଙ୍କା ସହାୟତା ଦେଇଥିବା ବେଳେ ୨୦୧୭-୧୮ରୁ ଏପର୍ଯ୍ୟନ୍ତ ୨୫୦୦ ୟୁନିଟ୍‌କୁ ୨୮୦ କୋଟି ଟଙ୍କା ସହାୟତା ଦିଆଯାଇଛି। ଅପରପକ୍ଷେ ରାଜ୍ୟ ସରକାର ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ସହାୟତା ବାବଦରେ ୧୮.୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟରେ ଉତ୍ତମ ଗମନାଗମନ ଓ ପରିବହନ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏହାର ସିଧାସଳଖ ପ୍ରଭାବ ଆମଦାନୀ ଓ ରପ୍ତାନି ଉପରେ ପଡୁଛି। ବିଭିନ୍ନ ପ୍ରକାରକ କୃଷିଜାତ ଦ୍ରବ୍ୟ, ପ୍ରସାଧନ ସାମଗ୍ରୀ, ସାମୁଦ୍ରିକ ଖାଦ୍ୟ, ହସ୍ତଶିଳ୍ପ ଓ ହସ୍ତକଳା ଭଳି ବିଭିନ୍ନ କ୍ଷେତ୍ରରୁ ରପ୍ତାନି ବୃଦ୍ଧି ପାଉଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ଅଗଷ୍ଟ - ୩ ସେପ୍ଟେମ୍ବର, ୨୦୨୩

# ସଫଳତାର ଅନେକ ବନ୍ଧୁ

୨୦୨୩ ଅଗଷ୍ଟ ୨୩, ଗତ ବୁଧବାର ଭାରତ ଚନ୍ଦ୍ରଯାନ-୩ ସଫଳତାର ସହ ଅବତରଣ କରି ଇତିହାସ ରଚିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାରେ ଭାରତ ବିଶ୍ୱର ପ୍ରଥମ ଦେଶ। କିନ୍ତୁ ଆଉ ଏକ କ୍ଷେତ୍ରରେ ରେକର୍ଡ କରିଛି ଇସ୍ରୋ। ଚନ୍ଦ୍ରଯାନର ୟୁଟ୍ୟୁବ ଲାଇଭ ଷ୍ଟ୍ରିମିଂ ବିଶ୍ୱର ସବୁଠାରୁ ଅଧିକ ଲୋକ ଦେଖିଥିବା ଲାଇଭ ଷ୍ଟ୍ରିମିଂରେ ପରିଣତ ହୋଇଛି। ପ୍ରାୟ ୮୫ ଲକ୍ଷ ଲୋକ ଏହି ଲାଇଭ ଷ୍ଟ୍ରିମିଂ ଦେଖିଥିଲେ। ଏହା ଏକ ବିଶ୍ୱରେକର୍ଡ। ଏହା ପୂର୍ବରୁ ବ୍ରାଜିଲ ବନାମ୍ କ୍ରୋଏସିଆ ମ୍ୟାଚର ଲାଇଭ୍ ଷ୍ଟ୍ରିମିଂକୁ ପ୍ରାୟ ୬୧ ଲକ୍ଷ ଲୋକ ଦେଖିଥିଲେ। ଇସ୍ରୋ ୟୁଟ୍ୟୁବ ଚ୍ୟାନେଲରେ ଯେତିକି ସବସ୍କ୍ରାଇବର ନଥିଲେ ତାଠାରୁ ଅଧିକ ଲୋକ ତାହାକୁ ଲାଇଭ ଦେଖିଥିଲେ। ସେହି କିଛି ଘଣ୍ଟା ମଧ୍ୟରେ ଇସ୍ରୋର ୟୁଟ୍ୟୁବ ଚ୍ୟାନେଲରେ ସବସ୍କ୍ରାଇବର ସଂଖ୍ୟା ୧୦ ଲକ୍ଷ ବୃଦ୍ଧି ପାଇଥିଲା। ଏହି ୧୦ ଲକ୍ଷ ସହ ଇସ୍ରୋ ୟୁଟ୍ୟୁବ ଚ୍ୟାନେଲରେ ଏବେ ପ୍ରାୟ ସାଢେ ୩୭ ଲକ୍ଷ ସବସ୍କ୍ରାଇବର ଅଛନ୍ତି। କେବଳ ୟୁଟ୍ୟୁବ ନୁହେଁ, ଫେସବୁକରେ ବି ଏହାକୁ ପ୍ରାୟ ୩ ଲକ୍ଷ ୫୫ ହଜାର ଦର୍ଶକ ଦେଖୁଥିଲେ। ସେହିପରି ଦୂରଦର୍ଶନର ୟୁଟ୍ୟୁବ ଚ୍ୟାନେଲରେ ଏହାକୁ ପ୍ରାୟ ୭ ଲକ୍ଷ ୫୦ ହଜାର ଦର୍ଶକ ଦେଖିଥିଲେ। ଭାରତର ଚନ୍ଦ୍ର ମିଶନ ସଫଳ ହେବା ଫଳରେ ଭାରତକୁ କଣ ମିଳିବ। ଏହାଦ୍ୱାର ଅର୍ଥନୀତି ଉପରେ କଣ ପ୍ରଭାବ ପଡିବ। ଭାରତର ମିଶନ ଚନ୍ଦ୍ରାୟନ-୩ ସଫଳ ହେବା ପରେ ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଥିବ, ଏହାଦ୍ୱାରା ଭାରତକୁ ମିଳିବ କ'ଣ। ଆସନ୍ତୁ ଜାଣିବା ଭାରତ ଏହାଦ୍ୱାରା କେତେ ଲାଭବାନ ହେବ। ଚନ୍ଦ୍ରରେ ପହଞ୍ଚିବାରେ ଭାରତ ହୋଇପାରିଛି ବିଶ୍ୱର ଚତୁର୍ଥ ଦେଶ। ମହାକାଶ ବିଜ୍ଞାନ ବିକାଶରେ ଭାରତର କ୍ଷମତା ବଢିବ। ବିଶ୍ୱ ମହାକାଶ ଗବେଷଣାରେ ଭାରତର ପ୍ରଭାବ ବଢିବ।



ସମ୍ପାଦକୀୟ
ତାରକ ମହାନ୍ତି

ଚନ୍ଦ୍ରଯାନ-୩ ସଫଳ ହେବା ପରେ ଭାରତର ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ। ମହାକାଶ ବିଜ୍ଞାନ ଏବେ ବିଶ୍ୱର ସବୁଠାରୁ ବିତ୍ତଶାଳୀ ଶିଳ୍ପ। ମିଶନ ସଫଳ ପରେ ମହାକାଶ ବିଜ୍ଞାନ ଦ୍ୱାରା ଭାରତର ଆୟ ବଢ଼ିବ। ଅନେକ ଅନ୍ତର୍ଜାତୀୟ ସ୍ପେଶ୍ ପ୍ରୋଜେକ୍ଟ ଇସ୍ରୋକୁ ମିଳିବ। ଚନ୍ଦ୍ରରେ ବହୁ ପରିମାଣରେ ଉପଲବ୍ଧ ଅଛି ହିଲିୟମ-୩ କଣିକା। ଉତ୍ତମ ଓ ନିର୍ମଳ ଶକ୍ତି ଉତ୍ସ ଭାବେ ବ୍ୟବହାର ହୋଇପାରିବ। ହିଲିୟମ-୩ ପୃଥିବୀରେ ବିରଳ କିନ୍ତୁ ଚନ୍ଦ୍ରରେ ପ୍ରଚୁର ପରିମାଣରେ ଅଛି। କୌଣସି ବସ୍ତୁର ତାପମାତ୍ରା ନିୟନ୍ତ୍ରଣ ପାଇଁ ହିଲିୟମ-୩ ବ୍ୟବହାର ହୁଏ। ଚିକିତ୍ସା ବିଜ୍ଞାନ ପାଇଁ ଏହା ବରଦାନ ପାଲଟିବ.ଶ୍ୱାସ ଜନିତ ରୋଗ, କ୍ୟାନସର ନିରୂପଣ ଓ ଚିକିତ୍ସା ପାଇଁ ବ୍ୟବହାର ହେବ। କୁହାଯାଉଛି, ଚନ୍ଦ୍ର ପୃଷ୍ଠରେ ଜଳର ସନ୍ଧାନ ମିଳିଥିବାରୁ ଏ ଦିଗରେ ଅଧିକ ଅନୁସନ୍ଧାନ କରିବା ଏବେ ଆହୁରି ସହଜ ହେବ। ଚନ୍ଦ୍ରାୟନ-୩ ମିଶନର ସଫଳତା ବିଶ୍ୱରେ ଭାରତର ଛବିକୁ ଶିଖରକୁ ନେଇଯାଇଛିୟ। ଚନ୍ଦ୍ର ବିଜୟ ପରେ ସେପ୍ଟେମ୍ବରରେ ସୂର୍ଯ୍ୟ ଅଭିଯାନ ଆରମ୍ଭ କରିବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ )ଆଦିତ୍ୟ ଏଲ୧ ମିଶନ ପ୍ରକ୍ଷେପଣ କରିବ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ ସୋମନାଥ ସ୍ପଷ୍ଟ କରିଛନ୍ତି। ଚନ୍ଦ୍ରପୃଷ୍ଠରେ ପହଞ୍ଚିଥିବା ରୋଭର ପ୍ରଜ୍ଞାନ ଏବେ ଚାଲିବା ଆରମ୍ଭ କରିସାରିଛି। ଇସ୍ରୋ ଟୁଇଟ କରି କହିଛି ଚନ୍ଦ୍ରାୟନ୩ର ସବୁ ସିଷ୍ଟମ ଠିକ ଅଛି। ସୂଚନା ଅନୁସାରେ ସୂର୍ଯ୍ୟଯାନ ବା ଆଦିତ୍ୟ ମିଶନ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଁଚିଛି. ସୂର୍ଯ୍ୟ ମିଶନ ୧୫ଲକ୍ଷ କିଲୋମିଟର ଯାତ୍ରାକୁ ୧୨୭ ଦିନରେ ପୁରା କରିବ। ଏହା ହେଉଛି ଭାରତର ପ୍ରଥମ ସୌର ମିଶନ। ତେବେ ଯାହା ସୂଚନା ରହିଛି, ଆଉ ପୃଥିବୀ ପୃଷ୍ଠକୁ ଫେରିବେନି ରୋଭର ପ୍ରଜ୍ଞାନ, ବିକ୍ରମ। ତେବେ ପ୍ରଶ୍ନ ଉଠେ ଚନ୍ଦ୍ରପୃଷ୍ଠରେ ପ୍ରଜ୍ଞାନ ଓ ବିକ୍ରମ କଣ କରିବେ। ଗତ ବୁଧବାର ଚନ୍ଦ୍ରଯାନ୩ ସଫ୍ଟ ଲ୍ୟାଣ୍ଡିଙ୍ଗ ପରେ ବିକ୍ରମ ଭିତରୁ ରୋଭର ପ୍ରଜ୍ଞାନ ବାହାରି ଚଳପ୍ରଚଳ ଆରମ୍ଭ କରିଥିଲା। ଯେହେତୁ ଏବେ ଚନ୍ଦ୍ରପୃଷ୍ଠରେ ଦିନ ଅଛି ୧୪ ଦିନ ପରେ ରାତି ହୋଇଯିବ, ତାହା ପୁଣି ୧୪ ଦିନ ପାଇଁ। ତେଣୁ ଆଲୋକ ଥିବା ସମୟ ପର୍ଯ୍ୟନ୍ତ ଚନ୍ଦ୍ର ବିଷୟରେ ଇସ୍ରୋକୁ ତଥ୍ୟ ମିଳିପାରିବ। ସୂର୍ଯ୍ୟଙ୍କ କିରଣ ଥିବା ପର୍ଯ୍ୟନ୍ତ ପ୍ରଜ୍ଞାନ, ବିକ୍ରମ ଶକ୍ତି ପାଇପାରିବେ। ଯାହାଫଳରେ ସେମାନେ ଖରାରେ ହିଁ ଅଧିକ ତଥ୍ୟ ହାସଲ କରିପାରିବେ। ଭାରତର ମୁନ ମିଶନ ବାବଦରେ ଟିପ୍ପଣୀ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଆଜି ଚନ୍ଦ୍ରାୟନ-୩ର ସଫଳତା ପାଇଁ ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହା କୌଣସି ଦେଶର ସଫଳତା ନୁହେଁ, ବରଂ ଏହାକୁ ମାନବତାର ସଫଳତା ଭାବେ ଦେଖାଯାଉଛି। ଭାରତର ଚନ୍ଦ୍ରାୟନ-୩ ସଫଳତା ପରେ ପାରମ୍ପରିକ ବିରୋଧୀ ରାଷ୍ଟ୍ର ପାକିସ୍ତାନର ବୁଦ୍ଧିଜୀବୀ ମହଲର ଦୃଷ୍ଟିଭଙ୍ଗୀରେ ସାମାନ୍ୟ ପରିବର୍ତ୍ତନର ଆଭାସ ମିଳୁଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନର ପୂର୍ବ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଭାରତକୁ ପ୍ରଶଂସା କରିଛନ୍ତି। ୨୩ ତାରିଖ ଭାରତର ଚନ୍ଦ୍ର ବିଜୟ ଖବରକୁ ବିଶ୍ୱର ଅନ୍ୟ ରାଷ୍ଟ୍ର ମାନଙ୍କ ପରି ପାକିସ୍ତାନ ମଧ୍ୟ ଅଣଦେଖା କରିନାହିଁ। ଏହାକୁ ଏକ ବଡ ଉପଲବ୍‌ଧୀ ବୋଲି ସ୍ୱୀକାର କରିଛି। ତେଣୁ ସଫଳତାର ଅନେକ ବନ୍ଧୁ ବୋଲି ଏହା ପ୍ରମାଣିତ ହୋଇଛି।

# ବିନ୍ଦେଶ୍ୱର ପାଠକଙ୍କ ସ୍ମୃତିରେ



ନରେନ୍ଦ୍ର ମୋଦୀ

୧୫ ଅଗଷ୍ଟରେ ସ୍ୱାଧୀନତା ଦିବସ ସମାରୋହ ଚାଲିଥିବା ସମୟରେ, ଏକ ଦୁଃଖଦ ଖବର ଆମକୁ ମିଳିଲା। ବିନ୍ଦେଶ୍ୱର ପାଠକ ଆଉ ଆମ ଗହଣରେ ନାହାନ୍ତି, ଏକଥାକୁ ବିଶ୍ୱାସ କରିବା ସହଜ ନଥିଲା। ସହଜ, ସରଳ, ବିନମ୍ର ବ୍ୟକ୍ତିତ୍ୱର ଅଧିକାରୀ, ସୁଲଭ ଇଣ୍ଟରନେସନାଲର ପ୍ରତିଷ୍ଠାତା ବିନ୍ଦେଶ୍ୱର ମହାଶୟଙ୍କ ପରଲୋକ ଆମ ପାଇଁ ଏକ ଅପୂରଣୀୟ କ୍ଷତି।

ସ୍ୱଚ୍ଛତାକୁ ନେଇ ତାଙ୍କ ଭିତରେ ଯେଉଁ ଉତ୍ସାହ ଥିଲା ତାହା ମୁଁ ଗୁଜରାଟରେ ଥିବା ସମୟରେ ଦେଖି ଆସିଛି। ମୁଁ ଦିଲ୍ଲୀ ଆସିବା ପରେ ତାଙ୍କ ସହ ଭିନ୍ନ ଭିନ୍ନ ବିଷୟକୁ ନେଇ କଥା ହେବା ଆହୁରି ବଢ଼ିଯାଇଥିଲା। ମୋର ମନେ ଅଛି, ମୁଁ ୨୦୧୪ରେ ଲାଲକିଲାରୁ ସ୍ୱଚ୍ଛତା ବିଷୟରେ ଆଲୋଚନା କରିଥିଲି, ଏହାକୁ ନେଇ ବିନ୍ଦେଶ୍ୱର ମହାଶୟ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। ପ୍ରଥମ ଦିନରୁ ହିଁ ସେ ସ୍ୱଚ୍ଛ ଭାରତ ଅଭିଯାନ ସହ ଯୋଡ଼ି ହୋଇଯାଇଥିଲେ। ତାଙ୍କର ପ୍ରୟାସ ଏହି ଅଭିଯାନକୁ ଅଧିକ ଶକ୍ତି ଦେଇଥିଲା।

ଆମେ ସବୁବେଳେ ୱାନ୍ ଲାଇଫ୍, ୱାନ୍ ମିଶନ୍ ବା ଗୋଟିଏ ଜୀବନ, ଗୋଟିଏ ଲକ୍ଷ୍ୟ ବିଷୟରେ ଶୁଣିଥାଉ। ବିନ୍ଦେଶ୍ୱର ପାଠକଙ୍କ ଜୀବନରେ ୱାନ୍ ଲାଇଫ୍, ୱାନ୍ ମିଶନ୍ର ପ୍ରତିଫଳନ ଦେଖିବାକୁ ମିଳିଥାଏ। ସେ ନିଜର ସାରା ଜୀବନ ସ୍ୱଚ୍ଛତା ଓ ଏହା ସହ ଜଡ଼ିତ ବିଷୟ ପାଇଁ ସମର୍ପି ଦେଇଥିଲେ। ୮୦ ବର୍ଷ ବୟସରେ ମଧ୍ୟ ସେ ନିଜ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ପୂର୍ବପରି ଊର୍ଜାବାନ୍ ଥିଲେ। ସେ ଏକପ୍ରକାରରେ ଜଣେ ଚିର ଯୁବକ ଥିଲେ। ବହୁ ଦଶନ୍ଧି ପୂର୍ବରୁ ସେ ଯେଉଁ ମାର୍ଗରେ ଅଗ୍ରସର ହୋଇଥିଲେ ସେହି ମାର୍ଗରେ ଅଟଳ, ଅବିଚଳିତ ରହିଥିଲେ।

ଆଜିକାଲି ଯଦି କେହି ଟୟଲେଟ୍ ଭଳି ବିଷୟକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରୁଛି ତା'ହେଲେ ତା'କୁ ନେଇ ନେଇ ଚର୍ଚ୍ଚା ହେଉଛି। ଲୋକେ ଭାବୁଛନ୍ତି, ଏହା ଗୋଟିଏ କେମିତିକା ବିଷୟ? ତତ୍କାଳୀନ ସମୟରେ ଶୌଚାଳୟ ଭଳି ବିଷୟରେ କାମ କରିବା ବିନ୍ଦେଶ୍ୱରଙ୍କ ପାଇଁ କେତେ କଷ୍ଟକର ହୋଇଥିବ ତାହା ଆମେ ଅନୁମାନ କରିପାରୁଥିବା। ତାଙ୍କୁ କେତେ ସଂଘର୍ଷ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥିଲା, ଲୋକଙ୍କ ଠାରୁ କେତେ କଥା ଶୁଣିବାକୁ ପଡ଼ିଥିଲା, ଲୋକମାନେ ତାଙ୍କୁ ଉପହାସ ମଧ୍ୟ କରିଥିଲେ, କିନ୍ତୁ ସମାଜସେବା ପାଇଁ ତାଙ୍କର ସଂକଳ୍ପବଦ୍ଧତା ଏତେ ବିଶାଳ ଥିଲା ଯେ ସେ ନିଜର ସମ୍ପୂର୍ଣ୍ଣ ଜୀବନକୁ ଏହି କାମରେ ଲଗାଇ ଦେଇଥିଲେ। ବିନ୍ଦେଶ୍ୱରଙ୍କ ସବୁଠୁ ବଡ଼ ଯୋଗଦାନ ହେଉଛି ସେ ଗାନ୍ଧୀ ଜୀଙ୍କ ସ୍ୱଚ୍ଛତା ବିଚାରକୁ ସଂସ୍ଥାଗତ ସମାଧାନ ଦେଇଥିଲେ। ମୁଁ ଭାବୁଛି ଏହା ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ବହୁତ ଉପାଦେୟ ଅଧ୍ୟୟନ ବିଷୟ ହୋଇପାରିବ।

ଯେତେ ବଡ଼ ବିଚାର ହେଉ ପଛେ, ତା'କୁ ଯଦି ଠିକ୍ ଭାବେ କାର୍ଯ୍ୟକାରୀ କରାନଯିବ, ତୃଣମୂଳସ୍ତରରେ ସାକାର ରୂପ ଦିଆନଯିବ ତା'ହେଲେ ସେହି ବିଚାର ଅପ୍ରାସଙ୍ଗିକ, ନିରର୍ଥକ ହୋଇଯାଏ। ବିନ୍ଦେଶ୍ୱର ମହାଶୟ ସ୍ୱଚ୍ଛତା ବିଚାରକୁ ଅତି ଅଭିନବ ଢଙ୍ଗରେ ଏକ ସଂସ୍ଥାର ରୂପ ଦେଇଥିଲେ। ସୁଲଭ ଇଣ୍ଟରନେସନାଲ ମାଧ୍ୟମରେ ସେ ଏପରି ଏକ ଆର୍ଥିକ ମଡେଲ ସମାଜକୁ ଦେଇଥିଲେ, ଯାହାର କେହି କଳ୍ପନା ସୁଦ୍ଧା କରିପାରିନଥିଲେ। ଆଜି ତାଙ୍କର ପରିଶ୍ରମ କାରଣରୁ ସୁଲଭ ଶୌଚାଳୟର ଅନ୍ୟ କେତେ ପ୍ରକାରର ମଡେଲ ତିଆରି ହେଲା ଏବଂ ଏହି ସଂସ୍ଥା ଦେଶର କୋଣଅନୁକୋଣରେ ବିସ୍ତାରିତ ହେଲା। ଶ୍ରମ ପ୍ରତି କିଭଳି ସମ୍ମାନ ପ୍ରଦର୍ଶନ କରାଯାଇଥାଏ ତାହା ଆମର ଆଜିର ଯୁବପିଢ଼ି ବିନ୍ଦେଶ୍ୱର ପାଠକଙ୍କ ଜୀବନରୁ ଶିଖିବା ଉଚିତ୍। ତାଙ୍କ ପାଇଁ କୌଣସି କାମ ଛୋଟ ନଥିଲା କିମ୍ବା କେହି ବ୍ୟକ୍ତି ଛୋଟ ନଥିଲେ। ସଫେଇ କାମରେ ଜଡ଼ିତ ରହିଥିବା ଆମର ଭାଇଭଉଣୀମାନଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଦେବା ପାଇଁ ତାଙ୍କର ପ୍ରୟାସକୁ ସାରା ବିଶ୍ୱରେ ପ୍ରଶଂସା କରାଯାଇଛି। ମୋର ମନେ ଅଛି, ମୁଁ ଯେତେବେଳେ ସଫେଇ କରୁଥିବା ଭାଇ-ଭଉଣୀଙ୍କ ପାଦ ଧୋଇ ଦେଇଥିଲି, ବିନ୍ଦେଶ୍ୱର ମହାଶୟ ଏତେ ଭାବପ୍ରବଣ ହୋଇଯାଇଥିଲେ ଯେ ସେ ମୋ ସହ ଏହି ପ୍ରସଙ୍ଗରେ ଅନେକ ସମୟ ଧରି ଆଲୋଚନା କରିଥିଲେ।

ସ୍ୱଚ୍ଛ ଭାରତ ଅଭିଯାନ ଆଜି ଗରିବଙ୍କ ପାଇଁ ସମ୍ମାନପୂର୍ଣ୍ଣ ଜୀବନର ପ୍ରତୀକ ପାଲଟିଥିବାରୁ ମୁଁ ଆନନ୍ଦିତ। ଏମିତି ଅନେକ ରିପୋର୍ଟ ଆସିଛି, ଯେଉଁଥିରୁ ପ୍ରମାଣିତ ହୋଇଛି ଯେ ସ୍ୱଚ୍ଛ ଭାରତ ଅଭିଯାନ କାରଣରୁ ସାଧାରଣ ଲୋକଙ୍କୁ ମଇଳା କାରଣରୁ ହେଉଥିବା ରୋଗରୁ ମୁକ୍ତି ମିଳୁଛି ଏବଂ ସେମାନଙ୍କ ପାଇଁ ସୁସ୍ଥ ଜୀବନର ମାର୍ଗ



ପ୍ରଶସ୍ତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ କହିଛି ଯେ ସ୍ୱଚ୍ଛ ଭାରତ ଅଭିଯାନ କାରଣରୁ ଦେଶରେ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ରୋକାଯାଇପାରିଛି। କେବଳ ସେତିକି ନୁହେଁ ୟୁନିସେଫ ମଧ୍ୟ ଏହା କହିଛି ଯେ, ସ୍ୱଚ୍ଛ ଭାରତ ଅଭିଯାନ କାରଣରୁ ଗରିବ ଲୋକଙ୍କର ବାର୍ଷିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହୋଇପାରୁଛି। ଯଦି ସ୍ୱଚ୍ଛ ଭାରତ ଅଭିଯାନ ନଥାନ୍ତା ତା'ହେଲେ ଗରିବମାନଙ୍କୁ ମଇଳା ସହ ଜଡ଼ିତ ରୋଗର ଚିକିତ୍ସା ପାଇଁ ସେତିକି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା। ସ୍ୱଚ୍ଛ ଭାରତ ଅଭିଯାନକୁ ଏହି ଉଚ୍ଚତାରେ ପହଞ୍ଚାଇବା ପାଇଁ ବିନ୍ଦେଶ୍ୱର ପାଠକଙ୍କ ମାର୍ଗଦର୍ଶନ ବେଶ୍ ଉପଯୋଗୀ ଥିଲା।

ବିନ୍ଦେଶ୍ୱର ପାଠକଙ୍କ ସାମାଜିକ କାର୍ଯ୍ୟର ପରିଧି କେବଳ ସ୍ୱଚ୍ଛତା ଠାରୁ ଊର୍ଦ୍ଧ୍ୱରେ ଥିଲା। ସେ ବୃନ୍ଦାବନ, କାଶୀ, ଉତ୍ତରାଖଣ୍ଡ ଓ ଅନ୍ୟ ଅଞ୍ଚଳରେ ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅନେକ କାର୍ଯ୍ୟ କରିଥିଲେ। ବିଶେଷ କରି, ପରିବାରରେ କେହି ନଥିବା, ବେସାହାରା ମହିଳାଙ୍କ ସହାୟତା ପାଇଁ ବିନ୍ଦେଶ୍ୱର ମହାଶୟ ବଡ଼ ଅଭିଯାନ ଚଳାଇଥିଲେ। ତାଙ୍କର ସମର୍ପଣ ଭାବନାକୁ ନେଇ ଏକ ଘଟଣା ମୋର ମନେ ପଡୁଛି। ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ନାମ ଚୟନ କରୁଥିବା କମିଟିରେ ବିନ୍ଦେଶ୍ୱର ପାଠକ ମଧ୍ୟ ଥିଲେ। ଥରେ କମିଟିର ବୈଠକ ନିର୍ଦ୍ଧାରଣ ହେଲା ସେହି ସମୟରେ ବିନ୍ଦେଶ୍ୱର ମହାଶୟ ବିଦେଶ ଗସ୍ତରେ ଥିଲେ। ବୈଠକ ସମ୍ପର୍କରେ ଖବର ପାଇବାରୁ ସେ କହିଥିଲେ, ମୁଁ ତୁରନ୍ତ ଫେରିଯାଉଛି। ମୁଁ ତାଙ୍କୁ ଅନୁରୋଧ କଲି ଯେ ଆପଣ ବିଦେଶରେ ଥାଇ ନିଜର ପରାମର୍ଶ ପଠାଇ ଦିଅନ୍ତୁ। ବହୁତ ଅନୁରୋଧ କରିବା ପରେ ସେ ମୋ କଥା ମାନିଥିଲେ। ବିନ୍ଦେଶ୍ୱର ପାଠକ ନିଜ କର୍ତ୍ତବ୍ୟ ପ୍ରତି କେତେ ସଚେତନ ଥିଲେ ଏଥିରୁ ପ୍ରମାଣିତ ହୋଇଥାଏ।

ଆଜି ବିନ୍ଦେଶ୍ୱର ପାଠକ ମହାଶୟ ଭୌତିକ ରୂପରେ ଆମ ଗହଣରେ ନାହାନ୍ତି। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ, ଆମେ ପୁଣିଥରେ ସ୍ୱଚ୍ଛତା ସଂକଳ୍ପକୁ ଦୋହରାଇବା। ବିକଶିତ ଭାତରର ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ଭାରତ ସ୍ୱଚ୍ଛ ଏବଂ ସୁସ୍ଥ ରହିବା ଜରୁରି। ଏଥିପାଇଁ ଆମକୁ ବିନ୍ଦେଶ୍ୱରଙ୍କ ପ୍ରୟାସକୁ ନିରନ୍ତର ଆଗକୁ ବଢ଼ାଇବାକୁ ହେବ। ସ୍ୱଚ୍ଛ ଭାରତରୁ ସୁସ୍ଥ ଭାରତ, ସୁସ୍ଥ ଭାରତରୁ ସୁସଙ୍ଗତ ଭାରତ, ସୁସଙ୍ଗତ ଭାରତରୁ ସଶକ୍ତ ଭାରତ, ସଶକ୍ତ ଭାରତରୁ ସମୃଦ୍ଧ ଭାରତର ଏହି ଯାତ୍ରା, ଅମୃତ କାଳର ସବୁଠୁ ଜୀବନ୍ତ ଯାତ୍ରା ହେବ। ନିଶ୍ଚିତ ଭାବେ ଏହି ଯାତ୍ରାରେ ମୁଁ ବିନ୍ଦେଶ୍ୱର ମହାଶୟଙ୍କ ଅଭାବ ଅନୁଭବ କରିବି। ତାଙ୍କୁ ପୁଣିଥରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି।

*(ସୌଜନ୍ୟ : ପିଆଇବି)*

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା



ସସ୍ମିତା ପାତ୍ର

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଓଡ଼ିଆଙ୍କର ଅବଦାନ ଅତୁଳନୀୟ। ସିପାହୀ ବିଦ୍ରୋହ ୧୮୫୭ ମସିହାରେ ହୋଇଥିଲା କିନ୍ତୁ ତାର ଯଥେଷ୍ଟ ପୂର୍ବରୁ ୧୮୦୩ ମସିହାରେ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ କରି ଆରମ୍ଭ ହୋଇଥିଲା। ଏହି ସ୍ୱାଧୀନତା ସଂଗ୍ରାମ ରେ ଯେଉଁ ମାନେ ମାତୃଭୂମିର ସୁରକ୍ଷା ନିମିତ୍ତ ଜୀବନକୁ ଉତ୍ସର୍ଗ କରିଛନ୍ତି ସେମାନେ ଆମ ପାଇଁ ଚିର ସ୍ମରଣୀୟ ଏବଂ ପୂଜନୀୟ। ସେମାନଙ୍କର ଅସୀମ ତ୍ୟାଗ ତଥା ବଳିଦାନ ପାଇଁ ଯୁଗେ ଯୁଗେ ପୂଜିତ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ ସହ ଅହିଂସା ସହ ତାଳ ଦେଇ ଥିଲେ ଓଡିଶାରୁ ନେତାଜୀ ସୁବାଷ ବୋଷ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଦଳ ବେହେରା, ମାଧବ ରାଉତରାୟ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ହରିହର ଦାସ, ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ବୀର ସୁରେନ୍ଦ୍ର ସାଏ, ସାରଦା ପ୍ରସନ୍ନ ମହାପାତ୍ର, କୃଷ୍ଣ ମୋହନ ପଟ୍ଟନାୟକ, ହରେକୃଷ୍ଣ ମହତାବ, ରମା ଦେବୀ, ମାଳତୀ ଚୌଧୁରୀ, ନିରଞ୍ଜନ ପଟ୍ଟନାୟକ, ବିଶ୍ୱନାଥ ଦାସ, ଲକ୍ଷ୍ମଣ ନାୟକ, ଦୋରା ବିଶୋଇ, ନିର୍ମଳ ମୁଣ୍ଡା, ଧରଣୀ ନାୟକ, ମାଦ୍ରୀ କାଲୋ ଆଦି ପ୍ରମୁଖ ସକ୍ରିୟ ଭୂମିକା ନେଇଥିଲେ। ଏହି ବୀର ପୁରୁଷଙ୍କର ନିସ୍ୱାର୍ଥ ଚେଷ୍ଟା, ତ୍ୟାଗ ଏବଂ ବଳିଦାନ ଯୋଗୁଁ ଆଜି ଆମ ଭାରତ ବର୍ଷ ସ୍ୱାଧୀନତାର ପତାକା ଫୁର ଫୁର କରି ଉଡ଼ିପାରୁଛି।

ଆମ ଓଡିଶା ପ୍ରଦେଶରେ ୧୮୦୩ ମସିହାରୁ ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ସଂଗ୍ରାମ ଆରମ୍ଭ ହୋଇ ଥିଲା। ୧୮୫୭ ମସିହାରେ ସିପାହୀ ମାନଙ୍କ ସହ ଯୋଗ ଦେଇ ଥିଲେ ବହାଦୁର ଶାହ ଜାଫର, ତାନ୍ତିଆ ଟୋପେ, ଝାନ୍ସୀ ରାଣୀ ଲକ୍ଷ୍ମୀବାଇ। ଓଡିଶାରୁ ସେହି ବିଦ୍ରୋହରେ ସାମିଲ ହୋଇଥିଲେ ବୀର ସୁରେନ୍ଦ୍ର ସାଏ ଏବଂ ଚନ୍ଦନ ହଜୁରୀ। ଝାନ୍ସୀର ରାଣୀ ଲକ୍ଷ୍ମୀବାଇ ନିଜର ପୋଷ୍ୟ ପୁତ୍ରର ରାଜଗାଦି ସୁରକ୍ଷା ନିମିତ୍ତ ଇଂରାଜଙ୍କର ସହ ଯୁଦ୍ଧ କରିଥିଲେ। ମହାରାଣୀ ଝାନ୍ସୀଙ୍କୁ ପୁରୀର ଛନ୍ଦନ ହଜୁରୀ ନାମରେ ପରିଚିତ ଚାଖୀ ଖୁଣ୍ଟିଆ ସିପାହୀ ବିଦ୍ରୋହରେ ଯୋଗ ଦେଇ ସାହାଯ୍ୟ କରିଥିଲେ। ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଓଡ଼ିଶାରେ ସଂଗ୍ରାମକୁ ୧୮୬୨ ମସିହା ପର୍ଯ୍ୟନ୍ତ ଲଢ଼ିଥିଲେ। ଶେଷରେ ଇଂରାଜ ମାନଙ୍କ ଦ୍ୱାରା କାରାଗାରରେ ବନ୍ଦୀ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ୧୮୦୪ ମସିହାରେ ଜୟୀ ରାଜଗୁରୁ ସିପାହୀ ବିଦ୍ରୋହର ନେତୃତ୍ୱ ନେଇଥିଲେ। ସେତେବେଳେ ଗଜପତି ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ ଏବଂ ତାଙ୍କରି ମନ୍ତ୍ରୀ ଥିଲେ ଜୟୀ ରାଜଗୁରୁ। ଇଂରାଜ ମାନଙ୍କର ବିରୁଦ୍ଧରେ ଜୟୀ ରାଜଗୁରୁ ସଂଗ୍ରାମ କରି ସର୍ବ ପ୍ରଥମେ ଭାରତ ବର୍ଷରେ ଶହୀଦ। ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ଓଡ଼ିଶାର ପାଇକ ମାନେ ବିଦ୍ରୋହ କରିଥିଲେ।

୧୮୧୭ରେ ଇଂରେଜ ଙ୍କର ବିରୁଦ୍ଧରେ ଓଡ଼ିଶାରେ ହିଁ ପ୍ରଥମେ ସ୍ୱର ଉତ୍ତୋଳନ ହୋଇଥିଲା। ବକ୍ସି ଜଗବନ୍ଧୁ ସହିତ ଖୋର୍ଦ୍ଧା ଗଡ଼ର ରାଜ ପୁରୋହିତ ଜୟକୃଷ୍ଣ ରାଜଗୁରୁ ତଥା ତାପଙ୍ଗର ଦଳବେହେରା ପ୍ରମୁଖ ସହଯୋଗୀ ପାଇକ ମାନଙ୍କର ବିଦ୍ରୋହ ନେତୃତ୍ୱ ନେଇଥିଲେ। ବାଣପୁର ଓ ଖୋର୍ଦ୍ଧା ଅନତି ଦୂରରେ ତାପଙ୍ଗ ଠାରେ କୃତିବାସ ପାଟଶାହାଣୀ ଓ ଦଳ ବେହେରା ମାଧବ ରାଉତରାୟଙ୍କର ନେତୃତ୍ୱରେ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରିଥିଲେ।

କନ୍ଧ ସମ୍ପ୍ରଦାୟର ଦୁଇ ନେତା ଦୋରା ବିଶୋଇ ଏବଂ ଚକରା ବିଷୋଇ ଇଂରାଜ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ଏହା ଘୁମସୁର ବିଦ୍ରୋହ ନାମରେ ଖ୍ୟାତ। ଏହିମାନେ ବିଦ୍ରୋହ କରି ଇଂରେଜ ସରକାରଙ୍କୁ ଦୋହଲାଇ ଦେଇଥିଲେ। କେନ୍ଦୁଝର ଜିଲ୍ଲାରେ ଭୂୟାଁ ସମ୍ପ୍ରଦାୟର ଲୋକେ ବେଠି, ବେଗାରୀ ତଥା କୁଶାସନ ବିରୋଧରେ ଉତକ୍ଷିପ୍ତ ହୋଇ ନିଜର ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ଏକ ଗଣ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ୧୮୬୮ ମସିହାରେ ରତ୍ନା ମେଳି ଓ ୧୮୯୧ ମସିହାରେ ଧରଣୀଧର ମେଳି ବା ଭୂୟାଁ ମେଳି ନାମରେ ପରିଚିତ। ଗାଙ୍ଗପୁର ରାଜ୍ୟରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଜା ମଣ୍ଡଳ ଗଢି ଉଠିଥିଲା। ଭୂୟାଁ ମାନଙ୍କର ଅଧିକାର ଏବଂ କୁଶାସନ ବିରୁଦ୍ଧରେ ଏହି ଆନ୍ଦୋଳନ ହୋଇଥିଲା। ୧୮୫୭ ମସିହାରେ ଓଡ଼ିଆ ମାନେ ସର୍ବ ଭାରତୀୟ ସ୍ତରରେ ସ୍ୱାଧୀନତା ସଂଗ୍ରାମ ଅଂଶ ଗ୍ରହଣ କରିଥିଲେ। କଟକ ଜିଲ୍ଲାର ରାମକୃଷ୍ଣ ସାମନ୍ତ ସିଂହାର, ପୁରୀ ଜିଲ୍ଲାର ଚାଖୀ ଖୁଣ୍ଟିଆ ଓ ସମ୍ବଲପୁର ଜିଲ୍ଲାର ବୀର ସୁରେନ୍ଦ୍ର ସାଏ ମାଧୋ ସିଂ ତଥା ତାଙ୍କ ପୁତ୍ର ହାତୀ ସିଂ ନେତୃତ୍ୟରେ ଏହି ସଂଗ୍ରାମ ହୋଇଥିଲା ଏହାକୁ ସିପାହୀ ବିଦ୍ରୋହ ବୋଲି କୁହା ଯାଉଅଛି। ୧୮୫୮ ରୁ ୧୮୮୫ ଥିଲା ରାଜନୈତିକ ବା ଜାତୀୟ ଏକତାରେ ଜାଗରଣ ସମୟ। ଏହି ସମୟରେ ଓଡ଼ିଶାରେ ଅନେକ ସ୍କୁଲ, କଲେଜ ସ୍ଥାପିତ ହୋଇଥିଲା। ୧୮୬୬ ମସିହାରେ କଟକ, ବାଲେଶ୍ୱର, ବାରିପଦାରେ ପ୍ରିଣ୍ଟିଂଗ ପ୍ରେସ ସ୍ଥାପିତ ହୋଇଥିଲା। ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେ ଠାରେ ଉମେଶ ଚନ୍ଦ୍ର ବେନେର୍ଜୀଙ୍କର ଅଧକତାରେ ହୋଇଥିଲା ଏଥିରେ ବ୍ରହ୍ମପୁରର ବିଶିଷ୍ଟ ଅଇନଜୀବୀ ବିଶ୍ୱେଶର ଆୟାର ଯୋଗ ଦେଇଥିଲେ। ୧୯୦୫ ମସିହାରେ ଲର୍ଡ଼ କର୍ଜନ ବଙ୍ଗ ଦେଶକୁ ବିଭାଜନ କରିବା ପାଇଁ ଆଦେଶ ଦେଇଥିଲେ ଏହି ବିଭାଜନକୁ ବଙ୍ଗବାସୀ ବିରୋଧ କରି ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନରେ ଜଗତସିଂହପୁର ଅଞ୍ଚଳର ସାରଦା ପ୍ରସନ୍ନ ମହାପାତ୍ର, କବି କୃଷ୍ଣମୋହନ ପଟ୍ଟନାୟକ ଓ ବାରିନ ଘୋଷ ସକ୍ରିୟ ଭୂମିକା ଗ୍ରହଣ କରି ଥିଲେ। ୧୯୦୫ରୁ ୧୯୧୪ ପର୍ଯ୍ୟନ୍ତ ଇଂରେଜଙ୍କର ବିରୁଦ୍ଧରେ ସତ୍ୟାଗ୍ରହ ଜାରି ରହି ଥିଲା। ବାଲେଶ୍ୱରର ଇଞ୍ଚୁଡ଼ି ଓ ଭଦ୍ରକର ଇରମ ଠାରେ ଲବଣ ସତ୍ୟାଗ୍ରହ ଚାଲି ଥିଲା।

୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ଭାରତ ବାସୀ ଇଂରେଜ ମାନଙ୍କୁ ଛାଡି ଯିବା ପାଇଁ ଆନ୍ଦୋଳନ କରିଥିଲେ ଉକ୍ତ ଗଣ ବିପ୍ଳବରେ ଓଡିଶା ବାସୀଙ୍କର ଅବଦାନ ଅତୁଳନୀୟ। ଭାରତ ଛାଡ ଆନ୍ଦୋଳନରେ ବମ୍ବେ ଠାରେ ଗିରଫ ହୋଇଥିଲେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟ ଶ୍ରୀ ହରେକୃଷ୍ଣ ମହତାବ। ଓଡିଶାର କୋରାପୁଟ ଜିଲ୍ଲାର ଲକ୍ଷ୍ମଣ ନାଏକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆ ଯାଇଥିଲା। ନେତାଜୀ ସୁଭାଷ ବୋଷ ଗାନ୍ଧୀଙ୍କର ଭଳିଆ ଅହିଂସାରେ ବିଶ୍ୱାସ କରିନଥିଲେ ସେ ସଶସ୍ତ୍ର ବାହିନୀ ଗଢି ଦିଲ୍ଲୀ ଚଲୋ ଆହ୍ୱାନ ଦେଇ ଥିଲେ। ୧୯୪୩ ମସିହାରେ ଆଜାଦ ହିନ୍ଦ ଫୌଜ ଗଢି ଦେଶ ପାଇଁ ଲଢ଼ିଥିଲେ। ସେ ଆଣ୍ଡାମାନ ଓ ନିକୋବର ଦ୍ୱୀପ ପୁଞ୍ଜକୁ ଅଧିକାର କରି ଶହିଦ ଓ ସ୍ୱରାଜ ନାମରେ ନାମିତ କରିଥିଲେ। ଗାନ୍ଧିଜୀଙ୍କର ଭାରତ ଛାଡ଼ ଆନ୍ଦୋଳନର ମହା ମନ୍ତ୍ର 'କର ବା ମର'ରେ ଦୀକ୍ଷିତ ହୋଇ ମାଳତୀ ଚୌଧୁରୀ ମୁମ୍ବାଇରୁ ଓଡିଶା ଫେରିବା ସମୟରେ ଇଂରେଜ ମାନଙ୍କର ଦ୍ୱାରା ଗିରଫ ହୋଇଥିଲେ।

ଓଡିଶା ବାସୀଙ୍କର ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ଅତୁଳନୀୟ। ପୁରୁଷ, ସ୍ତ୍ରୀ ଉଭୟେ ଏହି ସଂଗ୍ରାମରେ ଓତଃପ୍ରତ ଭାବରେ ଜଡିତ। ନିଜର ଜୀବନକୁ ମଧ୍ୟ ଦେଶ ପାଇଁ ବଳିଦାନ ଦେବାପାଇଁ ତିଳେ ମାତ୍ର କୁଣ୍ଠାବୋଧ କରିନଥିଲେ। ସେଥିପାଇଁ ଆଜି ସେଇ ବୀର ଓଡିଶା ସ୍ୱାଧୀନତା ସଂଗ୍ରାମୀ ମାନେ ଚୀରସ୍ମରଣୀୟ। ଆମେ ସେହି ବୀର ସଂଗ୍ରାମୀଙ୍କର ଅବଦାନକୁ ଭୁଲି ଭାରତକୁ ଉନ୍ନତି ପଥରେ ଆଗେଇନେବା ହିଁ ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି।

'ବନ୍ଦେ ଉତ୍କଳ ଜନନୀ'
'ଭାରତ ମାତା କି ଜୟ'

*ମାର୍ଫତ : ପ୍ରଫେସର ସଞ୍ଜୟ ପାତ୍ର,*
*ଡିନ୍, ଏକ୍ସଏଲ୍ଆରଆଇ*
*ଜାମସେଦପୁର, ଝାରଖଣ୍ଡ*
*ଦୂରଭାଷ : ୯୦୩୧୮୧୬୫୨୮*

# ମଧ୍ୟ-ପ୍ରାଚ୍ୟରେ ସମରସଜ୍ଜା



ସଞ୍ଜୀବ କୁମାର ଦାସ

ନିକଟରେ ବିଶ୍ୱ ରାଜନୈତିକ ପୃଷ୍ଠଭୂମିରେ ଏପରି ଏକ ଅଭାବନୀୟ ଘଟଣା ଘଟିଯାଇଛି ଯାହା ଅନ୍ତର୍ଜାତୀୟ କୂଟନୀତି ବିଶେଷଜ୍ଞଙ୍କୁ ଚକିତ କରିଛି। ଗତବର୍ଷ ଫେବୃଆରୀ ମାସରେ ଉତ୍ପନ୍ନ ଏବଂ ଏଯାବତ ଜାରି ରହିଥିବା ରୁଷିଆ-ୟୁକ୍ରେନ ଭୟାବହ ଯୁଦ୍ଧ ପରେ ଏବର ଆମେରିକା ଓ ଇରାନ ମଧ୍ୟରେ ଉପୁଜିଥିବା ବିବାଦ ପୁଣିଥରେ ଅତୀତରେ ମଧ୍ୟ-ପ୍ରାଚ୍ୟରେ ସୃଷ୍ଟ ଅନେକ ଘଟଣାବଳୀକୁ ସାମନାକୁ ନେଇ ଆସିଛି। ମୂଳତଃ, 'ରେଡ ସି' ବା ଲାଲ ସାଗରରେ ଇରାନ ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ଟ୍ୟାଙ୍କର କବ୍‌ଜା ଯୁଦ୍ଧସ୍ଥିତି ଭୟ ବାତାବରଣର କାରଣ ହୋଇଛି। ଇରାନ ବିରୁଦ୍ଧରେ ଏତାଦୃଶ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ୩୦୦୦ ହଜାରରୁ ଅଧିକ ଆମେରିକୀୟ ନୌ-ସୈନ୍ୟ ଏବଂ ଦୁଇଟି ଯୁଦ୍ଧ ଜାହାଜ ଲାଲ ସାଗରରେ ପ୍ରବେଶ କରିଛନ୍ତି।

ସୁଏଜ କେନାଲ ଦେଇ ପ୍ରବେଶ କରିଥିବା ଏହି ପୋତ ଦୁଇଟିର ଲକ୍ଷ୍ୟ ହେଉଛି ଲାଲ ସାଗରରେ ଆମେରିକୀୟ ସମର ଶକ୍ତିକୁ ଦୃଢ଼ୀଭୁତ କରିବା। ତା ସହିତ ଇରାନର ମନମୁଖୀ କାର୍ଯ୍ୟର ଉପଯୁକ୍ତ ଜବାବ ଦେବା ୱାଶିଂଗଟନର ରଣକୌଶଳରୁ ଗୋଟିଏ। ଖବର ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଇରାନ ଏହି ଅଂଚଳରେ ୨୦ଟି ଅନ୍ତର୍ଜାତୀୟ ପତାକା ଥିବା ଜାହାଜକୁ ନିଜ ନିୟନ୍ତ୍ରଣକୁ ନେଇଛି ଅବା ଜବତ କରି ନେଇଛି।

ଆମେରିକୀୟ ରଣ ପ୍ରସ୍ତୁତିକୁ ଭୃକ୍ଷେପ ନ କରି ଇରାନ ମଧ୍ୟ ଉପଯୁକ୍ତ ଜବାବ ଦେବ ବୋଲି ଦମ୍ଭୋକ୍ତି ଜାହିର କରିଛି ଏବଂ ଲାଲ ସାଗରର ନିଜ ସୀମାରେ ନୌ -ସେନାକୁ ସତର୍କରେ ରଖିଛି। ଫଳ ସ୍ୱରୂପ ଦୁଇ ଦେଶ ପରସ୍ପରକୁ 'ଯୁଦ୍ଧମ ଦେହି ' ଡାକରା ଦେଇଛନ୍ତି। ଦୁଇ ପକ୍ଷର ଏ ପ୍ରକାର ମନୋବୃତ୍ତି ଯୋଗୁଁ କଥିତ ଭୂଖଣ୍ଡରେ ଯୁଦ୍ଧର କଳାବଦଳ ଘୋଟିଯାଇଛି। ଏହି ପରିପ୍ରେକ୍ଷୀରେ ଆମେରିକାର ନୌ ସେନାର ମୁଖପାତ୍ର କହିଛନ୍ତି ଯେ ତାଙ୍କ ସେନାର ଜାହାଜ ଗୁଡିକ ଅକ୍ଲେଶରେ ସମୁଦ୍ର କୂଳରେ ଓହ୍ଲାଇପାରିବେ। ଆବଶ୍ୟକୀୟ ରଣକୌଶଳ ଦ୍ୱାରା ତାଙ୍କ ନୌ-ସେନା ଜବତ ହୋଇଥିବା ଜାହାଜ ଗୁଡିକୁ ଉଦ୍ଧାର କରିବା ସହିତ ସେଠାକାର ଗତି ବିଧି ଉପରେ ତୀକ୍ଷ୍ଣ ନଜର ରଖିବେ ଯଦ୍ୱାରା ଉପୁଜିଥିବା ଉତ୍ତେଜନା ହ୍ରାସ ପାଇବ ବୋଲି ସେ ଆଶାବାଦୀ। ତାଙ୍କ ଅଭିଯୋଗ ହେଉଛି ଜୁଲାଇ ୫ ତାରିଖରେ ଓମାନ ନିକଟବର୍ତ୍ତୀ ଅନ୍ତର୍ଜାତୀୟ ଜଳ କ୍ଷେତ୍ରରେ ଇରାନ ଆମେରିକୀୟ ବାଣିଜ୍ୟିକ ତୈଳ ଟ୍ୟାଙ୍କରକୁ ନିଜ ଆୟତ୍ତରେ ଆଣିବା ପାଇଁ କରିଥିବା ସମସ୍ତ ପ୍ରଚେଷ୍ଟାକୁ ତାଙ୍କ ନୌ-ସେନା ସଫଳତାର ସହିତ ପ୍ରତିହତ କରିଥିଲା, ମାତ୍ର ଇରାନର ନୌ-ବାହିନୀ ବଳ ପୂର୍ବକ ସୀମା ଲଙ୍ଘନ କରି ସେହି ଟ୍ୟାଙ୍କରକୁ କବ୍‌ଜା କରି ନେଇଛି ଯାହା ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମର ବିରୁଦ୍ଧାଚରଣ କରୁଛି। ଉପରୋକ୍ତ ନିୟମର ଉଦ୍ଦେଶ୍ୟ ସହଯୋଗ ମାଧ୍ୟମରେ ନିରାପଦ, ପରିବେଶ ସୁଦୃଢ଼, ଦକ୍ଷ ଏବଂ ନିରନ୍ତର ପରିବହନକୁ ପ୍ରୋତ୍ସାହିତ କରିବା।

ଏହି କ୍ରମରେ ମଧ୍ୟ ପ୍ରାଚ୍ୟ ଦେଶମାନଙ୍କ ସମ୍ବନ୍ଧରେ କିଛି ଆଲୋକପାତ କରାଯାଇପାରେ। ମଧ୍ୟ ପ୍ରାଚ୍ୟ ଦେଶ ଗୁଡିକ ମଧ୍ୟରେ ରହିଛନ୍ତି ବାହାରିନ, ସାଇପ୍ରସ, ଇଜିପ୍ଟ, ଇରାନ, ଇରାକ,ଇସ୍ରାଇଲ, ଜୋର୍ଡାନ, କୁଏଟ, ଲେବନାନ, ଉତ୍ତର ସାଇପ୍ରସ, ଓମାନ, ପାଲେଷ୍ଟାଇନ, କତାର, ସାଉଦି ଆରବ, ସିରିଆ, ତୁର୍କୀ, ଇଉନାଇଟେଡ଼ ଆରବ ଏମିରଟସ (ୟୁଏଇ) ଏବଂ ୟେମେନ। ବିଂଶ ଶତାବ୍ଦୀର ଆରମ୍ଭରୁ ଅର୍ଥାତ ୧୯୦୨ ମସିହା ଠାରୁ ଏପର୍ଯ୍ୟନ୍ତ ମଧ୍ୟ ପ୍ରାଚ୍ୟ ଇଲାକାରେ ଅନେକ ସଂଘର୍ଷ ଏବଂ ଗୃହ ଯୁଦ୍ଧ ସଂଗଠିତ ହୋଇଯାଇଛି। ତନ୍ମଧ୍ୟରୁ ପ୍ରମୁଖ ଘଟଣାବଳୀକୁ ଦେଖିଲେ ଜଣାଯାଏ ଯେ ଇରାନ ବା ପର୍ସିଆ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମେତ ମଧ୍ୟ ପ୍ରାଚ୍ୟର ପ୍ରାୟ ସବୁ ରାଷ୍ଟ୍ର ସହିତ କୌଣସି ନା କୌଣସି କାରଣରୁ ଉତ୍ପନ୍ନ ସଂଘର୍ଷରେ ସାମିଲ ହୋଇଛି। ଯୁଦ୍ଧ ଜନିତ ରକ୍ତପାତକୁ ଭୃକ୍ଷେପ ନ କରି ଏହି ଦେଶ ଯୁଦ୍ଧ ସମୟର ସାମରିକ ରଣ କୌଶଳ ଅଭିଜ୍ଞତାକୁ ଆଧାର ପୂର୍ବକ ନିଜ ଅଞ୍ଚଳରେ ନିଜକୁ ଶକ୍ତିଶାଳୀ କରିବାକୁ ପ୍ରଚେଷ୍ଟା କରି ସଫଳ ହୋଇଛି। ତେବେ ବର୍ତ୍ତମାନ ଉପୁଜିଥିବା ଆମେରିକା ସହିତ ଏହାର ଦ୍ୱନ୍ଦ ପ୍ରଚ୍ଛଦରେ ଥିବା ବିଷୟଟିକୁ ଅନୁଧ୍ୟାନ କଲେ ସମରସଜ୍ଜାର ଅଭିପ୍ରାୟକୁ ଆମେ ହୃଦୟଙ୍ଗମ କରି ପାରିବା। ଇତିହାସ କହେ ଦୀର୍ଘ ଛ ବର୍ଷ ବ୍ୟାପି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱ ଆମେରିକାକୁ ସବୁଠୁ ବଳଶାଳୀ ଦେଶ ଭାବେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲା। ତତ୍କାଳୀନ ଶକ୍ତିଶାଳୀ ଦେଶଟିକୁ ମଧ୍ୟପ୍ରାଚ୍ୟର ସବୁ ଦେଶ ଅନୁଗତ ରହି ତାହାର ପ୍ରତିପତ୍ତି ସ୍ୱୀକାର କରନ୍ତୁ ବୋଲି ଆମେରିକା ଚାହୁଁଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଥିବାବେଳେ ଇରାନରେ ଗୋଟିଏ ବଡ ତୈଳ ସ୍ରୋତର ସନ୍ଧାନ ମିଳିଥିଲା ଯାହାକୁ ବ୍ରିଟେନର ଏକ କମ୍ପାନୀ ଆବିଷ୍କାର କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇରାନ ପହଲବି ରାଜବଂଶ ଦ୍ୱାରା ଶାସିତ ହେଉଥିଲା। ୧୯୪୯ ମସିହାରେ ଇରାନର ରାଜା ମହମ୍ମଦ ରାଜା ଶାହା ତାଙ୍କ ଦେଶରେ ସମ୍ବିଧାନ ପ୍ରଚଳନ କରିଥିଲେ। ୧୯୫୨ ମସିହାରେ ଇରାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋଡ଼ାଦିକ ଯେତେବେଳେ ସବୁ ତୈଳ କୂପର ଜାତୀୟକରଣ କରିଦେଲେ, ତାହା ବ୍ରିଟେନକୁ ଅପମାନ ବୋଧ ହେଲା। ଫଳତଃ, ସେ ସମୟ ପର୍ଯ୍ୟନ୍ତ ଇରାନର ସମସ୍ତ ତୈଳ କୂପର ମାଲିକାନା ସତ୍ତ୍ୱ ଧରିଥିବା ବ୍ରିଟେନର ସ୍ୱାର୍ଥରେ ଏକ ବିରାଟ ବାଧା ଉପୁଜିବାରୁ ଆମେରିକା ସହ ମିଶି ବ୍ରିଟିଶ ସରକାର ଇରାନର ପ୍ରଧାନମନ୍ତ୍ରୀଙ୍କୁ ହଟାଇ ଗୋଟିଏ ପରେ ଗୋଟିଏ ପ୍ରଧାନମନ୍ତ୍ରୀ ନିଯୁକ୍ତ କଲେ ଯିଏ ରାଜାଙ୍କ ବଶତା ସ୍ୱୀକାର କଲେ। ରାଜା ଉଭୟ ବ୍ରିଟେନ ଓ ଆମେରିକାର କ୍ରୀଡ଼ନକ ହୋଇ ଦେଶ ଶାସନ କଲେ। ଏହାର ଦୁଃପ୍ରଭାବ ଏମିତି ହେଲା ଯେ ଇରାନର ସାଧାରଣ ଜନତା ଅୟୋତଲ୍ଲା ଅଲ୍ଲୀ ଖୋମେଣୀଙ୍କ ନେତୃତ୍ୱରେ ରାଜାଙ୍କ ବିରୋଧରେ ଆନ୍ଦୋଳନ କଲେ। ଏହି ଭୟାବହ ଆନ୍ଦୋଳନକୁ ଦେଖି ରାଜା ଦେଶରେ ମାର୍ଶାଲ ଲ ଲାଗୁ କଲେ, ମାତ୍ର ଆନ୍ଦୋଳନ ଏତେ ତୀବ୍ର ରୂପ ଧାରଣ କଲା ଯେ ୧୯୭୮ ମସିହାର ଉକ୍ତ ଘଟଣା ରାଜାଙ୍କୁ ଦେଶ ଛାଡିବାକୁ ବାଧ୍ୟ କଲା। ନିଜ ଜୀବନ ପ୍ରତି ଭୟ ଥିବା ବିଚାର କରି ସେ ୧୯୭୯ ମସିହାରେ ଆମେରିକା ଠାରେ ଶରଣ ପଶିଲେ। ବ୍ରିଟେନ କମ୍ପାନୀ ଦ୍ୱାରା ଆବିଷ୍କୃତ ତୈଳ କୂପରୁ ମିଳୁଥିବା ପ୍ରଚୁର ଅର୍ଥ ମଧ୍ୟ ଆମେରିକା ପାଇଲା ନାହିଁ। ଅଗତ୍ୟା ଆମେରିକା ଖୋମେଣୀଙ୍କୁ ଗାଦିଚ୍ୟୁତ କରିବାକୁ ଷଡଯନ୍ତ୍ର ଆରମ୍ଭ କଲା। କାରଣ ସେ ଆମେରିକା ମନୋନୀତ କରୁଥିବା ଇରାନ ସରକାର ନୀତିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିଦେଲେ। ଷଡ଼ଯନ୍ତ୍ରର ମସୁଧା ଖୋଜା ଚାଲୁଥିବା ବେଳେ ଆମେରିକା ପାଖରେ ଏକ ସମ୍ଭାବନା ସୃଷ୍ଟି ହେଲା। ୧୯୮୦ ମସିହାରେ ସଦାମ ହୁସେନ ଯେତେବେଳେ ଇରାନ ଉପରେ ଆକ୍ରମଣ କଲେ, ଆମେରିକା ତାଙ୍କୁ ସହାୟତା ପାଇଁ ଆଗେଇ ଆସିଲେ। ଏହାହିଁ ଇରାନ ଓ ଆମେରିକା ମଧ୍ୟରେ ତିକ୍ତତାର ମଞ୍ଜି ବୁଣିଦେଲା। ମଧ୍ୟ ପ୍ରାଚ୍ୟର ଅନେକ ରାଷ୍ଟ୍ର ଆମେରିକାର ବଶତା ସ୍ୱୀକାର କରିଥିଲେ ମଧ୍ୟ ଇରାନ ଏ ଯାଏଁ ନିଜ ସାର୍ବଭୌମତ୍ୱରେ ଆଞ୍ଚ ଆଣି ନାହିଁ। ଇରାନ ବିପ୍ଳବର ଚାରି ଦଶନ୍ଧି ପରେ ବି ଉଭୟ ଦେଶ ମଧ୍ୟରେ ପୂର୍ବର ଗମ୍ଭୀର ସ୍ଥିତି ବଜାୟ ରହିଛି। ଇରାନ ପାଖରେ ପରମାଣୁ ଶକ୍ତି ସହିତ ପ୍ରଚୁର ଅସ୍ତ୍ରଶସ୍ତ୍ର ମହଜୁଦ ରହିଛି। ଏବେ ଲାଲ ସାଗରରେ ଉତ୍ପନ୍ନ ଦୁଇ ଦେଶ ମଧ୍ୟରେ ଅଶାନ୍ତି ଓ ଅସ୍ଥିରତା ଯେ କୌଣସି ସମୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିବ ନାହିଁ ବୋଲି କିଏ ବା କହି ପାରିବ? ତେବେ ବିଶ୍ୱ ଶାନ୍ତି ପରିପ୍ରେକ୍ଷୀରେ ଜାତିସଙ୍ଘ ଏବଂ ପ୍ରମୁଖ ରାଷ୍ଟ୍ରନେତା ମିଳିତ ଭାବରେ ମଧ୍ୟପ୍ରାଚ୍ୟର ଏପରି କାର୍ଯ୍ୟକଳାପର ଅନ୍ତ ନିମନ୍ତେ ରାସ୍ତା ବାହାର କରିବା ଦରକାର। ଆମ ଦେଶ ଭାରତ ବିଭିନ୍ନ ଅନ୍ତରାଷ୍ଟ୍ରୀୟ ମଞ୍ଚରେ ନିଜର ସ୍ଥିତି ମଜବୁତ କରିଥିବାବେଳେ, ଇରାନ ଓ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଏକ ସ୍ପର୍ଶକାତର ବିଷୟ ଉପରେ ନିଜର ଆଭିମୁଖ୍ୟ ଜରିଆରେ ମଧ୍ୟ ପ୍ରାଚ୍ୟର ଅଶାନ୍ତ ଅବସ୍ଥାକୁ ଦୁରେଇ ଦେବ ବୋଲି ସମସ୍ତେ ଆଶାବାଦୀ।

*ମର୍କତ ନଗର, କଟକ*


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

# ଦୋଷ ଦୃଶ୍ୟ



**କ୍ଷୀରୋଦ ଦାସ**



ଭାଗ-୦୯

(ପୂର୍ବପ୍ରକାଶ ଉତ୍ତାରୁ)

ଚନ୍ଦପୁର ମେଡିକାଲ୍‌ରେ ବାପା ଚଉଦ ଦିନ ରହି ଚିକିତ୍ସିତ ହେବା ପରେ ମରିଗଲେ। ସେମିତି କିଛି ଅଧିକ ବୟସ ହୋଇ ନଥିଲା ତାଙ୍କୁ। ଗମ୍ଭୀର ରୋଗ ବି ନଥିଲା ତାଙ୍କ ଦେହରେ। କମିଲା ନାହିଁ ଜ୍ୱର ତାଙ୍କ ଦେହରୁ। ପ୍ରଥମେ ଘର ପାଖ ପାତ୍ରସାରଙ୍କ ଚିକିତ୍ସାରେ ରହିଥିଲେ ସେ। ସେ ପାରିଲେ ନାହିଁ। ସବୁ ଦିଗରୁ ବିଫଳ ହେବା ପରେ ସେ ପରାମର୍ଶ ଦେଲେ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ। ଭର୍ତ୍ତି ହେଲେ। ଚାଲିଲା ଚିକିତ୍ସା। ବାପା କିନ୍ତୁ ବଞ୍ଚିଲେ ନାହିଁ। ରାତି ସାଢ଼େ ଦଶଟା ସୁଦ୍ଧା ଡାକ୍ତର ବାପାଙ୍କୁ ମୃତ ଘୋଷଣା କଲେ।

ହସ୍ପିଟାଲରେ କେହି ନଥିଲେ ସୁରେଖା ପାଖରେ। ସମ୍ପୂର୍ଣ୍ଣ ଏକା। ବନ୍ଧୁବାନ୍ଧବ, ସାଇପଡିଶା, ଯାହାକୁ ଫୋନ୍ କଲା ସେ, କେହି ମଙ୍ଗିଲେନି ଏତେ ରାତିରେ ହସ୍ପିଟାଲ ଆସିବା ପାଇଁ। ତା'ର ଜଣେ ସ୍କୁଲ ବେଳର ସାଙ୍ଗ, ପ୍ରଭାତ ତାର ନାଁ। ତାକୁ ଜଣାଇବା ପରେ ଏଗାର କିଲୋମିଟର ଦୂରରୁ ସେ ନିଜ ବାଇକ୍‌ରେ ଆସି ପହଞ୍ଚିଗଲା। ବାପାଙ୍କ ମରଶରୀରକୁ ଆମ୍ବୁଲାନ୍ସରେ ଧରି ଗାଁରେ ପହଞ୍ଚିବା ବେଳକୁ ରାତି ଅଧ। ସକାଳକୁ ବନ୍ଧୁବାନ୍ଧବ, ସାଇପଡିଶା ଆସି ପହଞ୍ଚିବା ପରେ ଶବ ସଂସ୍କାର ହେଲା। ତାର ଭାଇ ନ ଥିବାରୁ ମୁଖାଗ୍ନି ଦେଇଥିଲା ସେ ନିଜେ। ଏହାକୁ ନେଇ ସାଇଭାଇ ଭ୍ରୂକୁଞ୍ଚନ କରିଥିଲେ। ଝିଅପିଲା ହୋଇ ଶ୍ମଶାନକୁ ଯିବ! ମୁଖାଗ୍ନି ଦେବ? ଯେ କି ଅଲିଖିତ କଥା? ଏହା ତ ଘୋର ଶାସ୍ତ୍ରବିରୋଧୀ!

କାହାର କଥାକୁ ପରବାୟ କରି ନଥିଲା ସୁରେଖା। କେବଳ ଶୁଣିଥିଲା ତା ଅନ୍ତରାତ୍ମାର ନିର୍ଦ୍ଦେଶକୁ। ସମସ୍ତେ ଚୁପ୍ ହୋଇଯାଇଥିଲେ। ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସିକତାର ସହ ସେ ବାପାଙ୍କ ସମସ୍ତ କ୍ରିୟାକର୍ମ ସଫଳତାର ସହ ସମ୍ପାଦନ କରିଥିଲା।

ଅଟୋ ଚାଲିଥିଲା। ଭାରି କ୍ଲାନ୍ତ ଲାଗୁଥିଲା ସୁରେଖାକୁ। ଶୋଷ ବି। ଆଖି ବନ୍ଦ କରି ସେ ଆଉଜି ପଡିଥିଲା ପଛ ସିଟ୍‌କୁ।

ସେହିପରି ଆଖିବୁଜି ସେ କହିଲା-

- "ଆରେ ଭାଇ, ଟିକେ ଶୀଘ୍ର ଚଲାଅ। ବସ୍‌ଷ୍ଟାଣ୍ଡରେ ପହଞ୍ଚିବାକୁ ଡେରି ହୋଇଯିବ ପରା! ରାତି ବଳେଇ ପଡୁଛି ନା...

ଅଟୋ ଚାଲିଥିଲା। ହଠାତ୍ ଡ୍ରାଇଭର ବ୍ରେକ୍ ଦେବାରୁ ଚମକିପଡି ଚେଇଁ ଉଠିଲା ସୁରେଖଶ। ବାହାରେ କିଟିକିଟି ଅନ୍ଧାର।

ବର୍ଷା ବି ହେଉଥିଲା।

"ଯାଡେ କୁଆଡେ? ଉଚ୍ଚ ଗଳାରେ କହିଲା ସୁରେଖା- "ଏଇଟା କେଉଁ ଜାଗା? ଆମେ ବସ୍‌ଷ୍ଟାଣ୍ଡ ଯିବା ପରା! ତମେ ଅଟୋ କୁଆଡକୁ ନେଉଛ ଭାଇ?"

: ବଜାର ଭିତରେ ଭିଡ ଥିବ ଭାବି ମୁଁ ସଟ୍‌କଟ୍ ରୋଡ୍‌ରେ ପଳେଇ ଆସିଲି। ବ୍ୟସ୍ତ ହୁଅନ୍ତୁନି। ଦଶ ପନ୍ଦର ମିନିଟ୍ ଭିତରେ ଆମେ ପହଞ୍ଚିଯିବା ବସ୍‌ଷ୍ଟାଣ୍ଡରେ। -କହିଲା ଡ୍ରାଇଭର।

: ଏଠି ତେବେ ଅଟକିଲ କାହିଁକି? ଏ ଅପନ୍ତରା, ଅନ୍ଧାରୁଆ, ଜଙ୍ଗଲିଆ ସ୍ଥାନରେ? - ଭୟାତୁରାସ୍ୱରରେ ପଚାରିଲା ସୁରେଖା।

: ମୁଁ ଅଟକାଇନି, ମନକୁ ମନ ବନ୍ଦ ହୋଇଗଲା। ଇଞ୍ଜିନ୍‌ରେ ପାଣି ପଶିଗଲା କି କଣ ଆଉ ଷ୍ଟାର୍ଟହେଉନି। -ଉତ୍ତର ଦେଲା ଅଟୋ ଡ୍ରାଇଭର।


ସୁରେଖା କିନ୍ତୁ ଏକ ଅଲଗା ପ୍ରକାର ଗନ୍ଧ ବାରି ପାରୁଥିଲା। ତାକୁ ଲାଗିଲା ଅଟୋ ଡ୍ରାଇଭର ଜାଣିଶୁଣି ଅଟୋ ଅଟକାଇଛି ସେଠାରେ। ତା'ର ମତଲବ ଆଦୌ ଭଲ ନୁହେଁ। କାହାକୁ ଗୋଟେ ସେ ଫୋନ୍ କରି କହୁଛି- "ମୁଁ ଏଇ ସ୍ଥାନରେ ଅଛି। ଅଟୋ ଷ୍ଟାର୍ଟ ହେଉନି। ପାସେଞ୍ଜର ଅଛନ୍ତି। ଶୀଘ୍ର ଆସ।"

: ତୁମେ କାହାକୁ ଫୋନ୍ କରୁଛ? କ'ଣ ପାଇଁ ଫୋନ୍ କରୁଛ? -ଥରଥର ସ୍ୱରରେ ପଚାରିଲା ସୁରେଖା। ଭୟରେ ତା' ଦେହ ଝାଳେଇ ଗଲାଣି ସେତେବେଳକୁ।

: ମୋର ଗୋଟାଏ କାମ କର। ବସ୍‌ଷ୍ଟାଣ୍ଡ ଆଡ଼କୁ ଯାଉଥିବା ଆଉ ଗୋଟେ ଅଟୋକୁ ହାତ ଦେଖାଇ ଅଟକାଅ। ମୁଁ ସେଥିରେ ପଳାଇବି। ତୁମ ବନ୍ଧୁ ଆସିଲେ ତୁମେ ତୁମର ଯିବ...

: କୋଉ ଅଟୋ ଆସିଲେ ସିନା! ଅନ୍ଧାରରେ କାହାକୁ ହାତ ଦେଖାଇବି ମୁଁ?- କହିଲା ଅଟୋ ଡ୍ରାଇଭର।

ଭୟରେ ଶିହରି ଉଠିଲା ସୁରେଖା। ସହରଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏ ସ୍ଥାନ। ଆଦୌ ଲୋକ ଯାତାୟାତ ନାହିଁ। ଶୀତୁଆ, ମେଘୁଆ ରାତିର କିଟିକିଟି ଅନ୍ଧାର। ଅନ୍ଧାର ଭିତରେ ଅପରଚିତ ଅଟୋ ଡ୍ରାଇଭର ଓ ସେ। ସେମାନଙ୍କ ସହ ବର୍ଷା ଓ ଅନ୍ଧ



ଅନ୍ଧ କୋହଲା ପବନ।

ସୁରେଖା ସ୍ପଷ୍ଟ ଅନୁମାନ କରିପାରୁଥିଲା ଘଟିବାକୁ ଯାଉଥିବା ଭୟାବହ ଘଟଣାଟିକୁ। ତା ତଣ୍ଟି ଶୁଖି ଅଠା ଅଠା ହୋଇଯାଉଥିଲା। ଗୋଡହାତ ସମେତ ସମଗ୍ର ଶରୀର ଧୀରେ ଧୀରେ ଅବଶ ହୋଇପଡୁଥିଲା। ସେ ଭାବିଲା ଉଚ୍ଚସ୍ୱରରେ ଚିତ୍କାର କରି ଡାକ ପକାଇବ ସାହାଯ୍ୟ ଆଶାରେ। ଭୟରେ ତା ପାଟିରୁ ଶବ୍ଦଟିଏ ବି ଉଚ୍ଚାରିତ ହେଲା ନାହିଁ। ଭୟରେ ସେ ସଜ୍ଞା ହରାଇବାକୁ ବସିଥିବା ବେଳେ ଦେଖିଲା ଅଟୋ ନୁହେଁ, କାର୍‌ଟିଏ ଆସି ଅଟକିଲା ଅଟୋ ସାମ୍ନାରେ। କାର୍ ଭିତରୁ ବାହାରି ଆସୁଥିଲେ ଦୁଇ ତିନିଜଣ ମଣିଷ। ସହସା ସେ ଅନୁଭବ କଲା କେହି ଜଣେ ରୁମାଲ ଅବା ଗାମୁଛାରେ ମାଡିବସୁଛି ତା' ମୁହଁକୁ। ସେ ବାଡେଇଛାଟି ହେଉଛି ମୁକୁଳିବାକୁ। ଗଁ ଗଁ ଚିତ୍କାର କରୁଛି। ଧୀରେ ଧୀରେ ସେ ସଂଜ୍ଞା ହରାଉଥିବା ବେଳେ ଅନୁଭବ କରୁଛି ଶୂନ୍ୟେ ଶୂନ୍ୟେ କିଛି ଲୋକ ତାକୁ ଟେକି ନେଇଯାଉଛନ୍ତି କୁଆଡେ। ତାପରେ... ତାପରେ...

"ଅଟୋ ଡ୍ରାଇଭର, ସଂଜୟ ଓ ତା'ର ଦୁଇଜଣ ସାଙ୍ଗ। ଚାରିଜଣ ଯାକ ମିଶି ଅତ୍ୟନ୍ତ ଅମାନୁଷିକ, ନିର୍ମମ ଭାବରେ ଦୁଷ୍କର୍ମ କରିଛନ୍ତି ଝିଅଟି ସହିତ; ସେଇ ନିଛାଟିଆ ଜଙ୍ଗଲିଆ ରାସ୍ତାର ଗୋଟେ ଗଛତଳେ।"

କହିଲେ ଇନିସ୍‌ପେକ୍ଟର ଏବଂ ଯୋଗ କଲେ- "ସାରା ରାତି। ପୁଣି ପ୍ରଚଣ୍ଡ ଶୀତ ଓ ବର୍ଷାରାତି। ମଦ୍ୟପ ଲମ୍ପଟମାନେ ଝିଅଟିର ଶରୀରର କୌଣସି ଅଙ୍ଗକୁ ମଧ୍ୟ ଅକ୍ଷତ ଅବସ୍ଥାରେ ରଖି ନାହାନ୍ତି। ଗୋଟେ ନିରୀହ ଝିଅର କୋମଳ ଶରୀର ଚାରିଚାରିଟା ରକ୍ତପିପାସୁ ରାକ୍ଷସଙ୍କର ବର୍ବରୋଚିତ ଆକ୍ରମଣକୁ କେମିତି ସମ୍ଭାଳିଥିବ, ଚିନ୍ତା କରିପାରୁଛନ୍ତି ଆପଣ! ପେସାରେ ତ ଆପଣ ଡାକ୍ତର, ଏ ପ୍ରକାର କଷ୍ଟକୁ ଆପଣ ମୋଠାରୁ ଅଧିକ ଅନୁଭବ କରିପାରୁଥିବେ। ମଣିଷ ପଶୁତ୍ୱର କେଉଁ ପର୍ଯ୍ୟାୟକୁ ଗଲେ ଏପରି କ୍ରୂର, ନିର୍ମମ, ଅକଳ୍ପନୀୟ ନୀଚ କର୍ମ କରିପାରେ, ତାହା ମୁଁ ମୋ ଚବିଶ ପଚିଶ ବର୍ଷର ପୋଲିସ ଚାକିରି କାଳ ଭିତରେ ଦେଖି ନଥିଲି। ମୋର ଇଚ୍ଛା ହେଉଥିଲା ପଶୁଗୁଡାଙ୍କୁ..."

ପ୍ରଚଣ୍ଡ କ୍ରୋଧରେ ଅଧିକ କହିପାରିଲେନି ଇନିସ୍‌ପେକ୍ଟର।

: ଗୁଳି କରିଦେଇଥାଆନ୍ତେ ସେଇ ପାଷଣ୍ଡମାନଙ୍କୁ! -ପୂରଣ କଲେ ଶୁଭକାନ୍ତ- "କଲେନି କାହିଁକି? କାହିଁକି ଛାଡିଦେଲେ ସେଇ ଇତର ପଶୁମାନଙ୍କୁ? କେଉଁ ବିବେକବୋଧ ଅଟକାଇଲା ଆପଣଙ୍କୁ? କାହାକୁ ଭୟ କଲେ ଆପଣ? ସେଇ ଅପରାଧୀମାନଙ୍କୁ ନା ନିଜ ଚାକିରିକୁ? ସେପରି କରିଥିଲେ ଆପଣଙ୍କ ଚାକିରି ସିନା ସାମୟିକ ଭାବରେ ଯାଇଥାଆନ୍ତା, କିନ୍ତୁ ଆପଣ ମୁକ୍ତ ହୋଇଯାଇଥାଆନ୍ତେ ନିଜ ମନ ଭିତରର ଅନେକ ଗ୍ଲାନିରୁ।"

ଶୁଭକାନ୍ତ ଏତକ କହି ଚୁପ୍ ହେଲେ ଏବଂ କ୍ଷମା ମାଗିବା ସ୍ୱରରେ କହିଲେ: "ସେଇ ଗ୍ଲାନି, ସେଇ ଅପରାଧବୋଧ ହିଁ ମୋତେ ଅହରହ କଲବଲ କରୁଛି, ଅଥୟ କରୁଛି ଇନିସ୍‌ପେକ୍ଟର। ମୋତେ ନୟାନ୍ତ କରୁଛି। କେଉଁଠି ମୁହୂର୍ତ୍ତେ ବି ଶାନ୍ତିରେ ବସିବାକୁ ଦେଉନି। ମୋ ଭିତରର ସବୁ ପ୍ରାଣ ପ୍ରାଚୁର୍ଯ୍ୟକୁ ନିଗାଡି ଦେଉଛି। ଆପଣ ମୋତେ ସେଇ ଗ୍ଲାନିବୋଧରୁ ମୁକ୍ତି ଦିଅନ୍ତୁ ଆଜ୍ଞା! ଟିକେ ସାହାଯ୍ୟ କରନ୍ତୁ। ମୋତେ ମାତ୍ର ପାଞ୍ଚ ମିନିଟ୍ ପାଇଁ ହସ୍ପିଟାଲ ଯିବା ପାଇଁ ଅନୁମତି ଓ ସୁଯୋଗ ଦିଅନ୍ତୁ। ମୁଁ ଆପଣଙ୍କୁ ହାତ ଯୋଡୁଛି, ମୋତେ ଏତିକି ଦୟା କରନ୍ତୁ। ଯଦି ଏହା ନିହାତି ଆପଣଙ୍କ ସାଧ୍ୟର ବାହାରେ, ଏହା ଆଉ କାହା ଦ୍ୱାରା ସମ୍ଭବ, ମୋତେ ଜଣାନ୍ତୁ। ମୁଁ ଯାଇ ତାଙ୍କୁ ଅନୁରୋଧ କରିବି, ତାଙ୍କର ଗୋଡାହାତ ଧରିବି... ଫର୍ ଗଡ୍ ସେକ୍ ... ପ୍ଲିଜ୍ ହେଲ୍ପ ମି... ପ୍ଲିଜ୍... ପ୍ଲିଜ୍...

(କ୍ରମଶଃ)

## କିଶୋରୀ କୋକିଳା



# ଜହ୍ନରେ ତ୍ରିରଙ୍ଗା



**ସଂଶୟ କୁମାର ସାହାଣୀ**

ଭାରତ ରଚିଲା ସ୍ୱର୍ଣ୍ଣୀମ ଅଧ୍ୟାୟ
ଚନ୍ଦ୍ରପୃଷ୍ଠେ ଦେଲା ପାଦ
ଗରବେ ଜନତା ଆତ୍ମହରା ହେଲେ
ଶୁଭେ ଜୟ ଜୟ ନାଦ।
ତ୍ରିରଙ୍ଗା ଉଡ଼ିଲା ଜହ୍ନମାମୁଁ ଘରେ
ସ୍ୱପ୍ନ ହେଲା ଆଜି ସତ
ପୃଥିବୀ ଦେଖିଲା ଭାରତର ଦମ୍ଭ
ବିଶ୍ୱବାସି ଅଭିଭୂତ।
କାଶ୍ମୀର ଠାରୁ କନ୍ୟାକୁମାରୀ
ଗଙ୍ଗା ଠାରୁ ଗୋଦାବରୀ
ହର୍ଷେ ଉତ୍‌ଫୁଲିତ କୋଣ ଅନୁକୋଣ
ଗ୍ଲାନି ଗଲା ଅପସରି।
ଦକ୍ଷିଣ ମେରୁରେ ପାଦ ଥାପି ଆମେ
ଇତିହାସ ଗଲୁ ରଚି
ପ୍ରଥମ ଦେଶର ମାନ୍ୟତା ପାଇଲୁ
ଗରବେ ଉଠଉ ନାଚି।
ସାରା ପୃଥିବୀକୁ ସନ୍ଦେଶ ଦେଲୁ
ଭାରତମାତା କି ଜୟ
ବିଜ୍ଞାନ କୌଶଳେ ଭରପୁର ଆମେ
ମନେ ଆମ ନାହିଁ ଭୟ।
ପ୍ରତି ଭାରତୀୟ ଉତ୍‌ଫୁଲିତ ଆଜି
ଆନନ୍ଦରେ ଉନ୍ମାଦିତ
ଅଗଷ୍ଟ ତେଇଶି ଅବିସ୍ମରଣୀୟ
ସ୍ୱର୍ଣ୍ଣ ଅକ୍ଷରେ ଖୋଦିତ।
ଜୟ ଭାରତ ଜୟ ଭାରତୀୟ
ଜୟ ଇସ୍ରୋ ବୈଜ୍ଞାନିକ
ବିଶ୍ୱ ତୁମକୁ ସଲାମ ଜଣାଏ
ବଧାଇ ମିଳେ ଅନେକ।
ଚନ୍ଦ୍ର ଜୟ ପରେ ମଙ୍ଗଳ ଗମନ
ଶୁକ୍ରେ ବି ଅବତରଣ
ମୋ ଦେଶର ଇସ୍ରୋ ଲକ୍ଷ୍ୟ ରଖିଛି
ନ ହେବ ଏ ଅକାରଣ।

*ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ, କଟକ*
*ଦୂରଭାଷା: ୭୯୭୮୧୫୬୩୩୮*

# ଜୀବନ ଡଙ୍ଗା

**ଅଧ୍ୟାପକ ଅଜୟ ପଟ୍ଟନାୟକ**



ଜୀବନ ତ ଏକ ହୁଲି ଡଙ୍ଗା
ପାଦେ ପାଦେ ଲହଡିର ଭୟ।

କେତେବେଳେ ଆହୁଲା ଭାସିଯିବ,
କାତ କସିଯିବ,
ହାତ ଥକିଯିବ, ପାଣି ପଶିଯିବ,
ଆଉ ଲହଡି ଡଙ୍ଗାକୁ ଓଲଟାଇ ଦେବ।

ତୋଫାନକୁ କି ଅବା ବିଶ୍ୱାସ
ଝିଅ ଘର କରିବ, ପୁଅ ଦୂରରେ ରହିବ,
ପତ୍ନୀ ଫେରିଯିବ
ବୋତଲରୁ ମଦିରା ସରିଯିବ।

ଗିଲାସ ଭାଙ୍ଗିଯିବ
ପ୍ରିୟାର ପୋଟଳ ଆଖି ଧୂଷର ହୋଇଯିବ
ଜୀବନ ଯାତ୍ରାରେ ସମସ୍ତେ ଚାଲିଯିବେ
ଯେଝା ବାଟରେ, ହାତ ହଲେଇ,
ବାଟ କଢ଼େଇ, ସ୍ୱାର୍ଥ ସିଦ୍ଧିପରେ
ସମୟ ଚକ୍ରର ଆବର୍ତ୍ତନରେ।

ଜୀବନ ତ ଚୋରାବାଲିମୟ
କେତେବେଳେ ଭିଡିନେବ, ଟାଣିନେବ
ନଦୀ ଶଯ୍ୟାର ଗଭୀରତମ କୋଳକୁ
ଦେବାକୁ ଅମାପ ଆନନ୍ଦ।

କାହାକୁ ଏଠି କରିବା ବିଶ୍ୱାସ
ଯେଉଁଠି ସାଙ୍ଗ ଦେବାକୁ
ମନା କରେ ନିଶ୍ୱାସ।

ଏକମାତ୍ର ପରମାତ୍ମା ହିଁ ସାହା
ଉଦ୍ଧାରିବାକୁ ଏ ଭବ ମାୟା।

*ନୀଳାଦ୍ରି ବିହାର, ଭୁବନେଶ୍ୱର*
*ଦୂରଭାଷ : ୯୯୩୭୫୭୯୩୫୯*

# ରାକ୍ଷୀ ମିଳନର ମୂକସାକ୍ଷୀ

**ରାମଚନ୍ଦ୍ର ବେହେରା**



ଶ୍ରାବଣ ପୁନେଇଁ ଆସିଛି ସରାଗେ
ରାକ୍ଷୀ ପରବକୁ ନେଇ
ଅତି ଶରଧାରେ ଭାଇର ହାତରେ
ଭଉଣୀ ରାକ୍ଷୀ ବାନ୍ଧଇ।
ପ୍ରଭୁ ବଳିଆଙ୍କ ଜନମ ଦିନରେ
ଗୋ ମାତାଙ୍କ ପୂଜା ହୁଏ
ସ୍ନେହ ଓ ଶ୍ରଦ୍ଧାର ଏ ମହାନ ପର୍ବ
ଖୁସି ମନେ ଭରିଦିଏ।
ଭାଇର ମଥାରେ ଚନ୍ଦନ ସିନ୍ଦୁର
ଲଗେଇ ଦିଏ ଭଉଣୀ
ଦୀପ ବନ୍ଦାପନା କରି ସେ ଶ୍ରଦ୍ଧାରେ
ରାକ୍ଷୀ ବାନ୍ଧିଦିଏ ପୁଣି।
ଭାଇର ମଙ୍ଗଳ କାମନା କରଇ
ଦିଅଂକୁ ମାଗେ ଆଶିଷ
ସୁଖ ଶାନ୍ତି ମିଳୁ ଭାଇର ଜୀବନେ
ଖୁସିରେ କଟୁ ଦିବସ।
ଶ୍ରଦ୍ଧାର ପ୍ରତୀକ ଉପହାରଟିଏ
ଭଉଣୀର ହାତେ ଦେଇ
ବିପଦ ସମୟେ ସାହା ହେବ ବୋଲି
ପ୍ରତିଶୃତି ଦିଏ ଭାଇ।
ସୁଭଦ୍ରା ଭଉଣୀ ବାନ୍ଧିଥାନ୍ତି ରାକ୍ଷୀ
କାଳିଆ ବଳିଆ ହାତେ
ଖୁସି ହୋଇ ପ୍ରଭୁ ଗେହ୍ଲା ଭଉଣୀକୁ
ନେଇଥାନ୍ତି ରଥଯାତେ।
ଲକ୍ଷ୍ମୀ ବାନ୍ଧିଥିଲେ ପବିତ୍ର ରାକ୍ଷୀକୁ
ପରାକ୍ରମୀ ବଳୀ ହାତେ
ଅହଂକାର ପାଇଁ ଜୀବନ ତା' ଗଲା
ବିଷ୍ଣୁଂକ ପଦ ଆଘାତେ।
ପିନ୍ଧା ବସ୍ତ୍ର ଚିରି ବାନ୍ଧିଥିଲେ ରାକ୍ଷୀ
ସଖାଙ୍କ ହାତେ ପାଞ୍ଚାଳୀ
କୋଟି ବସ୍ତ୍ର ଦେଇ ଦୋପଦୀଂକୁ ରକ୍ଷା
କରିଥିଲେ ଚକ୍ରଧାରୀ।
ରେଶମ ସୂତାର ରାକ୍ଷୀଟିଏ ସତ
ସେ'ତ ବିଶ୍ୱାସର ଡୋରୀ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ନୁହେଁ କେହି ତା'ର ସରି।
ସ୍ନେହ ମମତାର ଏ ମହାନ ପର୍ବ
ମିଳନର ମୂକସାକ୍ଷୀ
ଭାଇ ଭଉଣୀର ପବିତ୍ର ସମ୍ପର୍କ
ବାନ୍ଧିରଖେ ପୁଣ୍ୟ ରାକ୍ଷୀ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ଏଇଠି ଭଲପାଇବା ମିଳେନାହିଁ

**ଦୁଷ୍ମନ୍ତ ବେହେରା**



ନାମ-ବାପା-ତାଜୁମ୍, ମା-ଏଲିସା, ପୁଅ-ଜାଡୁ। ସହରର ପ୍ଲାଟଫର୍ମରେ ତାଜୁମ୍‌ର କେହି ଆପଣାର ଲୋକ ନାହାନ୍ତି। ଲୋକଟିର ଘରଦ୍ୱାର ନାହିଁ। ସେ ସବୁଦିନ ଭିକମାଗି ନିଜ ପେଟ ପୋଷେ। ସମସ୍ତଙ୍କ ଆଗରେ ହାତ ପତାଇ ଦିଏ, ତାକୁ କେହି କେହି ଟଙ୍କେ ଆଠଣା ଦିଅନ୍ତି। ସେ ସେହି ପଇସାରୁ ନିଜେ କିଛି ଖାଦ୍ୟ କିଣି ଖାଇଦିଏ ଆଉ ବାକିତକ ତା ସ୍ତ୍ରୀ ପାଇଁ ନିଏ। ତାର ସ୍ତ୍ରୀ ଏଲିସା, ଏଲିସା ବିଚାରୀ ଅନ୍ଧୁଣୀ। ତାଜୁମ୍ ଭିକାରୀ ନିଜ ପେଟ ପୋଷିବା ସଙ୍ଗେସଙ୍ଗେ ସ୍ତ୍ରୀର ପେଟ ପୋଷେ ଯେଉଁ ଦିନ ଖାଇବାକୁ ମିଳେ ଖାଆନ୍ତି, ଖାଇବାକୁ ନ ମିଳେ ଶୋଇ ପଡନ୍ତି। ଦୁଃଖ ଯନ୍ତ୍ରଣା ହେଲେବି ଖୋଲା ଆକାଶ ତଳେ ରାତି ସାରା ଶୋଇ ପଡନ୍ତି, ଦେହରେ ଘୋଡେଇ ନ ହୋଇ ରାତିରେ ହାଡ ଭଙ୍ଗା ଶୀତକୁ ମଧ୍ୟ ସହି ଯାଆନ୍ତି, କଷ୍ଟ ହେଲେ ମଧ୍ୟ ଏମାନେ ଖରା, ବର୍ଷା ଓ ଶୀତକୁ ସହି ଯାଆନ୍ତି କଣ ବା ଆଉ କରିବେ "ତାଙ୍କର ତ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ"।

ତାଜୁମ୍ ଓ ଅନ୍ଧୁଣୀ ଏଲିସା କୁହନ୍ତି ଏ ହେଉଛି ଆମର ଭାଗ୍ୟ। ଆମେ ଏପରି ହତଭାଗା ଯେ ଆମର ରହିବାକୁ ଘରଟିଏ ନାହିଁ, କି ଖାଇବା ପାଇଁ ପଇସା ନାହିଁ। ଆମ ଜୀବନ ରେ ଆମେ ସୁଖ କଣ ଜାଣିଲେ ନାହିଁ। ଯାହା ଆମକୁ ମିଳୁଚି ତାହା ହିଁ ଆମ ପାଇଁ ସୁଖ। ଝଡ, ବାତ୍ୟା, ଖରା, ବର୍ଷା ଓ ଶୀତ ହେଲେ ମଧ୍ୟ କେହି କାହାର ହାତ ଛାଡନ୍ତି ନାହିଁ। ପରସ୍ପର ଦୁହେଁ ଦୁହିଁଙ୍କର ସୁଖ ଦୁଃଖର ସାଥୀ ହୋଇ ରହିଛନ୍ତି।

ଏହାଭିତରେ ଗୋଟେ ବର୍ଷ ବିତିଗଲା, ଅନ୍ଧୁଣୀ ଏଲିସା ଗର୍ଭବତୀ ହେଲା, ତାଜୁମ୍ ବାପା ହେବେ ଏବଂ ଏଲିସା ମାଆ ହେବ ଏହି ଖୁସିରେ ଦୁହିଁଙ୍କ ମନ କୁଣ୍ଢେମୋଟ ହୋଇଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ସେହି ସମୟରେ ତାଜୁମ୍‌ର ରୋଗ ହେଲା ମୃତ୍ୟୁ ହୋଇଗଲା। ଅନ୍ଧୁଣୀ ଏଲିସା ସବୁ ଦିନ ପାଇଁ ଏକୁଟିଆ ହୋଇଗଲା। ଅନ୍ଧୁଣୀ ଏଲିସାର ପେଟ ଭିତରେ ବଢୁଥିବା ପିଲାକୁ ଆଠ ମାସ ହୋଇଗଲା। ଅନ୍ଧୁଣୀ ନିଜ ପେଟର ପିଲାକୁ ଧରି ବଡ ବଡ ବାବୁ ମାନଙ୍କୁ ହାତ ପତାଇଲା। କିଏ ଟଙ୍କେ ଅଠଣା ଦେଇ ନିଜ ନିଜ ବାଟରେ ଚାଲିଗଲେ। ସେହି ଟଙ୍କାରେ ନିଜେ କିଛି ଖାଦ୍ୟ କିଣି ଖାଏ।

ଏମିତି ଦିନ ବିତିଗଲା, ନଅ ମାସ ହେଲାପରେ ଛୁଆଟିଏ ଜନ୍ମ ହେଲା ଅନ୍ଧୁଣୀ ପାଖରେ କେହି ଆପଣାର ଲୋକ ନାହାଁନ୍ତି, କେହି ସାହାଯ୍ୟ କରିଲେ ନାହିଁ, କଷ୍ଟ ସହି ଶିଶୁଟିକୁ ଜନ୍ମ ଦେଲା, କାନ୍ଦଶୁଣି ସ୍ତନରୁ କ୍ଷୀର ପିଆଇଲା ବେଳେ ସେ ଚାମୁଡି ଦେଇ ଜାଣିଲା ଯେ ତାର ପୁଅ ହୋଇଛି। ବହୁତ ଖୁସି ହୋଇ ପୁଅଟିର ନାମ ଦେଲା ଜାଡୁ। ଅନ୍ଧୁଣୀ ପାଖରେ ତେଲ ହଳଦୀ ସେକିବା ପାଇଁ ନିଆଁ ନଥିଲା, ଖରା ଶୀତ ସହି ମା'ର କୋଳରେ ପିଲାଟି ବଢିବାକୁ ଲାଗିଲା। ନା ପାଇଲା ଦୋଳିର ସେଇ ଖେଳ ନା ପାଇଲା ସୁଖର ଶୋଇବା ଭଳି ଆନନ୍ଦ। ଚାହୁଁ ଚାହୁଁ ପିଲାଟିକୁ ଚାରିବର୍ଷ ହୋଇଗଲା। ମାଆ ଅନ୍ଧୁଣୀ ଲୋକଙ୍କ ଆଗରେ ହାତ ପତାଉଛି ଓ କେହି କେହି କିଛି ଟଙ୍କା ପକାଇବାର ଦେଖି ଜାଡୁ ମଧ୍ୟ ହାତ ପତାଇ ଦେଲା। ଜାଡୁ ହାତରେ ବଡ ବଡ ବାବୁମାନେ ପଇସା ପକାଇ ଦିଅନ୍ତି ସେହି ପଇସା ନେଇ ଅନ୍ଧୁଣୀ ମାଆ ହାତରେ ଦେଇ କହିଲା, ମାଆ ମୁଁ ଆଣିଛି ନେ ମାଆ ଚାମୁଡି ଦେଇ କହିଲା। କଣ ଆଣିଛୁ। ଜାଡୁ କହିଲା ପଇସା ଆଣିଛି ମାଆ।

ଜାଡୁ ସୁଖ କଣ ଜାଣି ଲା ନାହିଁ। ତାଙ୍କର ତ ଘର ନାହିଁ। ଏଠି ସେଠି ଶୋଇବା ନିତିଦିନିଆ ହୋଇଗଲାଣି କିନ୍ତୁ ମା'ର ଭଲପାଇବା ହିଁ ତା ପାଇଁ ସୁଖ, ଶାନ୍ତି ପାଲଟି ଯାଇଥିଲା। ମା ଅନ୍ଧୁଣୀ ତାକୁ ସବୁ ସୁଖ ଦିଏ, ନିଜେ ଭୋକ ଉପାସରେ ରହି ତା ପୁଅକୁ ଖାଇବାକୁ ଦିଏ ଜାଡୁକୁ ବହୁତ ଭଲ ପାଉଥିଲା।

ମାଆ ପୁଅଙ୍କର ଭଲପାଇବା ଥିଲା ଏକ ଅତୁଟ ବନ୍ଧନ। ଦୁହେଁ ଦୁହିଁଙ୍କ ଭଲପାଇବା ଏପରି ଥିଲା। ମାଆକୁ ଦେଖାଯାଉନଥିଲେ ମଧ୍ୟ ଜାଡୁ ଖୁଆଇ ଦିଏ। ଲୁଗା ପିନ୍ଧିବାରେ ସାହାଯ୍ୟ କରେ ସତରେ ଏପରି ଭଲପାଇବା କେଉଁଠି କେବେ ଦେଖିନଥିବେ ମା'ର ସବୁକାମ କରିଦିଏ। ଚାଲିଲା ବେଳେ ଚାଲିବାରେ ସାହାଯ୍ୟ କଲା, ଖାଇଲା ବେଳେ ଖୁଆଇ ଦେଲା, ପାଣି ପିଆଇ ଦେଲା ହାତ ଧରି ବସାଇ ଦେଲା ମାଆକୁ କଷ୍ଟ ଦେଲା ନାହିଁ।

ଦୁହିଁଙ୍କର ସ୍ନେହ, ମମତା ଓ ଭଲପାଇବାରେ ଦିନ ଗଡି ଚାଲିଲା। ଏଗାର ବର୍ଷ ହୋଇଗଲା ଅସହାୟ ଜୀବନ ଭିତରେ ଜାଡୁ ପାଠ ପଢାରେ ଡୋରୀ ସବୁଦିନ ପାଇଁ ବନ୍ଧା ହୋଇଗଲା। ପାଠ କଣ ଜାଣିଲା ନାହିଁ। ସେ ବା କଣ କରିପାରିବ ଭାଗ୍ୟ ହିଁ ସେମାନଙ୍କ ଉପରେ ଦାଉ ସାଧୁଛି। ଦିନେ ରାତିରେ ପ୍ଲାଟଫର୍ମରେ ଶୋଇଥିବା ବେଳେ ପାଞ୍ଚଜଣ ଚୋର ସେହି ବାଟ ଦେଇ ଦୌଡ଼ି ପଳାଉଥିଲେ। ସେମାନଙ୍କ ପଛରେ ପୋଲିସ୍ ଦୌଡ଼ି ଥାଆନ୍ତି ଜାଡୁ ନିଦରୁ ଉଠି ଦେଖିଲା କିଛି ଚୋର ଦୌଡ଼ି ପଳାଉଛନ୍ତି। ଜାଡୁ ପାଟି କରିଲା। ପାଞ୍ଚ ଜଣ ଚୋରଙ୍କ ମଧ୍ୟରୁ କେହି ଜଣେ ଜାଡୁ ଉପରକୁ ଗୁଳି ଚଳାଇ ଦେଲା। ଜାଡୁ ସେହିଠାରେ ଟଳି ପଡିଲା ଓ ସବୁଦିନ ପାଇଁ ଆଖି ବନ୍ଦ କରିଦେଲା। ମାଆ ଅନ୍ଧୁଣୀ ନିଦରୁ ଉଠି ପୁଅକୁ ଡାକିଲା, ପୁଅ ଠାରୁ କିଛି କଥା ଶୁଭିଲା ନାହିଁ। କିଛି ସମୟ ପରେ ମାଆ ପୁଣି ଡାକିଲେ କିନ୍ତୁ ପୁଅ ଉଠିଲା ନାହିଁ। ମାଆ ହାତ ମାରି ଦେଖିଲା ଦେହରେ କ୍ଷତ ହୋଇଛି, ରକ୍ତ ବାହାରୁଛି, ମାଆ କାନ୍ଦି ପକାଇଲା। ଲୁହ ଛଳ ଛଳ ହୋଇ କହିଲା "ମୋ ଧନରେ ଉଠରେ, ଉଠରେ ଧନ" ଏ ଅନ୍ଧୁଣୀ ମାଆ ତୋ ବିନା କେମିତି ବଞ୍ଚିବ, ଉଠିଯାରେ ମୋ ଧନ। ମରିଯାଇଥିବା ଜାଣି ପୁଅଟିକୁ ପାଖରେ ରଖିଲା, ମାଆ ପୁଅଙ୍କର ଭଲପାଇବା ଏତେ ବଢିଯାଇଥିଲା। ଅନ୍ଧୁଣୀ ମା ପୁଅକୁ ଛାଡି ପାରିଲା ନାହିଁ। ପ୍ଲାଟଫର୍ମକୁ ଅନେକ ଲୋକ ଆସିଲେ ଶବଟିକୁ ମା' କୋଳରୁ ନେବାପାଇଁ କିନ୍ତୁ ମାଆ କୋଳରୁ ପୁଅକୁ ନେଇ ପାରିଲେ ନାହିଁ। ପୁଅ ପ୍ରତି ମାଆର ଭଲପାଇବା ଦେଖି ସମସ୍ତେ ଚକିତ ହୋଇଗଲେ।

ମାଆ ପୁଅକୁ ଅଲଗା କରିପାରିଲେ ନାହିଁ। ଶବଟି ପଚି ଗନ୍ଧିଲାଣି କିନ୍ତୁ ମାଆ ଅନ୍ଧୁଣୀ ଦିନ ରାତି କହୁଥିଲା, "ଉଠ ମୋ ଧନ ଉଠ ମୋ ଧନ" ମା ଆଖିରୁ ଲୁହ ଧାର ଧାର ବୋହିଲା। ଶବର ଦେହରୁ ମାଂସ ଖସି ହାଡ ରହିଲା। ମାଆ ଅନ୍ଧୁଣୀ ହାତ ମାରି ଜାଣିଲା ଖାଲି ହାଡଟି। ହାଡକୁ ସାଉଁଟି ନିଜର ଗଣ୍ଠିଲି ଭିତରେ ରଖିଲା ସେହି ଗଣ୍ଠିଲିକୁ ମୁଣ୍ଡ ପାଖରେ ଦେଇ ଶୋଇଲା। ନଖାଇ ନପିଇ ପୁଅକୁ ଝୁରି ଝୁରି ଆଖିରୁ ଲୁହ ଗଡାଇଲା ଭାଗ୍ୟକୁ ଆଦରି ବଞ୍ଚିଛି। ଯେଉଁ ଲୁଗା ପିନ୍ଧିଥିଲା ଦୁର୍ଗନ୍ଧ ହେଉଥିଲା ଚାଲିବାରେ ଶକ୍ତି ନଥାଇ ଗଣ୍ଠିଲିକୁ ବୋହି ଚାଲିବାକୁ ଲାଗିଲା। ତା ଦେହରୁ ଦୁର୍ଗନ୍ଧ ବାହାରୁ ଥିବାରୁ ଲୋକେ ଘୃଣା କଲେ। ସ୍ନେହରେ ଆହା ପଦେ କହିଲେ ନାହିଁ। ଭୋକ ବିକଳରେ ଡାକିଲା, ସତରେ ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ କଥା ଭାବନ୍ତି। ଏଇଠି କେହି କାହାର ନୁହଁନ୍ତି। ଏହି ଦୁନିଆରେ କେହି ଆପଣାର ନୁହନ୍ତି। ସମସ୍ତେ ନିଜ ସ୍ୱାର୍ଥରେ ନିଜେ। ଅନ୍ୟର ଦୁଃଖ ବୁଝିବାକୁ ଏଇଠି ମଣିଷ ପାଖରେ ସମୟ ନାହିଁ। ସତରେ କ'ଣ କୌଣସି ମଣିଷର ଏଇଠି ଭଲ ପାଇବା ମିଳେ ନାହିଁ।

*ରାସୋଳ (ମୁଣ୍ଡିଆପଷି), ଢେଙ୍କାନାଳ*
*ଦୂରଭାଷ : ୬୩୭୨୨୨୬୭୨୨*



# ୱାର୍ଲ୍ଡ ଓଡ଼ିଶା ସୋସାଇଟି ପକ୍ଷରୁ ରୂପା ଦାଶଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର:** ଆମେରିକାରେ ଅବସ୍ଥାପିତ ଭାରତୀୟ ଲେଖକ ରୂପା ଦାଶଙ୍କୁ ନିକଟରେ ଜାତୀୟ ରାଜଧାନୀ କ୍ଷେତ୍ରରେ ଉତ୍ସବିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଗାଜିଆବାଦଠାରେ ୱାର୍ଲଡ୍ ଓଡ଼ିଶା ସୋସାଇଟି (ୱାଓସୋ) ପକ୍ଷରୁ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସୋସାଇଟିର ସଦସ୍ୟ, କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ। ଶ୍ରୀମତୀ ଦାଶ ଓ ତାଙ୍କର ଦଶ ବର୍ଷୀୟ ଆମେରିକାରେ ପଞ୍ଚମ କକ୍ଷରେ ଅଧ୍ୟୟନରତ ନବ୍ୟାକାର କନ୍ୟା ଆୟାତି ଦାଶ କରଙ୍କୁ ୱାଓସୋର ମହିଳା ଶାଖାର ସଦସ୍ୟମାନେ ଭବ୍ୟ ସ୍ୱାଗତ ଜଣାଇବା ସହିତ ପାରମ୍ପରିକ ଢଙ୍ଗରେ ପାଛୋଟି ନେଇଥିବା ଦେଖା ଦେଇଥିଲା। ଏହି ଅବସରରେ ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ବରିଷ୍ଠ କର୍ମକର୍ତ୍ତାମାନେ ଶ୍ରୀମତୀ ଦାଶଙ୍କର ଇଂରାଜୀ ଭାଷାରେ ଲିଖିତ ପୁସ୍ତକ 'ଲିଡହର'କୁ ଲୋକାର୍ପଣ କରିଥିଲେ। ବହୁ ଚର୍ଚ୍ଚିତ ଓ ବ୍ୟାପକ ଭାବେ ଆଦୃତ ଏହି ବହିଟିରେ ଶ୍ରୀମତୀ ଦାଶ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତୃଣମୂଳ ସ୍ତରରୁ ନିଜ ନିଜର ଅନନ୍ୟ ପ୍ରତିଭା, ଅପାର ପାରଦର୍ଶିତା ଓ ଅସାମାନ୍ୟ ନିଷ୍ଠା ପ୍ରଦର୍ଶନ ପୂର୍ବକ ସଫଳତାର ଶିଖର ଛୁଇଁଥିବା ୬୦ ଜଣ ମହିୟସୀ ମହିଳାଙ୍କର ପେଶାଦାରୀ ସତ୍ୟ କାହାଣୀକୁ ସନ୍ନିବେଶିତ କରିଛନ୍ତି। ନବ୍ୟା ସମ୍ପର୍କୀୟ କୌଣସି ଆନୁଷ୍ଠାନିକ ଶିକ୍ଷାପ୍ରାପ୍ତ ନ କରିଥିଲେ ମଧ୍ୟ, ସମଗ୍ର ପୁସ୍ତକଟିର ସୁନ୍ଦର ଓ ସୃଜନଶୀଳ ଅଳଙ୍କରଣ ଆୟାତି କରିଛନ୍ତି। ଉଭୟ ରୂପା ଦାଶ ଓ ଆୟାତି ଦାଶ କରଙ୍କୁ ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଫଳକ ପ୍ରଦାନ କରି ସମ୍ମାନୀତ କରିଥିଲେ। ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରି ଶ୍ରୀ ଦ୍ୱିବେଦୀ, ଶ୍ରୀମତୀ ଦାଶଙ୍କୁ ତାଙ୍କର ସାହିତ୍ୟିକ କୃତୀ ଏବଂ ବିଶ୍ୱଭରି ମହିଳା ସଶକ୍ତିକରଣ ସକାଶେ ନିରବିଚ୍ଛିନ୍ନ ପ୍ରୟାସ ପାଇଁ ସାଧୁବାଦ ଜଣାଇଥିଲେ। ଶ୍ରୀ ଦ୍ୱିବେଦୀ ଉଭୟ ଶ୍ରୀମତୀ ଦାଶ ଓ ଆୟାତିଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ରୂପା ଦାଶ, ତାଙ୍କୁ ନୈତିକ ପ୍ରୋତ୍ସାହନ ଯୋଗାଇଥିବାରୁ ୱାର୍ଲଡ୍ ଓଡ଼ିଶା ସୋସାଇଟି ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ଭବିଷ୍ୟତରେ ନାରୀ ଜାଗରଣ ନେଇ ତାଙ୍କର ଉଦ୍ୟମ ପ୍ରତି ସେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ। ଶ୍ରୀମତୀ ଦାଶ ତାଙ୍କର ବ୍ୟବସାୟିକ ପ୍ରଶସ୍ତି ଓ ସାହିତ୍ୟିକ ସ୍ୱୀକୃତି ପାଇଁ ଆଧ୍ୟାତ୍ମିକ ସଂଯୋଗୀକରଣକୁ ଶ୍ରେୟ ପ୍ରଦାନ କରିଥିଲେ। ଶ୍ରୀମତୀ ଦାଶଙ୍କୁ ହାର୍ଦ୍ଦିକ ବଧାଇ ଜଣାଇଥିବା ଅନ୍ୟମାନଙ୍କ ମଧ୍ୟରେ ଡଃ ମନୋରଞ୍ଜନ ମହାନ୍ତି, ଅବନୀ ସାହୁ, ସୁଧୀର ଦାଶ, ନିର୍ମଳ ପଟ୍ଟନାୟକ, ଆଚାର୍ଯ୍ୟ ଅଭିମନ୍ୟୁ, ପୁଷ୍ପାଞ୍ଜଳି ବାରିକ, ରୀତା ପାତ୍ର, ବିମଳ ଭଲ, ବିଭୁ ପ୍ରସାଦ ସାହୁ, ଜ୍ଞାନ ଜେନା, ଅଞ୍ଜନା ପଟ୍ଟନାୟକ, ସୁମନ୍ତ ବିଶ୍ୱାଳ, ଜୀତେନ୍ଦ୍ର ବେହେରା ଓ ନନ୍ଦନ ଦ୍ୱିବେଦୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ବନ୍ଧୁ ମିଳନର ବିଶେଷ ଆକର୍ଷଣ ସୁପ୍ରସିଦ୍ଧ ସଙ୍ଗୀତକାର ଆଚାର୍ଯ୍ୟ ଅଭିମନ୍ୟୁ, ଲବ୍ଧପ୍ରତିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ୱାଓସୋର ବ୍ୟଞ୍ଜନ ବିଭାଗର ଯୁଗ୍ମ ସାଧାରଣ ସମ୍ପାଦକ ପୁଷ୍ପାଞ୍ଜଳି ବାରିକଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସୁମଧୁର ଓଡ଼ିଆ ଓ ହିନ୍ଦୀ ସଂଗୀତମାନ ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜ୍ଞାପନରେ ...

ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ସାରା ରାଜ୍ୟରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଛୁଇଁବାକୁ ବସିଲାଣି। ଡାକ୍ତରଖାନାରୁ ସୁସ୍ଥ ହେଇ ଯେତେ ରୋଗୀ ଘରକୁ ଫେରୁଛନ୍ତି ତା'ଠାରୁ ଅଧିକ ରୋଗୀ ଡେଙ୍ଗୁ ଚିହ୍ନଟ ହେଉଛନ୍ତି। ତେଣେ ରକ୍ତଭଣ୍ଡାରଠାରୁ ନେଇ ପରୀକ୍ଷା ଯାଏ ଲମ୍ବା ଧାଡ଼ିରୁ ମୁକୁଳି ପାରୁନାହାନ୍ତି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ। ଡେଙ୍ଗୁ ସ୍ଥିତି ମୁକାବିଲା କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର ସହିତ ସିଏଚସିରେ ଡେଙ୍ଗୁ ୱାର୍ଡ ଖୋଲିବାକୁ ନିଷ୍ପତ୍ତି ନେଇଛି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ। ଏହାସହ ସିଏଚସି ଗୁଡ଼ିକରେ ୧୦ଟି ଲେଖାଏଁ ବେଡ୍ ଡେଙ୍ଗୁ ରୋଗୀଙ୍କ ପାଇଁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଡେଙ୍ଗୁ ଆକ୍ରାନ୍ତ ଭର୍ତ୍ତି ହେଉଛନ୍ତି। କିନ୍ତୁ ସେହି ତୁଳନାରେ ଡିସଚାର୍ଜ କମ୍ ରହିଛି। ଫଳରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସେତିକି ରୋଗୀଙ୍କ ପାଇଁ ଶଯ୍ୟା ନାହିଁ। ୧୦ଟିରୁ ବଢ଼ାଯାଇ ଏବେ ପ୍ରାୟ ୬୦ ଶଯ୍ୟା ଡେଙ୍ଗୁ ରୋଗୀଙ୍କ ପାଇଁ ରଖାଯାଇଛି। କିନ୍ତୁ ସେତିକି ବି ଯଥେଷ୍ଟ ହେଉନି। ଆଉ ଅଧିକ ବେଡ୍ ପକାଇବାକୁ ମଧ୍ୟ ସ୍ଥାନ ନାହିଁ। ବାରଣ୍ଡା ସହ ସିଡ଼ି ତଳେ ମଧ୍ୟ ବେଡ୍ ପକାଇ ଚିକିତ୍ସା କରାଯାଉଛି। ଏହାପରେ ମଧ୍ୟ ଡେଙ୍ଗୁ ଆକ୍ରାନ୍ତ ତଳେ ଶୋଉଛନ୍ତି। ଏବେ ଅନ୍ୟ ବିଭଗରେ ବୃଦ୍ଧି କରିବାକୁ ଯୋଜନା କରାଯାଉଥିଲେ ମଧ୍ୟ ମଧ୍ୟ କର୍ମଚାରୀ ନଥିବାରୁ ଏହା ଅଟକି ରହିଛି। ଡାକ୍ତରମାନେ ମଧ୍ୟ ଆଉ ରୋଗୀଙ୍କୁ ଭର୍ତ୍ତି କରୁନାହାନ୍ତି। ରୋଗୀଙ୍କୁ କଟକ ନହେଲେ ଏମ୍ସ ସ୍ଥାନାନ୍ତର କରିବାକୁ ସେମାନେ ପରାମର୍ଶ ଦେଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି। ସେହିପରି ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ୨୧ ଟି ନର୍ସ ପଦ ଖାଲି ରହିଛି। ଏହାର ପ୍ରଭାବ ରୋଗୀ ସଂଖ୍ୟା ବୃଦ୍ଧି ପରେ ଦେଖିବାକୁ ମିଳୁଛି। ପୂର୍ବରୁ ମେଡିସିନ ବିଭାଗରେ ଥିବା ୧୦୦ ରୋଗୀଙ୍କ ଯତ୍ନ ନେବା ପାଇଁ ଯେତିକି ନର୍ସ ଆଟେଣ୍ଡାଣ୍ଟ ରହୁଥିଲେ, ଏବେ ରୋଗୀ ସଂଖ୍ୟା ଦୁଇଗୁଣ ବୃଦ୍ଧି ହେଲାପରେ ମଧ୍ୟ ସେତିକି କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଉଛି। ରୋଗୀଙ୍କ ଯତ୍ନ ପାଇଁ ଦିନରେ ୬ଜଣଙ୍କୁ ଦାୟିତ୍ୱ ଦିଆ ଯାଉଥିବାବେଳେ ରାତି ସମୟରେ ମାତ୍ର ଦୁଇଜଣ ନର୍ସ ଓ ଆଟେଣ୍ଡାଣ୍ଟଙ୍କୁ ଦାୟିତ୍ୱ ଦିଆଯାଉଛି। ଏତେ କମ୍ କର୍ମଚାରୀରେ ଏତେ ରୋଗୀଙ୍କୁ ଚିକିତ୍ସା ଯୋଗାଇବା ସମ୍ଭବ ହେଉନଥିବା ଅଭିଯୋଗ ହେଉଛି।

### ଶାହା, ଯୋଗୀ ...

କିଏ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତରାଧିକାରୀ ହେବା ଉଚିତ ପ୍ରଶ୍ନରେ ହଜାର ହଜାର ଲୋକ ମତ ଦେଇଛନ୍ତି। ଏହି ସର୍ଭେରେ ଲୋକମାନେ ଅମିତ ଶାହା, ଯୋଗୀ ଆଦିତ୍ୟନାଥ ଏବଂ ନିତିନ ଗଡକରୀଙ୍କୁ ଭୋଟ୍ ଦେଇଛନ୍ତି। ସର୍ଭେ ଅନୁଯାୟୀ, ୨୯ ପ୍ରତିଶତ ଲୋକ ଅମିତ ଶାହାଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉତ୍ତରାଧିକାରୀ ବୋଲି କହିଛନ୍ତି। ୨୬ ପ୍ରତିଶତ ଲୋକ ଯୋଗୀ ଆଦିତ୍ୟନାଥଙ୍କୁ ବାଛିଥିବାବେଳେ ୧୫ ପ୍ରତିଶତ ଲୋକ ନିତିନ ଗଡକରୀଙ୍କ ନାମକୁ ବାଛିଛନ୍ତି। ଅମିତ ଶାହା ବର୍ତ୍ତମାନ କେନ୍ଦ୍ର ଗୃହମନ୍ତ୍ରୀ ଥିବାବେଳେ ଯେତେବେଳେ କେନ୍ଦ୍ରରେ ମୋଦୀ କ୍ଷମତାକୁ ଆସିଥିଲେ ଅମିତ ଶାହାଙ୍କୁ ବିଜେପିର ମୁଖ୍ୟ କରାଯାଇଥିଲା। ଅମିତ ଶାହାଙ୍କ ପରେ ଯାହାଙ୍କ ଉପରେ ଲୋକମାନେ ସର୍ବାଧିକ ବିଶ୍ୱାସ କରିଛନ୍ତି ସେ ହେଉଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଏଥି ସହିତ ଅମିତ ଶାହା ଏବଂ ଯୋଗୀ ଆଦିତ୍ୟନାଥଙ୍କ ପରେ ବର୍ତ୍ତମାନ ସଡ଼କ ପରିବହନ ଓ ରାଜପଥ କେନ୍ଦ୍ର ମନ୍ତ୍ରୀ ଥିବା ନିତିନ ଗଡକରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତରାଧିକାରୀ ଭାବରେ ଉପଯୁକ୍ତ ହେବେ ବୋଲି ସର୍ଭେରେ କୁହାଯାଇଛି।

### 'ସେବା ନାଁରେ ...

ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହେଲେ ଏହି ଜନପ୍ରତିନିଧି ଏଭଳି ଏକ ଜଟିଳ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଟେଲିଫୋନ କରି ରାଜ୍ୟ ବାହାର ଲୋକଙ୍କୁ ଗଞ୍ଜାମ ଫେରାଇ ନଆଣିବାକୁ କହିଥିଲେ। କାରଣ ସେମାନେ ଫେରିଲେ ଗଞ୍ଜାମର ସ୍ଥିତି ସଂଗୀନ ହୋଇଯିବ ବୋଲି ସେ କହିଥିଲେ। ଆଗ ଆମେ ବଞ୍ଚିବା, ପରେ ଅନ୍ୟମାନଙ୍କ କଥା ଚିନ୍ତା କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଏଭଳି ସ୍ୱାର୍ଥପର ଜନପ୍ରତିନିଧିଙ୍କ କଥା ଶୁଣି ମୁଖ୍ୟମନ୍ତ୍ରୀ ଭୀଷଣ କ୍ଷୁବ୍ଧ ହୋଇଥିବା ୫- ଟି ସଚିବ କହିଥିଲେ। ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କିଛି ଉତ୍ତର ଦେଇନଥିଲେ ବି ଆମକୁ ସେବା ମନୋବୃତ୍ତିର ସହ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିସ୍ୱାର୍ଥପର ଭାବେ ଲୋକଙ୍କ ସେବା କରିବାକୁ ସୁଯୋଗ ପାଉଥିବା ଲୋକ ଏହାକୁ ଭଗବାନଙ୍କ ଆଶୀର୍ବାଦ ବୋଲି ଭାବିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାର୍ଥ ପାଇଁ ସେବା କଲେ ଭଗବାନ ରୁଷ୍ଟ ହୋଇଥାନ୍ତି। ସମ୍ପୃକ୍ତ ଜନପ୍ରତିନିଧି କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଅପପ୍ରଚାର କରି ଲୋକଙ୍କ ଆତ୍ମବିଶ୍ୱାସ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ବିଧାୟକଙ୍କ ଏଭଳି ଅପପ୍ରଚାର ଦ୍ୱାରା କୋଭିଡ ମୁକାବିଲାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଓ ମିଶନ ଶକ୍ତି ମା'ମାନେ ବିଚଳିତ ହୋଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ସିଧାସଳଖ ସେମାନଙ୍କ ସହ ଭିଡିଓ କନଫରେନସିଂରେ କଥା ହୋଇଥିଲେ। ମା' ମାନଙ୍କ ସହଯୋଗ ଓ ମା' ତାରାତାରିଣୀଙ୍କ ଆଶୀର୍ବାଦରୁ କୋଭିଡ ମୁକାବିଲାରେ ଗଞ୍ଜାମ ଦେଶରେ ସୁନାମ ଅର୍ଜନ କରିଛି। ବିଧାୟକ ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ସେବାରେ ବିଭ୍ରାଟ ସୃଷ୍ଟି କରିବାକୁ ଚେଷ୍ଟା କରିବାରୁ ଭଗବାନ ତାର ଫଳ ତାଙ୍କୁ ଦେଇଛନ୍ତି। ଏହା ସମସ୍ତଙ୍କ ପାଇଁ ଏକ ଶିକ୍ଷା। ଯିଏ ବି ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ସେବାରେ ବ୍ୟାଘାତ ସୃଷ୍ଟି କରନ୍ତି, ତାର ବିଚାର ମା ତାରାତାରିଣୀ ଓ ଭଗବାନ କରିବେ ବୋଲି ୫- ଟି ସଚିବ କହିଥିଲେ।

### ଚଳିତବର୍ଷରୁ ...

ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ପୁରସ୍କାର ମିଳିବ। ଛାତ୍ରଛାତ୍ରୀ ମେଧାବୀ ପୁରସ୍କାର ଦଶମ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ଦିଆଯିବ। ରାଜ୍ୟସ୍ତରରେ ଶ୍ରେଷ୍ଠ ୧୦୦ ଜଣଙ୍କୁ ୫୦ ହଜାର ଟଙ୍କା, ଜିଲ୍ଲାସ୍ତରରେ ଶ୍ରେଷ୍ଠ ୩୦୦୦ ଜଣଙ୍କୁ ୧୦ ହଜାର ଟଙ୍କା ଏବଂ ବ୍ଲକସ୍ତରରେ ପ୍ରତି ବ୍ଲକରୁ ଶ୍ରେଷ୍ଠ ୧୦୦ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ମିଳିବ। ଅନ୍ୟପକ୍ଷରେ ଦଶମବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଆର୍ଥିକ ଅନଗ୍ରସର ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ଛାତ୍ରଛାତ୍ରୀ ମେଧା-ବୃତ୍ତି ପୁରସ୍କାର ମିଳିବ। ରାଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ୨ ହଜାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ରେସନକାର୍ଡ ହିତାଧିକାରୀ ପରିବାରର ଛାତ୍ରଛାତ୍ରୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ଦିଆଯିବ। ଏହା ପରେ ବିଦ୍ୟାଳୟସ୍ତରରେ ନେତୃତ୍ୱ ନେବାର କଳା ଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବାକୁ ମିଳିବ ଛାତ୍ରଛାତ୍ରୀ ନେତୃତ୍ୱ ପୁରସ୍କାର। ପ୍ରତ୍ୟେକ ସ୍କୁଲରୁ ଦଶମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଏହି ପୁରସ୍କାର ଦିଆଯିବ। ସମୁଦାୟ ୮୩୧୧ ଛାତ୍ର ଓ ୮୮୦୭ ଛାତ୍ରୀଙ୍କୁ ଏହି ପୁରସ୍କାର ମିଳିବ। କାର୍ଯ୍ୟକ୍ରମରେ ଓସେପା ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ 'ମୋ ସ୍କୁଲ ଅଭିଯାନ'ର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଚୟନ ପ୍ରକ୍ରିୟା ଉପରେ ସୂଚନା ଦେଇଥିଲେ।

### ମହାମାରୀ ...

ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବର୍ତ୍ତମାନ ପୂର୍ବସ୍ଥିତିକୁ ଫେରିଆସିବାରେ ଲାଗିଛି। କିନ୍ତୁ ଜୀବନ ଧାରଣଜନିତ ଖର୍ଚ୍ଚ ବୃଦ୍ଧି ଯୋଗୁ ବିକାଶ ବାଧାପ୍ରାପ୍ତ ହୋଇଛି। ଏହା ସହ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଅଭିଯାନ ବାଧାପ୍ରାପ୍ତ ହୋଇଛି ବୋଲି କହିଛନ୍ତି ଏଡିବି ମୁଖ୍ୟ ଅର୍ଥନୀତିଜ୍ଞ ଆଲବର୍ଟ ପାର୍କ। ଯେଉଁମାନେ ଦୈନିକ ୨ ଦଶମିକ ୧୫ ଡଲାରରୁ କମ୍ ଖର୍ଚ୍ଚରେ ଜୀବନ ଧାରଣ କରିଥାନ୍ତି ସେମାନଙ୍କୁ ଅତ୍ୟଧିକ ଦରିଦ୍ର ବୋଲି କୁହାଯାଇଥାଏ। ଯୋଗାଣ ଶୃଙ୍ଖଳରେ ବାଧା ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସଙ୍କଟ ଅଧିକାଂଶ ଦେଶରେ ମୁଦ୍ରାସ୍ଫୀତି ଗତବର୍ଷ ଆକାଶ ଛୁଆଁ ହୋଇଥିଲା। ସମସ୍ତଙ୍କୁ ଦରବୃଦ୍ଧି ଘାଣ୍ଟିଥିଲା ମାତ୍ର ଗରିବମାନେ ସବୁଠାରୁ ଅଧିକ ଶିକାର ହୋଇଥିଲେ। ସେମାନେ ଖାଦ୍ୟ ଓ ଇନ୍ଧନ ଲାଗି ଅଧିକ ବ୍ୟୟ କରିବାକୁ ବାଧ ହୋଇଥିଲେ ଏବଂ ଏଥିଲାଗି ସେମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଲାଗି ବିଶେଷ କିଛି ଖର୍ଚ୍ଚ କରିପାରି ନଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ସ୍ଥିତି ଏପରି ହୋଇଛି ଯେ, ୨୦୩୦ ସୁଦ୍ଧା ଏହି ଅଞ୍ଚଳର ପ୍ରାୟ ୧୨୬ କୋଟି ଲୋକ ଅର୍ଥନୈତିକ ଭାବେ ଦୁର୍ବଳ ରହିବେ।

### ଅନ୍‌ଲାଇନ ...

ବେଟିଂ/ଜୁଆ ପ୍ଲାଟଫର୍ମର ପ୍ରଚାର ପ୍ରସାର ନ କରିବାକୁ ଗଣମାଧ୍ୟମ ପ୍ଲାଟଫର୍ମକୁ ଚେତାବନୀ ଦେବା ପାଇଁ ମନ୍ତ୍ରଣାଳୟ ପରାମର୍ଶ ଜାରି କରିଛି। ଅନଲାଇନ୍ ବିଜ୍ଞାପନ ମଧ୍ୟସ୍ଥମାନଙ୍କୁ ମଧ୍ୟ ଭାରତୀୟ ଦର୍ଶକଙ୍କ ପ୍ରତି ଏଭଳି ବିଜ୍ଞାପନକୁ ଟାର୍ଗେଟ ନ କରିବାକୁ ପରାମର୍ଶ ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ୧୩.୦୬.୨୦୨୨, ୦୩.୧୦.୨୦୨୨ ଏବଂ ୦୬.୦୪.୨୦୨୩ରେ ଏହି ଉଦ୍ଦେଶ୍ୟରେ ମାର୍ଗଦର୍ଶିକା ଜାରି କରାଯାଇଥିଲା। ମାର୍ଗଦର୍ଶିକାରେ କୁହାଯାଇଥିଲା ଯେ ବେଟିଂ ଓ ଜୁଆ ଏକ ବେଆଇନ କାର୍ଯ୍ୟକଳାପ ଏବଂ ତେଣୁ କୌଣସି ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭଳି କାର୍ଯ୍ୟକଳାପର ବିଜ୍ଞାପନ/ପ୍ରୋତ୍ସାହନ ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯, ପ୍ରେସ୍ କାଉନସିଲ ଅଧିନିୟମ ୧୯୭୮ ଇତ୍ୟାଦି ସମେତ ବିଭିନ୍ନ ଆଇନର ଉଲ୍ଲଂଘନ କରୁଛି। ଅଧିକନ୍ତୁ, ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥ ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ ମିଡିଆ ନୈତିକତା ସଂହିତା) ନିୟମ, ୨୦୨୧ର ନିକଟରେ ସଂଶୋଧିତ ନିୟମ ୩(୧) (ବି) ରେ ବ୍ୟବସ୍ଥା ରହିଛି ଯେ ମଧ୍ୟସ୍ଥମାନେ ନିଜ ଆଡ଼ୁ ଯଥାର୍ଥ ପ୍ରୟାସ କରିବେ ଏବଂ ଏହାର କମ୍ପ୍ୟୁଟର ସମ୍ବଳକୁ ଉପଯୋଗ କରୁଥିବା ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଏପରି କୌଣସି ସୂଚନା ହୋଷ୍ଟ, ପ୍ରଦର୍ଶନ, ଅପଲୋଡ୍, ସଂଶୋଧନ, ପ୍ରକାଶ, ପ୍ରସାରଣ, ଷ୍ଟୋର, ଅପଡେଟ୍ କିମ୍ବା ଶେୟାର କରିବେ ନାହିଁ ଯାହା ଏକ ଅନଲାଇନ୍ ଗେମ ପ୍ରକୃତିର ହୋଇଥିବ ଏବଂ ଏକ ଅନୁମୋଦିତ ଅନଲାଇନ୍ ଗେମ୍ ଭାବରେ ମାନ୍ୟତା ଲାଭ କରିନଥିବ; ଅନୁମତିପ୍ରାପ୍ତ ଅନଲାଇନ ଗେମ୍ ପ୍ରକୃତିର ହୋଇନଥିବା ଏକ ଅନଲାଇନ ଗେମ ଅଥବା ଏପରି ଅନଲାଇନ ଗେମ୍‌ର ପ୍ରସ୍ତାବ ଦେଉଥିବା ଯେକୌଣସି ଅନଲାଇନ ଗେମ୍ ମଧ୍ୟସ୍ଥଙ୍କର ପ୍ରଚାର କରୁଥିବା ବିଜ୍ଞାପନ କିମ୍ବା ଛଦ୍ମ ବିଜ୍ଞାପନ ପ୍ରସାରଣ କରିବେ ନାହିଁ।

### ଚାଷୀ ଜାଣିନାହାନ୍ତି ...

ଆବଶ୍ୟକ ପଡ଼ିବନି। କିନ୍ତୁ ଏହାର ପ୍ରୟୋଗ ପ୍ରଣାଳୀ କୌଣସି ଚାଷୀ ଉପକୂଳ ଅସ୍ତରଙ୍ଗ କାକଟପୁର ଉପକୂଳ ଅଞ୍ଚଳରେ ଜାଣିନାହାନ୍ତି। ପ୍ରଥମେ ଆମ ଦେଶ ରୁଷିଆ, ଆରବଦେଶ, ଫିଲପାଇନ୍ସ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଭଳି ଦେଶ ମହାଦେଶରୁ କଞ୍ଚା ସାର ବିପୁଳ ପରିମାଣରେ କିଣୁଥିଲା। ଆଉ ଆମ ଦେଶରୁ ଇଫକୋ, ପିପିଏଲ ଶିଳ୍ପକ୍ଷେତ୍ରରେ ପ୍ରସ୍ତୁତି କରାଯାଇ ଅନେକ ଦେଶ ବିଦେଶକୁ ମଧ୍ୟ ରପ୍ତାନି ହେଉଛି। ଏହି ଗୁଣ୍ଡ ସାରରେ ୪୦ପ୍ରତିଶତ ଯବକ୍ଷାରଜାନ ରହିଛି। ଯାହା ଚାଷ ଜମିରେ ପ୍ରୟୋଗ ହେଲେ ଚାଷ ଜମିର ଉର୍ବରତା କମେ। ତାହା ସହିତ ଜିଆ, ଆଜ୍ୟଟେ ବ୍ୟକ୍ଟର, ଅଯୋସ୍ପେରିଲିନ, ଫସ୍ଫୋବ୍ୟାକ୍ଟ୍ରିକ, ରାଇଜୋବିୟମ ଭଳି ବହୁ ପ୍ରଜାତିର ମୃତିକା ଜୈବିକ ଜୀବାଣୁକୁ ନଷ୍ଟ କରେ। ଯାହା ଅତ୍ୟନ୍ତ ଲାଭଦାୟକ ଜୀବାଣୁ ଅଟନ୍ତି। କିନ୍ତୁ ଏହି ନାନୋ ତରଳ ରାସାୟନିକ ସାର ପ୍ରୟୋଗ କଲେ ଏହା ସିଧା ଗଛ ପତ୍ର ସଂସ୍ପର୍ଶରେ ଆସେ ଆଉ ବହୁତ ଅମଳ ହେବା ସହିତ ମୃତିକାର କୌଣସି କ୍ଷତି କରେନାହିଁ। ଆଉ ଚାଷୀଙ୍କୁ ଏକର ବିଲକୁ ୧୫୦୦ରୁ ୨୦୦୦ଟଙ୍କା ପର୍ଯ୍ୟନ୍ତ ସାର ବସ୍ତା କିଣିବାକୁ ପଡ଼ିବନି। ଏହି ନାନୋ ତରଳ ସାର ଏକରକୁ ମାତ୍ର ୭ଶହ ଟଙ୍କା ଯାହା ଖୋଲ୍ଲ ମୂଲ୍ୟରେ ସମସ୍ତ ସାର ଦୋକାନରେ ମହଜୁଦ ଅଛି। ଯେବେ ଭାରତ ସରକାର ଏହି ତରଳ ନାନୋ ସାରକୁ ଭାରତ ଦେଶରେ ପ୍ରଚଳିତ କରିଥିଲେ, ସମସ୍ତ କୃଷି ବିଭାଗକୁ ଚାଷୀମାନଙ୍କୁ ଏହି ସାର ବିଷୟରେ ଓ ଏହାର ଜ୍ଞାନକୌଶଳର ପ୍ରଶିକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କାକଟପୁର ଅସ୍ତରଙ୍ଗ ଭଳି ଅଞ୍ଚଳରେ କୌଣସି କୃଷି ବିଭାଗର ଅଧିକାରୀ ଏହି ବିଷୟରେ ଚାଷୀମାନଙ୍କୁ କୌଣସି ପ୍ରକାର ତାଲିମ ଦେଉନାହାନ୍ତି, ଯାହାଫଳରେ ଏହି ସାର ପ୍ରୟୋଗ ଉପରେ ଚାଷି ମାନେ କିଛି ବି ଜାଣିନାହାନ୍ତି। ଇଫକୋରୁ ସାର କିଣୁଥିବା ସାର ବ୍ୟବସାୟୀ ବାଧ୍ୟତା ମୂଳକ ଭାବେ ବସ୍ତା ସାର ସହିତ ଏହି ତରଳ ସାର କିଣୁଥିବା ବେଳେ, ଏଠି କୃଷି ବିଭାଗର ତାଲିମ୍ ଅଭାବରୁ ଚାଷୀ କିଣୁନାହାନ୍ତି। ଯାହା ଫଳରେ ବ୍ୟବସାୟୀ ମାନେ ମଧ୍ୟ ଅନେକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଆମ ପ୍ରତିନିଧି କୃଷି ଅଧିକାରୀଙ୍କୁ ସାକ୍ଷାତ କରିଥିଲେ ଆଉ କ୍ୟାମେରା ସାମ୍ନାରେ ଅଧିକାରୀ କିଛି କହିନାହାନ୍ତି। କିନ୍ତୁ ଏ ବାବଦରେ ଧୀରେ ଧୀରେ ସଚେତନତା ବୃଦ୍ଧି ହେଉଛି ବୋଲି ସୂଚନା ଦେଇଛନ୍ତି। ଏବେ ଖବର ପ୍ରସାରଣ ପରେ କୃଷି ବିଭାଗ ଏହି ଉନ୍ନତ ଜ୍ଞାନ କୌଶଳର ତରଳ ନାନୋ ସାର ଉପରେ କି ପଦକ୍ଷେପ ନେଉଛନ୍ତି ତାହା ହିଁ ଅପେକ୍ଷା।

### ପାଣ୍ଡିଆନ ...

ସରକାରୀ ଜମି, ଦେବସ୍ଥଳୀ ଓ ବେସରକାରୀ ଜମି ଅକ୍ତିଆର- ଦେଖାଯାଇଥିଲା ଯେ ୧୫୦ ଏକର ପରିମିତି ଜାଗା ତାରବାଡ ଦ୍ୱାରା ଘେରା ଯାଇଛି। ଅଧିକୃତ ଜମି ଭିତେର ସରକାରୀ ଅନାବାଦୀ, ଛୋଟ ଜଙ୍ଗଲ ଜମି ରହିବା ସଙ୍ଗେ ସଙ୍ଗେ ଗରିବ ଓ ଅସହାୟ ଜନସାଧାରଣଙ୍କ ଜମିକୁ ଜବରଦଖଲ କରାଯାଇଛି। ଚାରିପେଟ ତାରବାଡ ବୁଲାଇ ରାସ୍ତା ଅବରୋଧ କରିଥିବାରୁ ଘରୋଇ ଜମିର ମାଲିକମାନେ ନିଜ ଜମିକୁ ଯିବା ପାଇଁ ଅସମର୍ଥ ହେଉଛନ୍ତି। ସେ ଶୁଣିବାକୁ ପାଇଲେ ଯେ, ହାଲ୍ କମର୍ଚାରୀମାନଙ୍କର ହାଉସିଂ ସୋସାଇଟି ଜାଗାକୁ ମଧ୍ୟ ତାରବାଡ ଦ୍ୱାରା ଘେରି ବନ୍ଧା ହୋଇଛି। ଧବଳେଶ୍ୱରଦେବଙ୍କ ଦେବସ୍ଥଳୀ ଏବଂ ଅନ୍ୟାନ୍ୟ ଦେବସ୍ଥଳୀ ମଧ୍ୟ ତାରବାଡ ଦ୍ୱାରା ଆବଦ୍ଧ ହୋଇଯାଇଛି। ଏଭଳି ତାରବାଡ କରାଯାଇଛି ଯାହାଦ୍ୱାରା ଜମି ମାଲିକମାନେ ଘେରି ଭିତରକୁ ପ୍ରେବଶ କରିପାରିବେନାହିଁ ଏବଂ ବାଧ ହୋଇ ତାମିଲନାଡୁର ଜେଣ ଅତ୍ୟନ୍ତ ପ୍ରଭାବଶାଳୀ ଆଉ ସରକାରୀ ପୃଷ୍ଠପୋଷକତା ପ୍ରାପ୍ତ ମହିଳାଙ୍କୁ ବିକିବାକୁ ବାଧ ହେବେ। ଏହି ଜମି ସବୁ କ୍ରୟ କରିଥିବା ମହିଳା ତାମିଲନାଡୁର ଅଧିବାସୀ ଅଟନ୍ତି ଏବଂ ସେ କିଭଳି ଓଡିଶା ପ୍ରଦେଶେର ଏତେ ପ୍ରଭାବ ବିସ୍ତାର କରି ଜମି ଦଖଲ କରୁଛନ୍ତି ତାହା ସନ୍ଦେହଜନକ ତଥା ଅନୁସନ୍ଧାନ ସାପେକ୍ଷ। ତୃତୀୟ ମହଲାର ପୃଷ୍ଠପୋଷକତାରେ ଏଭଳି କାର୍ଯ୍ୟ ଚାଲିଥିବା ଜନସାଧାରଣରେ ଆଲୋଚିତ ହେଉଛି। ଲୋକେ ଏହାକୁ 'ପାଣ୍ଡିଆନ ପ୍ରୋଜେକ୍ଟ' ବୋଲି କହୁଛନ୍ତି। କିଛିଦିନ ତଳେ ଶୁଣାଯାଉଥିଲାକି, ତାମିଲନାଡୁର ଜେଣ ଭଦ୍ର ମହିଳା ଭୁବନେଶ୍ୱରେର ଅନୈତିକ ଭାବେ ଜମିଜମା କିଣାରେ ଲିପ୍ତ ରହିଛନ୍ତି। ଅନୁସନ୍ଧାନରୁ ଜଣାଯାଉଛି ଯେ କିଣା ଯାଉଥିବା ଜମି ମୁଖ୍ୟମନ୍ତ୍ରୀ ଦପ୍ତରର ଜେଣ ପ୍ରଭାବଶାଳୀ କମର୍ଚାରୀଙ୍କର ତତ୍ତ୍ୱାବଧାନରେ କିଣାଯାଉଛି। ଗ୍ରାମବାସୀମାନେ ଉପେରାକ୍ତ ଅଭିଯୋଗ କରିବାକୁଗଲେ, କୌଣସି ରେଭେନ୍ୟୁ ଅଫିସର କିମ୍ବା ପୋଲିସ ଅଫିସର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଜଣେ ପ୍ରଭାବଶାଳୀ ପ୍ରଶାସକଙ୍କର ନାମ ନେଇ ତାଙ୍କୁ ଚୁପ୍ କରାଇଦେଉଛନ୍ତି। ସାଂସଦଙ୍କର ପରିଦର୍ଶନ ପରେ ନଜରକୁ ଆସିଛି ଯେ ୧୫୦ ଏକରରୁ ଅଧିକ ଜମି ଏହି ଭଦ୍ର ମହିଳାଙ୍କ ଦ୍ୱାରା ବଳପୂର୍ବକ ଦଖଲକୁ ନିଆଯାଇ ତାରବାଡ ଦ୍ୱାରା ଆବଦ୍ଧ କରାଯାଇଛି। ଏହା ରାଜ୍ୟ ପ୍ରଶାସନର ସହେଯାଗ ବିନା ଆଦୌ ସମ୍ଭବ ନୁହେଁ। ସେହିପରି ଜଳେସଚନ ପାଇଁ ଉଦ୍ଦିଷ୍ଟ 'ଡେରାସ କେନାଲ' ନିର୍ଦ୍ଦିଷ୍ଟ ଜାଗାରେ ପୋତିଦେଇ ବନ୍ଦ କରିଦିଆଯାଇଛି। ଡେରାସ ଡ୍ୟାମ୍‌ରୁ ଏହି କେନାଲ ମାଧ୍ୟମେର ଚାଷୀମାନଙ୍କର ଚାଷ ଜମି ଜଳସେଚିତ ହେଉଥିଲା। କେନାଲକୁ ବନ୍ଦ କରିଦେବା ଦ୍ୱାରା ପ୍ରାୟ ୩୦୦ ଏକର ପରିମିତ ଜମି ଜଳେସଚନ ଅଭାବରୁ ୨ବର୍ଷ ହେବ ଫସଲ ହୋଇପାରୁନାହିଁ। ତାରବାଡ ଦ୍ୱାରା ଆବଦ୍ଧ ଜମି ଉପେର ଗୋଟିଏ ବିଶାଳ ଫାର୍ମ ହାଉସ ଗଢି ଉଠିଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କର ଅତୀତର କାର୍ଯ୍ୟଧାରା ସୂଚନା ଦିଏ ଯେ ଏଭଳି ଜଘନ୍ୟ କାର୍ଯ୍ୟ ସେ ଯଦି ଜାଣିବାକୁ ପାଇଥାନ୍ତେ, ତେବେ ସେ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦେଇଥାନ୍ତେ। କିନ୍ତୁ ଆମ୍ଭେ ସବୁ ଜାଣିଛେ ଯେ ବର୍ତ୍ତମାନର ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ଜଣେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଅପହୃତ ହୋଇଛି, ଯାହା ଫଳେର ଏଭଳି ଘଟଣାର ଖବର ମୁଖ୍ୟମନ୍ତ୍ରୀଙ୍କ ପାଖେର ପହଞ୍ଚିବ କି ନାହିଁ ତାହା ସନ୍ଦେହଜନକ।

# କାକଟପୁର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



**ଅସ୍ତରଙ୍ଗ :** ବହୁ ପ୍ରତୀକ୍ଷାର ଘଟିଲା ଅନ୍ତ। ଉଦ୍ଘାଟନ ହେଲା କାକଟପୁରର ଅତ୍ୟାଧୁନିକ ନୂତନ ବସ ଷ୍ଟାଣ୍ଡ। ନବୀନ ବିକଶିତ ଓଡିଶା ଇତିହାସରେ ସ୍ଥାନ ପାଇଲା କାକଟପୁରର ମେଗା ବସ ଷ୍ଟାଣ୍ଡ। ଅନେକ ବାଧା, ପ୍ରତିହିତ ସତେ ଯୁବ ବିଧାୟକ ତୁଷାର କାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ପ୍ରଚେଷ୍ଟାରେ ଭିଡ଼ିଓ କନଫରେନସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଲେ କାକଟପୁରର ନୂତନ ଅତ୍ୟାଧୁନିକ ବସ ଷ୍ଟାଣ୍ଡ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜଗତସିଂହପୁର ଲୋକସଭା ସାଂସଦ ରାଜଶ୍ରୀ ମଲ୍ଲିକ, ଗୃହରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା କାକଟପୁର ବାସୀଙ୍କୁ ଦେଇଥିଲେ ବିପୁଳ ଧନ୍ୟବାଦ। ଆଉ ରହିବନି ଟ୍ରାଫିକ ସମସ୍ୟା, ଆଉ ବର୍ଷା ଖରାରେ ଯାତ୍ରୀ ହେବେନାହିଁ ହନ୍ତସନ୍ତ। ଏବେ ଯାତ୍ରୀ ପାଇବେ ଅତ୍ୟାଧୁନିକ ବସଷ୍ଟାଣ୍ଡର ସେବା। ଅନେକ ବର୍ଷ ଧରି କାକଟପୁର ଭଳି ଏକ ଜନବହୁଳ ସ୍ଥାନରେ ନଥିଲା ସ୍ଥାୟୀ ବସଷ୍ଟାଣ୍ଡ। ଅନେକ ନେତା ନିର୍ବାଚନରେ ବିଜୟୀ ହେଇଥିଲେ କିନ୍ତୁ କୌଣସି ପରିସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ରୂପରେଖ ଦେଇପାରିନଥିଲେ। କିନ୍ତୁ ପାୱାର କରିଡରର ବହୁ ଚର୍ଚ୍ଚିତ ଯୁବ ବିଧାୟକ ତୁଷାର ବେହେରାଙ୍କ ଉଦ୍ୟମ ଆଜି ବାସ୍ତବ ରୂପ ନେଇଛି। ଏଥିପାଇଁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ସମେତ କାକଟପୁର ଲୋକଙ୍କୁ ଦେଇଛନ୍ତି ଧନ୍ୟବାଦ ଓ ପ୍ରଶଂସା। ଏହି ଅତ୍ୟାଧୁନିକ ବସ ଷ୍ଟାଣ୍ଡରେ ଶୀତତାପ ନିୟନ୍ତ୍ରିତ କକ୍ଷରେ ଯାତ୍ରୀ କରିବେ ବିଶ୍ରାମ। ମନୋରଞ୍ଜନ ପାଇଁ ଦେଖିବେ ଟେଲିଭିଜନ, ଖାଇବା ପିଇବା ପାଇଁ ରହିଛି ବ୍ୟବସ୍ଥା। ମୋବାଇଲ ଚାର୍ଜଠୁ ଆରମ୍ଭ କରି ଯାତ୍ରୀ ପାଇବେ ଅନେକ ସୁବିଧା। କେବଳ ଯାତ୍ରୀ ନୁହନ୍ତି, ତା ସାଙ୍ଗକୁ ବସ କର୍ମଚାରୀ ବି ଏହି ଅତ୍ୟାଧୁନିକ ସେବାରେ ହେବେ ଭାଗିଧାରୀ। ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କାକଟପୁର ବାସୀଙ୍କୁ ଦେଇଥିବା ଉପହାରକୁ ନେଇ ବେଶ ଖୁସି ଅଛନ୍ତି ଅନ୍ତେବାସୀ। ତା ସାଙ୍ଗକୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି ଅଶେଷ ଅଶେଷ ଧନ୍ୟବାଦ।

# କୋରାପୁଟର ବିକାଶ ପାଇଁ ମନ୍ତ୍ରୀଙ୍କୁ କହିଲେ କୁନି ଝିଅ ସୋନାଲି




**ନବରଙ୍ଗପୁର :** ଜିଲ୍ଲାପାଳ ବିଜୁ ଜନତା ଦଳର ବରିଷ୍ଠ ନେତା ଓ କୃଷୀ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧିନତା ଦିବସ ପତାକା ଉତ୍ତଳନ କରି ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆରମ୍ଭ ହୋଇଥଲା ଫେନ୍ସି ଡ୍ରେସ ପ୍ରତିଯୋଗିତା ଠିକ୍ ଏହି ସମୟରେ ଛଅ ବର୍ଷର କୁନି ଝିଅ ସୋନାଲି ଦାସ ଏକ ଅଧିବାସୀ ଯୁବତୀ ବେଶ ପୋଷାକରେ ମାଇକ ଧରି କହି ଚାଲିଲେ ଜିଲ୍ଲାର ଅତି ସମ୍ବେଦନଶୀଳ ଗାଁର ସମସ୍ୟା। ପୋଡୁଗୁଡାରେ ରାସ୍ତା ନାହିଁ ସ୍କୁଲ୍ ନାହିଁ ପାଣି ନାହିଁ ଟାୱାର ନାହିଁ ଏମିତି ଅନେକ ସମସ୍ୟା। ଯାହା ଓଡ଼ିଶାର ଗଣମାଧ୍ୟମ ତଥା ସାମାଜିକ ଗଣ ମାଧ୍ୟମରେ। ମଧ୍ୟବିତ୍ତ ପରିବାରର କୁନିଝିଅ ସୋନାଲି କୋରାପୁଟ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାରମ୍ଭ ବୋଧ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଜିଲ୍ଲାର ପ୍ରମୁଖ ସମସ୍ୟା ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିବା ପରେ ଚେତିଲେ ସରକାର ଓ ପ୍ରଶାସନ ତୁରନ୍ତ ଉକ୍ତ ଗ୍ରାମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚି ବିକାଶ ମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ସାହସିକତା ଦେଖାଇ ଜିଲ୍ଲାର ପ୍ରମୁଖ ସମସ୍ୟା ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିବା ଯୋଗୁଁ ଜିଲ୍ଲା ତଥା ରାଜ୍ୟରୁ ସୋନାଲି ପାଇଁ ପ୍ରଶଂସାର ସୁଅ ଛୁଟୁଛି।

# ଦାଦାବଟି ଆଦାୟ; ଯୁବକ ଗିରଫ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ପୋଲିସକୁ ମିଳିଲା ଆଉ ଏକ ବଡ ସଫଳତା। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଏକ ନିଶାଶକ୍ତ ଯୁବକ ଅସନ ଗ୍ରାମର କୁଲୁ ଖୁଣ୍ଟିଆ କିଛି ଲୋକଙ୍କୁ ଦାଦାବଟି ମାଗୁଥିଲେ। ଏହି ସମୟରେ ଅସ୍ତରଙ୍ଗ ଥାନା ସବଇନ୍ସପେକ୍ଟର ଦୀପକ ସାମନ୍ତସିଂହାର ପେଟ୍ରୋଲିଙ୍ଗ କରୁଥିବା ବେଳେ ଉକ୍ତ ଯୁବକକୁ ଅସ୍ତରଙ୍ଗ ଥାନା ଛକରେ କାବୁ କରିଥିଲେ। ଆଉ ଘଟଣା ସ୍ଥଳରେ ଦାଦାବଟି ଆଦାୟ ଅଭିଯୋଗରେ ଗିରଫ କରି ଥାନାରେ ଅଟକ ରଖି ୧୪୨/୨୩ କେଶ ନମ୍ବରରେ ମାମଲା ରୁଜୁ କରିଛି। ପରେ ଉକ୍ତ ଯୁବକଙ୍କୁ ଡାକ୍ତରୀ ମାଇନା କରି ଦଫା ୩୮୬, ୩୮୭, ୨୯୪ରେ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଯୁବକଙ୍କ ନାମରେ ଅନେକ ମାମଲା ଅସ୍ତରଙ୍ଗ ଥାନାରେ ରହିଥିଲା। ଯାହା ଅସ୍ତରଙ୍ଗ ପୋଲିସ ତରଫରୁ ସୂଚନା ମିଳିଛି। କିଛିଦିନ ପୂର୍ବରୁ ମଦ ଦୋକାନରେ ଏକ ଯୁବକଙ୍କୁ ଦାଦାବଟି ଆଦାୟ ଅଭିଯୋଗରେ ଅସ୍ତରଙ୍ଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଉ ଏବେ ମଧ୍ୟ ଏହିଭଳି ଅପରାଧ ଘଟାଉଥିବା ବ୍ୟକ୍ତିଙ୍କୁ ଗିରଫ କରିବା ନେଇ ବୁଦ୍ଧିଜୀବୀ ମହଲରେ ଅସ୍ତରଙ୍ଗ ପୋଲିସକୁ ପ୍ରଶଂସା ମିଳିଛି।

# ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଠାରେ ସହିଦ ସ୍ମୃତି ଦିବସ ପାଳିତ



**ନବରଙ୍ଗପୁର:** ନବରଙ୍ଗପୁର ଜିଲ୍ଲାର ରକ୍ତ ତୀର୍ଥ ପାପଡାହାଣ୍ଡି ଠାରେ ପାଳିତ ହୋଇଛି ଶହୀଦ ସ୍ମୃତି ଦିବସ। ଦେଶପାଇଁ ଜୀବନକୁ ଉତ୍ସର୍ଗ କରି ଚରମ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଦାନ କରାଯାଇଛି ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି। ସହିଦ ସ୍ମୃତି କମିଟି ପକ୍ଷରୁ ପ୍ରଜ୍ୱଳିତ ଶହୀଦ ମଶାଲ ନବରଙ୍ଗପୁରରୁ ଏକ ଶୋଭାଯାତ୍ରା ରେ ବାହାରି ଭାରତ ମାତାର ଜୟ ଗାନ ସହ ପାପଡାହାଣ୍ଡି ଶହୀଦ ସ୍ମୃତି ମୀନାର ନିକଟରେ ପହଞ୍ଚିଥିଲା। ଶହୀଦ ସ୍ମୃତି ମିନାର ଠାରେ ମଶାଲ ସ୍ଥାପନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ସ୍ମୃତି ସୌଧ ଠାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରଯାଇଥିଲା। ପରେ ଟୁରୀ ନଦୀ ପଠାରେ ତିଳ ତର୍ପଣ ପୂର୍ବକ ଅମର ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏଥି ସହ ଜିଲ୍ଲା ପୋଲିସ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟ ରେ ସାମରିକ ଅଭିବାଦନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମତିରାମ ନାୟକ ପ୍ରମୁଖ ଯୋଗ ଦେଇ ଶହିଦ ମାନଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟ କ୍ରମ ରେ ଗୁଳିକାଣ୍ଡ ରେ ଶହୀଦ ହୋଇଥିବା ପରିବାର ବର୍ଗଙ୍କ ଦାୟଦଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପାପଡାହାଣ୍ଡିର ଶହୀଦ ମୀନାରକୁ ଜାତୀୟ ସ୍ମାରକୀର ମାନ୍ୟତା ପ୍ରଦାନ ସହ ସ୍କୁଲ ପାଠ୍ୟକ୍ରମରେ ସ୍ଥାନିତ କରିବାକୁ ଦାବୀ ହୋଇଛି। ସୂଚନା ଯୋଗ୍ୟ ଯେ ୧୯୪୨ ମସିହାରେ ଭାରତ ଛାଡ ଆନ୍ଦୋଳନ ସମୟରେ ଅଗଷ୍ଟ ମାସ ୨୪ ତାରିଖ ଦିନ ମାଧବ ପ୍ରଧାନୀଙ୍କ ନେତୃତ୍ୱ ରେ ଡାବୁଗାଁ ଅଭିମୁଖେ ଆନ୍ଦୋଳନ ପାଇଁ ଯାଉଥିବା ସମୟରେ ପାପଡାହାଣ୍ଡିର ଟୁରୀ ନଦୀ ନିକଟରେ ବ୍ରିଟିଶ ଗୁଳିରେ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରାଣବଳୀ ଦେଇଥିଲେ। ଘଟଣା ସ୍ଥଳରୁ ୧୧ ଜଣ ସଂଗ୍ରାମୀଙ୍କ ଶବ ମିଳିଥିବା ବେଳେ, ୮ ଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଅନେକେ ଟୁରୀ ନଦୀରେ ଡେଇଁ ମୃତ୍ୟୁବରଣ କରିଥିଲେ। ସେହି ଶହୀଦ ମାନଙ୍କ ସ୍ମୃତିରେ ୧୯୮୪ ମସିହାରେ ଶହୀଦ ମୀନାର ନିର୍ମାଣ କରାଯାଇ ୧୯ ଜଣ ସଂଗ୍ରାମୀଙ୍କ ନାମ ଲିପିବଦ୍ଧ କରାଯାଇଥିଲା।

# ସ୍ନେହ ମମତାର ବନ୍ଧନ ରାକ୍ଷୀ



ପ୍ରେମାନନ୍ଦ ପାଣିଗ୍ରାହୀ



କୁମାରୀ ହୁଅନ୍ତୁ କି ବିବାହିତା ମହିଳା ; ସମସ୍ତଙ୍କ ପାଇଁ ପ୍ରତୀକ୍ଷାର ଦିନ ଶ୍ରାବଣ ପୂର୍ଣ୍ଣିମା । ଯାହାକି ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ଭାବରେ ପାଳନ କରାଯାଏ । ଭାଇ-ଭଉଣୀଙ୍କୁ ସ୍ନେହ-ମମତା ଡୋରୀରେ ବାନ୍ଧି ରଖିବାର ପର୍ବ ରକ୍ଷାବନ୍ଧନ। ରାକ୍ଷୀ ସୁନା କି ଚାନ୍ଦିରୁ ନିର୍ମିତ ଏକ ସାମଗ୍ରୀ ନୁହେଁ । ଏହା ଏକ ସୂତାଖିଅ , ଯେଉଁଥିରେ ଭରି ରହିଥାଏ ଗୋଟେ ଭଉଣୀର ତା ଭାଇ ପ୍ରତି ସ୍ନେହ,ଶ୍ରଦ୍ଧା,ବିଶ୍ୱାସ ଓ ଭରଷା । କାହିଁକିନା ଭଉଣୀର ସବୁଠାରୁ ବଡ ସୁରକ୍ଷାଦାତା ହେଉଛି ତା ଭାଇ। ତେଣୁ କୁହାଯାଏ ରକ୍ଷାବନ୍ଧନ ହେଉଛି ସୁରକ୍ଷାର ବନ୍ଧନ। ଯେତେ ଦୂରରେ ଥିଲେ ବି ଏହିଦିନ ଭଉଣୀ ଭାଇକୁ ଓ ଭାଇ ଭଉଣୀକୁ ନିଶ୍ଚିତ ମନେପକାଇଥାଏ। ଭାଇଭଉଣୀର ସମ୍ପର୍କକୁ ନିବିଡରୁ ଆହୁରି ନିବିଡ କରିବା ପାଇଁ ରକ୍ଷାବନ୍ଧନ ହେଉଛି ଏକ ନିଆରା ପରମ୍ପରା। ପରମ୍ପରା ଅନୁସାରେ ଏହି ଦିନ ଭଉଣୀ ପ୍ରତ୍ୟୁଷରୁ ସ୍ନାନ ସାରି, ଦୀପ ଜଳାଇ ଚନ୍ଦନ, ସିନ୍ଦୁର, ଦୂବ,ଅରୁଆ ଚାଉଳ ଓ ରାକ୍ଷୀ ସହ ପୂଜା ଥାଳି ପ୍ରସ୍ତୁତ କରି ଭାଇକୁ ଅପେକ୍ଷା କରିଥାଏ । ଭଗବାନଙ୍କୁ ପୂଜା କରିବା ପରେ ଭଉଣୀ ଅତି ସରାଗରେ ତା ଭାଇ ହାତରେ ବାନ୍ଧିଦିଏ ରଙ୍ଗବେରଙ୍ଗ ରେଶମୀ ସୂତାରେ ପ୍ରସ୍ତୁତ ଏଇ ରାକ୍ଷୀକୁ। ପ୍ରତିବଦଳରେ ଭାଇମାନେ ଭଉଣୀମାନଙ୍କ ସୁରକ୍ଷା ପାଇଁ ସଂକଳ୍ପ କରିବା ସହ ଉପହାର ପ୍ରଦାନ କରନ୍ତି । ସ୍ନେହ ଓ ପ୍ରେମର ରଜ୍ଜୁରେ ଭାଇ-ଭଉଣୀର ସମ୍ପର୍କକୁ ଅଧିକ ମଜବୁତ କରେ ରାକ୍ଷୀ। ରାକ୍ଷୀ ପୂର୍ଣ୍ଣିମା ଓଡିଶାରେ ଝୁଲଣ ପୂର୍ଣ୍ଣିମା,ଗହ୍ମା ପୂର୍ଣ୍ଣିମା ଭାବରେ ପାଳିତ ହୁଏ । ଦକ୍ଷିଣ ଭାରତରେ ଏହି ପର୍ବକୁ ଅବନୀ ଅବିତ୍ତମ୍ କୁହାଯାଉଥିବା ବେଳେ ଉତ୍ତର ଭାରତରେ କାଜରୀ ପୂର୍ଣ୍ଣିମା କୁହାଯାଏ। ଗୁଜୁରାଟ,ରାଜସ୍ଥାନରେ ଲୁମ୍ବି,ମହାରାଷ୍ଟ.ଗୋଆରେ ନାରାଲି ପୂର୍ଣ୍ଣିମା କୁହାଯାଏ। ଐତିହାସିକ ଓ ଧାର୍ମିକ ଦୃଷ୍ଟି କୋଣରୁ ଅନେକ ଘଟଣା ଏହି ପର୍ବର ମହାନତା ସମ୍ପର୍କରେ ଆଲୋକପାତ କରିଥାଏ ।

ଓଡିଶାର ସଂସ୍କୃତି ଓ ପରମ୍ପରାରେ ପାଳନ କରାଯଉଥିବା ପର୍ବପର୍ବାଣୀ ଓ ଓଷା ବ୍ରତ ଗୁଡିକ ପ୍ରାୟତଃ କୃଷିଭିତ୍ତିକ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଏହାର ପ୍ରତ୍ୟେକ ପର୍ବ ଅନ୍ତରାଳରେ ଥାଏ ଚାଷବାସ ଓ ଗୋସମ୍ପଦର ସମ୍ପର୍କ । ବୈଦିକ ଯୁଗରୁ ଅଦ୍ୟାବଧି କୃଷି ସହ ଗୋସମ୍ପଦର ସମ୍ପର୍କ ରହିଆସିଛି। ଶ୍ରାବଣ ମାସର ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣୀମା କୁହାଯାଏ। ଶ୍ରାବଣ ପୂର୍ଣ୍ଣିମା ଦିନ ରୋହିଣୀଙ୍କ ଗର୍ଭରୁ ପ୍ରଭୁ ବଳରାମ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀବଳଭଦ୍ର କୃଷିର ଦେବତା । ହଳଲଙ୍ଗଳ ଓ ଗୋଜାତିକୁ ନେଇ ବଳଭଦ୍ର କୃଷିକର୍ମ ପ୍ରାରମ୍ଭ କରିଥିଲେ । ସେ ଗୋସମ୍ପଦର ରକ୍ଷକର୍ତ୍ତା ଗୋସମ୍ପଦର ଶତ୍ରୁ ଗହ୍ମାସୁରକୁ ବଳଦେବ ନିଧନ କରିଥିଲେ । ବଳଦେବଙ୍କ ଜନ୍ମଦିନ ତଥା କୃଷିକର୍ମରେ କୃଷକକୁ ଅକୁଣ୍ଠ ସହେଯାଗ କରି ଆସୁଥିବା ଗୋସମ୍ପଦର ପୂଜା ହେଉଛି ଗହ୍ମା ପର୍ବ । ଗହ୍ମା ଅର୍ଥ ଗୋମାତା । ଗୋ ସମ୍ପଦ ହିଁ ଲକ୍ଷ୍ମୀଙ୍କ ପ୍ରତୀକ । ତେଣୁ ଗୋମାତାଙ୍କୁ ଏହି ଦିନ ହଳଦୀ ପାଣିରେ ଗାଧୋଇ ଦିଆଯାଏ । ତା ଚାରି ଖୁରାକୁ ପଇଡ ପାଣିରେ ଧୋଇ ଦିଆଯାଏ । କପାଳରେ ସିନ୍ଦୁର,ବେକରେ ଫୁଲମାଳ ପିନ୍ଧାଇ ତା ଶିଙ୍ଗରେ ରାକ୍ଷୀ ବନ୍ଧାଯାଏ। କୃଷିକାର୍ଯ୍ୟରେ ବ୍ୟବହୃତ ହଳଲଙ୍ଗଳ ଆଦି ଚାଷ ଉପକରଣକୁ ପରିଷ୍କାର କରି ଚିତା ଦିଆଯାଇ ବନ୍ଦାପନା କରାଯାଏ। ଗୋରୁମାନଙ୍କୁ ପିଠା ଓ ଘାସ ଖାଇବାକୁ ଦିଆଯାଏ । ଶ୍ରାବଣ ପୂର୍ଣ୍ଣିମା ବେଳକୁ ଧାନ ରୁଆ ବେଉଷଣ ପ୍ରାୟ ସରି ଯାଇଥାଏ। ତେଣୁ ଚାଷ ଉପକରଣଗୁଡିକୁ ସାଇତି ରଖାଯିବା ସହ ବଳଦଙ୍କୁ ବିଶ୍ରାମ ଦିଆଯାଏ।

ପବିତ୍ର ଗହ୍ମାପୂର୍ଣ୍ଣିମା ତିଥିରେ ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମନୀତି ଓ ରାକ୍ଷୀ ଲାଗି ନୀତି ଅନୁଷ୍ଠିତ ହୁଏ। ଭଉଣୀ ସୁଭଦ୍ରା ରତ୍ନ ସିଂହାସନରେ ବିରାଜିତ ଦୁଇ ଭାଇ ଶ୍ରୀ ବଳଭଦ୍ର ଓ ଶ୍ରୀ ଜଗନ୍ନାଥଙ୍କୁ ରାକ୍ଷୀ ବାନ୍ଧନ୍ତି । ପାଟରା ବିଶୋଇ ଚିତାଲାଗି ଅମାବାସ୍ୟା ଠାରୁ ବାସୁଙ୍ଗା ପାଟରେ ଚାରିଟି ରାକ୍ଷୀ ଓ ପ୍ରତ୍ୟେକ ଚଉବନଟି ଗୁଆରେ ତିଆରି ଚାରୋଟି ଗୁଆମାଳ ପ୍ରସ୍ତୁତ କରନ୍ତି । ଶ୍ରାବଣ ପୂର୍ଣ୍ଣିମା ଦିନ ମହାପ୍ରଭୁ ଜଗନ୍ନାଥଙ୍କ ଠାରେ ହଳଦିଆ ଓ ନାଲି ରଙ୍ଗର ସୁନାପାଟ ରାକ୍ଷୀ ଓ ବଡଠାକୁର ବଳଭଦ୍ରଙ୍କ ଠାରେ ବାଇଗଣି ଓ ନୀଳ ରଙ୍ଗର ରାକ୍ଷୀ ଲାଗି ହୁଏ । ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଭାଦ୍ରବ କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପାଳିତ ହୁଏ ଝୁଲଣ ଯାତ୍ରା । ଯମୁନା ତଟରେ ଗୋପ ଗୋପାଙ୍ଗନାମାନେ ଯେଭଳି ଆମୋଦରେ ନୃତ୍ୟଗୀତ କରୁଥିଲେ ଠିକ ସେହିଭଳି ଶ୍ରୀମନ୍ଦିରେ ପାଳିତ ହୁଏ। ରକ୍ଷା ବନ୍ଧନ ପର୍ବ ପାଳନ ପଛରେ ଅନେକ ଐତିହାସିକ ତଥ୍ୟ ଓ ପୁରାଣ କାହାଣୀ ରହିଛି । ଭବିଷ୍ୟ ପୁରାଣ ଅନୁସାରେ ରାକ୍ଷସ ରାଜା ବଳି ଓ ଦେବରାଜ ଇନ୍ଦ୍ରଙ୍କ ମଧ୍ୟରେ ଯୁଦ୍ଧରେ ଇନ୍ଦ୍ର ପରାଜିତ ହୋଇ ଆତ୍ମଗୋପନ କରିଥିଲେ । ସ୍ୱର୍ଗପୁର ବଳି ଅକ୍ତିଆରରେ ରହିବାରୁ ଇନ୍ଦ୍ରାଣୀ ବିଷ୍ଣୁଙ୍କ ଶରଣ ନେଲେ । ବିଷ୍ଣୁ ଏକ ରକ୍ଷାସୂତ୍ର ଇନ୍ଦ୍ରଙ୍କ ହସ୍ତରେ ବାନ୍ଧି ଦେବାକୁ ଇନ୍ଦ୍ରାଣୀଙ୍କୁ ଦେଲେ। ଏହି ରକ୍ଷାସୂତ୍ର ବଳରେ ଇନ୍ଦ୍ର ବଳଶାଳୀ ହୋଇ ରାକ୍ଷସରାଜ ବଳି କୁ ପରାସ୍ତ କରିଥିଲେ । ସେଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା । ଅନ୍ୟ ଏକ କାହାଣୀ ଅନୁସାରେ ଶିଶୁପାଳକୁ ବଧ କରିବାକୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ବ୍ୟବହାର କରିବା ସମୟରେ ଚକ୍ର ଫେରି ଆସିବା ସମୟରେ ତାଙ୍କ ଅଙ୍ଗୁଳି କଟି ଯାଇଥିଲା। ଶ୍ରୀକୃଷ୍ଣଙ୍କର ଏହି ଅବସ୍ଥା ଦେଖି ନିଜ ପାଟ ବସ୍ତ୍ର ଚିରି ଦ୍ରୋପଦୀ ଶ୍ରୀକୃଷ୍ଣଙ୍କ କ୍ଷତ ଅଙ୍ଗୁଳିକୁ ବାନ୍ଧିଦେଇଥିଲେ । ଦ୍ରୋପଦୀଙ୍କର ସାହାଯ୍ୟକୁ ଶ୍ରୀକୃଷ୍ଣ ଭୁଲି ନଥିଲେ। କୁରୁ ସଭାରେ ଦୁଃଶାସନ ଦ୍ରୋପଦୀଙ୍କୁ ବିବସନା କରିବା ସମୟରେ ଶୂନ୍ୟରୁ କୋଟି ବସ୍ତ୍ର ଯୋଗାଇ ତାଙ୍କ ଲଜ୍ଜା ନିବାରଣ କରିଥିଲେ। ଯମୁନା ଏହି ଦିନ ଭାଇ ଯମରାଜଙ୍କୁ ରାକ୍ଷୀ ପିନ୍ଧାଇବା ଫଳରେ ଯମରାଜ ସନ୍ତୁଷ୍ଟ ହୋଇ ଯମୁନାଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। ଯମୁନା ପବିତ୍ର ନଦୀ ହୋଇ ପ୍ରବାହିତ ହେଲେ। ଏକଦ ମହାଦାନୀ ବଳିର ଦାନପଣରେ ସନ୍ତୁଷ୍ଟ ହୋଇ ବିଷ୍ଣୁ ବୈକୁଣ୍ଠଧାମକୁ ତାଙ୍କୁ ଛାଡି ଦେଇଥିଲେ। ଲକ୍ଷ୍ମୀ ବଳି ହାତରେ ରାକ୍ଷୀ ବାନ୍ଧି ଭ୍ରାତୃ ସ୍ନେହରେ ବାନ୍ଧି ବଳି ଠାରୁ ବୈକୁଣ୍ଠ ଧାମକୁ ଫେରାଇ ଆଣିଲେ । ଇତିହାସରେ ମଧ୍ୟ ରକ୍ଷାବନ୍ଧନର ବର୍ଣ୍ଣନା ବେଶ୍ କୌତୁହଳପ୍ରଦ। ଗୁଜୁରାଟର ବାହାଦୂର ଶାହା ଯେତେବେଳେ ଚିତ୍ତୋରଗଡ ଆକ୍ରମଣ କଲେ ସେତେବେଳେ ଚିତ୍ତୋରଗଡର ବିଧବା ରାଣୀ କର୍ଣ୍ଣାବତୀ ଶ୍ରାବଣ ପୂର୍ଣ୍ଣିମା ଦିନ ହୁମାୟୁନଙ୍କ ନିକଟକୁ ରାକ୍ଷୀ ପଠାଇ ଭାଇ କରିଥିଲେ । ହୁମାୟୁନ ରାକ୍ଷୀର ମୂଲ୍ୟ ବୁଝି ବାହାଦୂର ସାହାର ଆକ୍ରମଣରୁ ଚିତୋରଗଡକୁ ରକ୍ଷା କରିଥିଲେ। ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡାର ଭାରତ ବିଜୟ ପାଇଁ ଅଗ୍ରସର ହେଉଥିବା ସମୟରେ ରାଜା ପୁରୁଙ୍କ ଠାରୁ ପରାଜିତ ହୋଇଥିଲେ। ଆଲେକଜାଣ୍ଡାରଙ୍କର କିଛି କ୍ଷତି ନକରିବା ପାଇଁ ପତ୍ନୀ ରୁକସାନା ପୁରୁଙ୍କ ନିକଟକୁ ଶ୍ରାବଣ ପୁର୍ଣ୍ଣିମା ଦିନ ରାକ୍ଷୀ ପଠାଇଥିଲେ।

ଭୁଷଳ,ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪











# ରାକ୍ଷୀ



ଦେବସ୍ମିତା ବିଶ୍ୱାଳ

ମନୁଷ୍ୟର ଆମୋଦ ପ୍ରମୋଦ ଓ ସାମାଜିକ ସୌହାର୍ଯ୍ୟ ପାଇଁ ଭାରତୀୟ ଜୀବନ ଧାରାରେ ଯୋଡି ହୋଇରହିଛି ଅନେକ ପର୍ବପର୍ବାଣୀ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ପର୍ବପର୍ବାଣୀ ଖୁବ୍ ଯାକଯକମରେ ପାଳନ କରାଯାଏ। ବାର ମାସରେ ତେରପର୍ବ ମଧ୍ୟରୁ ରାକ୍ଷୀ ପୂର୍ଣ୍ଣିମା ଅନ୍ୟତମ। ଯାହା ସମଗ୍ର ଭାରତ ବର୍ଷରେ ପାଳନ କରାଯାଏ। 'ରାକ୍ଷୀ' ଭାଇ-ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ।

ଶାସ୍ତ୍ରରେ ଉଲ୍ଲେଖ ଅଛି, ନାସି ଗଙ୍ଗା ସମଂ ନାସ୍ତି ସମଂ ନାସ୍ତି ସ୍ୱସ୍ତା ସମା ମାନ୍ୟା ଅର୍ଥାତ ଭଉଣୀ ଠାରୁ ଅଧିକ ସମ୍ମାନୀୟା, ସ୍ନେହାଶୀଳା କେହିନାହିଁ। ପୁରାଣ କଥା ଅନୁସାରେ ପାଣ୍ଡବମାନଙ୍କ ମାତା କୁନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧି ନିଜ ପୁତ୍ରମାନଙ୍କୁ କୌରବମାନଙ୍କ ଅତ୍ୟାଚାର କବଳରୁ ଉଦ୍ଧାର କରିବାକୁ ନିବେଦନ କରିଥିଲେ।



ରାଜପୁତ ନାରୀମାନେ ନିଜ ସତୀତ୍ୱ ବଜାୟ ରଖିବା ପାଇଁ ମୁସଲମାନ ରାଜାମାନଙ୍କ ହାତରେ ରାକ୍ଷୀ ବାନ୍ଧୁଥିଲେ। ଆକବର ରକ୍ଷାବନ୍ଧ ଉତ୍ସବକୁ ଗୁରୁତ୍ୱ ଦେଇଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଉତ୍ସବ ପାଳିତ ହୋଇଥାଏ। ଅବଶ୍ୟ ଏହି ହିନ୍ଦୁମାନଙ୍କ ଦ୍ୱାରା ଆଦୃତ। ସମୟ ବଦଳିବା ସହ ସମ୍ପର୍କର ପରିଭାଷା ବି ବଦଳିଛି। ଆମ ସଂସ୍କୃତି ଓ ପରମ୍ପରା ସେଥିରୁ ବାଦ ପଡିବ କେମିତି। ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମା ପର୍ବ। ପୂର୍ବରୁ ଭାଇ ହାତରେ କେବଳ ଭଉଣୀ ହିଁ ରାକ୍ଷୀ ବାନ୍ଧୁଥିଲା। ଏବେ ଭାଇ ବି ଭଉଣୀ ହାତରେ ରାକ୍ଷୀ ବାନ୍ଧୁଛି। ଆମ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ଯବାନଙ୍କ ହାତରେ ରାକ୍ଷୀ ବନ୍ଧାଯାଉଛି। ଏବେ ଏ ପର୍ବ କେବଳ ପର୍ବରେ ସୀମିତ ରହିନାହିଁ। ନିଆରା ସମ୍ପର୍କର ବନ୍ଧନ ପାଲଟି ଯାଇଛି।

ସାଲେପୁର (ଦୂରଭାଷ : ୭୦୦୮୧୮୧୯୯୭)

### ଓଡ଼ିଶାରେ ସଡ଼କ ଦୁର୍ଘଟଣା ୭.୫୬%

# ମୃତ୍ୟୁ ହାର ୬.୨୪%କୁ ହ୍ରାସ



**କଟକ :** ଓଡିଶାରେ ଗତବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ଚଳିତ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମିଛି। ସଡ଼କ ଦୁର୍ଘଟଣା ୭.୫୬ ପ୍ରତିଶତ କମ ହୋଇଥିବା ବେଳେ ମୃତ୍ୟୁ ହାର ୬.୨୪କୁ ହ୍ରାସ ପାଇଛି। ରାଜ୍ୟରେ ଦ୍ୱିତୀୟ ତ୍ରୈମାସିକରେ ୨୮୯୭ଟି ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ୧୩୭ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ୩୧୩୪ଟି ଦୁର୍ଘଟଣାରେ ୧୪୯୦ ଜଣଙ୍କର ମୃତ୍ୟୁ ଘଟିଥିଲା। ସଡ଼କ ଦୁର୍ଘଟଣା ଆଘାତ କ୍ଷେତ୍ରରେ, ଏ ବର୍ଷ ସମୁଦାୟ ୨୫୭୨ ଜଣ ଲୋକ ଆହତ ହୋଇଛନ୍ତି ଯାହାକି ୨୦୨୨ରେ ୨୮୭୧ ଜଣ ଥିଲେ। ସଡକ ସୁରକ୍ଷା ଯୁଗ୍ମ କମିସନର ପରିବହନ ପିକେ ମହାନ୍ତି କହିଛନ୍ତି ଯେ ଓଡ଼ିଶା ପୁଲିସର ସହଯୋଗରେ ପରିବହନ ବିଭାଗ ପ୍ରତ୍ୟେକ ମଙ୍ଗଳବାର ଦିନ ଟ୍ରାଫିକ ନିୟମ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଦିବସ ପାଳନ କରୁଛି। ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମର କଡ଼ାକଡ଼ି ଲାଗୁ ହେତୁ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଛି। ଏହା ଉଲ୍ଲେଖଯୋଗ୍ୟ ଯେ ସଡ଼କ ଦୁର୍ଘଟଣାର ମୃତ୍ୟୁକୁ ହ୍ରାସ କରିବା ପାଇଁ ଏକ ସଚେତନତା-କାର୍ଯ୍ୟାନୁଷ୍ଠାନ ଅଭିଯାନର ଏକ ଅଂଶ ଭାବରେ ଏପ୍ରିଲ ୧ରୁ ୭ଟା ପର୍ଯ୍ୟନ୍ତ 'ଜିରୋ ଫ୍ୟାଟିଲିଟି ସପ୍ତାହ' ପାଳନ କରାଯାଇଥିଲା। ଗତ ବର୍ଷର ସମାନ ସମୟ ତୁଳନାରେ ଜିରୋ ଫ୍ୟାଟିଲିଟି ସପ୍ତାହରେ ଦୁର୍ଘଟଣାରେ ୩୩.୧୫% ହ୍ରାସ ଏବଂ ମୃତ୍ୟୁ ହାରରେ ୧୫% ହ୍ରାସ ଘଟିଛି। ଶ୍ରୀ ମହାନ୍ତି ଆହୁରି କହିଛନ୍ତି, ଜନସାଧାରଣଙ୍କୁ ସଚେତନ କରିବା ହେଉଛି ସଡ଼କ ସୁରକ୍ଷା କ୍ଷେତ୍ରରେ ସମସ୍ତେ ଯୋଗଦାନ ଦେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ।

### ଝାରସୁଗୁଡା ଓ ଲାଇକେରାରେ ୨ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ଲୋକାର୍ପିତ

# ସମସ୍ତଙ୍କୁ ମିଳିବ ଉତ୍ତମ ସ୍ୱାସ୍ଥ୍ୟସେବା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନସ ଜରିଆରେ ଝାରସୁଗୁଡା ଓ ଲାଇକେରାରେ ଦୁଇଟି ଅତ୍ୟାଧୁନିକ ଡାଇଗ୍ନୋଷ୍ଟିକ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। କରପୋରେଟ୍ ସଂସ୍ଥା ବେଦାନ୍ତ ସଂସ୍ଥା ସହଯୋଗରେ ଏହି ଦୁଇଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହା ଝାରସୁଗୁଡା ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁସ୍ଥ ଓଡିଶା, ସୁଖୀ ଓଡିଶା ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆମେ ନୂଆ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ସହିତ ହସ୍‌ପିଟାଲ ଗୁଡିକର ଉନ୍ନତିକରଣ କରୁଛୁ। ଏବଂ ଶହ ଶହ ଡାକ୍ତର ଓ ପାରାମେଡିକାଲ ଷ୍ଟାଫଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସବୁଠାରୁ ବଡ ରୂପାନ୍ତର ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ପ୍ରତି ମାସରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେଉଛନ୍ତି। ଏହା ସହିତ ଧନୀ, ଗରିବ ସମସ୍ତଙ୍କୁ ସରକାରୀ ହସ୍‌ପିଟାଲରେ ବିନା ପଇସାରେ ଚିକିତ୍ସା ସୁବିଧା ମିଳୁଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବିକାଶର ଏକ ସୂଚକ। ସେଥିପାଇଁ ସରକାର ତାଙ୍କର ଉଦ୍ୟମ ଜାରି ରଖିଛନ୍ତି। ସରକାରଙ୍କ ସହିତ ଏଥିରେ ଘରୋଇ କ୍ଷେତ୍ର ଯୋଡି ହେବା ଖୁସିର କଥା। ସମସ୍ତଙ୍କ ସହଯୋଗରେ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବେଦାନ୍ତର ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ଦୀପାଳୀ ଦାସ ଜିଲ୍ଲପାଳ ଓ ବେଦାନ୍ତର ସିଇଓ ପ୍ରମୁଖ ଯୋଗ ଦେଇଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଚନ୍ଦ୍ରଯାନ-୩ର ମଡେଲ ପ୍ରଦର୍ଶିତ



**ଭୁବନେଶ୍ୱର :** ଚନ୍ଦ୍ର ପୃଷ୍ଠରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ପରେ ବିକ୍ରମ ଓ ପ୍ରଜ୍ଞାନ ମହାକାଶ ଯାନ ର ସଫଳତାରେ ସମଗ୍ର ବିଶ୍ୱରେ ଇତିହାସ ରଚିଥିବା ଭାରତର ମହାକାଶ ବିଜ୍ଞାନରେ ଏହି ଐତିହାସିକ ସଫଳତାର ସ୍ମାରକୀ ସ୍ୱରୂପ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଚିତ୍ରକଳା ବିଭାଗ ପକ୍ଷରୁ ଉଭୟ ଅନ୍ତରୀକ୍ଷ ଯାନ ପୃଥିବୀ ଓ ଚନ୍ଦ୍ରକୁ ନେଇ ଏକ ଆକର୍ଷଣୀୟ ମଡେଲ ଲୋକାର୍ପିତ ହୋଇଯାଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସ୍ନାତକୋତ୍ତର ପରିଷଦ ର ମୁଖ୍ୟ ଡାଃ ଚକ୍ରଧର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ର କଳା ବିଭାଗର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ମଡେଲକୁ ଲୋକାର୍ପିତ କରିଥିଲେ ବିଶ୍ୱବିଦ୍ୟାଳୟର କୁଳସଚିବ ଅନାମିକା ଅଧିକାରୀ, ପରୀକ୍ଷା ନିୟନ୍ତ୍ରକ ଧରଣୀ ଧର ରଣା, ବିତ୍ତ ଅଧିକାରୀ ରାଜେଶ କୁମାର ମହାନ୍ତ। ଏହି ଅବସରରେ ଶୀଳ୍ପି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାଙ୍କର ଭୂୟସୀ ପ୍ରଶଂସା କରିଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଡାଃ ସମ୍ବରୁ ସୌଭରା, ଡାଃ ମନୋରଞ୍ଜନ ପ୍ରଧାନ, ଡାଃ ସସ୍ମିତା କମିଲା, ସହକାରୀ ପ୍ରଫେସର ଡକ୍ଟର ଆଶିଷ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ମହାନଗର ନିଗମ ପାଇଁ ୪୧୬ ନୂତନ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ପ୍ରତି ୱାର୍ଡ ପାଇଁ ସ୍ୱତନ୍ତ୍ର ୱାର୍ଡ ଅଫିସର

**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ (ବି.ଏମ୍.ସି)କୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ମହାନଗର ନିଗମ ପାଇଁ ୪୧୬ଟି ଅତିରିକ୍ତ ପଦବୀ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ନିଗମ ଅଧିକ ଦକ୍ଷ ଓ କ୍ରିୟାଶୀଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ବି.ଏମ୍.ସି ରେ ୨୧୦ଟି ଅନୁମୋଦିତ ପଦବୀ ଥିବାବେଳେ, ଏହି ଅତିରିକ୍ତ ୪୧୬ଟି ପଦବୀ ସୃଷ୍ଟି ଦ୍ୱାରା ଏହାର ସମୁଦାୟ ପଦବୀ ସଂଖ୍ୟା ୬୨୬କୁ ବୃଦ୍ଧି ପାଇଲା। ପୂର୍ବରୁ ନିଗମର ପ୍ରଶାସନିକ କ୍ଷେତ୍ରରେ ଗୋଟିଏ ଅତିରିକ୍ତ କମିଶନର ପଦବୀ ଥିବାବେଳେ, ବର୍ତ୍ତମାନ ଆଉ ୩ଟି ଅତିରିକ୍ତ କମିଶନର ପଦବୀ ସୃଷ୍ଟି କରାଯାଇ ସମୁଦାୟ ପଦବୀ ସଂଖ୍ୟା ୪କୁ ବୃଦ୍ଧି କରାଯାଇଛି। ସେହିପରି ୬ଟି ନୂତନ ଜୋନାଲ କମିଶନର ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ପୂର୍ବରୁ ୩ଟି ଡେପୁଟି କମିଶନର ପଦବୀ ଥିବାବେଳେ, ଏଥିରେ ୧୩ଟି ନୂତନ ପଦବୀ ସୃଷ୍ଟି କରାଯାଇ, ସମୁଦାୟ ଡେପୁଟି କମିଶନର ପଦବୀ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ଏହାସହିତ ପୂର୍ବରୁ ୪ଟି ପରିମଳ ଆସିଷ୍ଟାଣ୍ଟ କମିଶନର ପଦବୀ ଥିବାବେଳେ ଆଉ ୯ଟି ପଦବୀ ସୃଷ୍ଟି କରାଯାଇ ସମୁଦାୟ ୧୩ଟି ପରିମଳ ଆସିଷ୍ଟାଣ୍ଟ କମିଶନର ପଦବୀ ରଖାଯାଇଛି। ନିଗମର ଅର୍ଥ ବିଭାଗରେ ୧୧ଟି ନୂତନ ପଦବୀ ସୃଷ୍ଟି କରାଯାଇଥିବା ବେଳେ ଯୋଜନା ବିଭାଗରେ ୪ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଇଂଜିନିୟରିଂ (ୱାର୍କ୍ସ) ବିଭାଗରେ ୧୭ଟି ନୂତନ ପଦବୀ, ସାନିଟେସନ (ଇଂଜିନିୟରିଂ) ବିଭାଗରେ ୫ଟି ନୂତନ ପଦବୀ, ଡ୍ରେନେଜ ବିଭାଗରେ ୨୦ଟି ପଦବୀ, ମେକାନିକାଲ ବିଭାଗରେ ୨ଟି, ଆଇନ ବିଭାଗରେ ଗୋଟିଏ, ଲୋକସଂପର୍କ ବିଭାଗରେ ୨ଟି, ସୌନ୍ଦର୍ଯ୍ୟକରଣ ଓ ଲ୍ୟାଣ୍ଡ ସ୍କେପିଂ ବିଭାଗରେ ୭ଟି, ପ୍ରାଣୀକଲ୍ୟାଣ ବିଭାଗରେ ୪ଟି, ସାମାଜିକ କଲ୍ୟାଣ ବିଭାଗରେ ୧୩ଟି, ବିପର୍ଯ୍ୟୟ ଓ ଜରୁରୀ ସେବା ବିଭାଗରେ ଗୋଟିଏ, ଏନଫୋର୍ସମେଣ୍ଟ ବିଭାଗରେ ୧୯ଟି, ଅମଳା ବିଭାଗରେ ୯୩ଟି ଏବଂ ୱାର୍ଡ ଅଫିସ ବିଭାଗରେ ୧୮୭ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଇଂଜିନିୟରିଂ (ୱାର୍କ୍ସ) ବିଭାଗରେ ପୂର୍ବରୁ ୨ଟି ସିଭିଲ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ଏହାକୁ ୬କୁ ବୃଦ୍ଧି କରାଯାଇଛି। ସେହିପରି ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀକୁ ୭ ରୁ ୧୩କୁ ବୃଦ୍ଧି କରାଯାଇଛି ଏବଂ ସିଭିଲ ଜୁନିଅର ଇଂଜିନିୟର ପଦବୀ ସଂଖ୍ୟାକୁ ୧୭ରୁ ୨୪କୁ ବୃଦ୍ଧି କରାଯାଇଛି। ପରିମଳ (ଇଂଜିନିୟରିଂ) ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହୋଇଥିବାରୁ ଏଥିରେ ମଧ୍ୟ ୫ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଗୋଟିଏ କାର୍ଯ୍ୟନିର୍ବାହୀ ଅଧିକାରୀ (ପରିମଳ), ଗୋଟିଏ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପରିମଳ) ଓ ୩ଟି ଜୁନିଅର ଇଂଜିନିୟର (ପରିମଳ) ଅନ୍ତର୍ଭୁକ୍ତ।


# ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ସମସ୍ତ ଅଭିଯୋଗର ହେବ ତ୍ୱରିତ୍ ସମାଧାନ

**ଭୁବନେଶ୍ୱର :** ଆସନ୍ତାମାସ ୧୫ ତାରିଖ ସୁଦ୍ଧା ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଡିପିଆର୍ ଚୂଡ଼ାନ୍ତ ହେବ। ବିଜୁ ସେତୁ ଯୋଜନାରେ ଥିବା ଅସମ୍ପୂର୍ଣ୍ଣ କାମ ଆସନ୍ତା ମାସ ସୁଦ୍ଧା ଶେଷ ହେବ। ବିଭାଗୀୟ କାର୍ଯ୍ୟର ସମୀକ୍ଷା ଅବସରରେ ଏପରି ନିର୍ଦ୍ଦେଶ ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ। ସମୀକ୍ଷା ବୈଠକରେ ଶ୍ରୀ ସିଂହ ପ୍ରସ୍ତାବିତ ଓ ନିର୍ମାଣାଧୀନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପୂର୍ବକ ଏହାର ରିପୋର୍ଟ ବିଭାଗରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ବିଭାଗୀୟ ଯନ୍ତ୍ରୀମାନେ ସମସ୍ତ ଡିଭିଜନ ମୁଖ୍ୟଙ୍କୁ ଫୋନ କରି ସମାଧାନ ଦିଗରେ ଯତ୍ନବାନ ହେବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଓ ସେତୁ ଯୋଜନା ଅଧୀନରେ ସ୍ଥଗିତ ଥିବା ପ୍ରକଳ୍ପଗୁଡ଼ିକର ଡିପିଆର୍ ୭ ଦିନ ଭିତରେ ପ୍ରଦାନ କରିବା ଓ ଅନୁମୋଦିତ ହୋଇଥିବା ପ୍ରକଳ୍ପର ଜିଲ୍ଲାୱାରୀ ତାଲିକା ପ୍ରସ୍ତୁତ କରି ଆସନ୍ତା ୩ ଦିନ ମଧ୍ୟରେ ବିଭାଗକୁ ପଠାଇବାକୁ ଶ୍ରୀ ସିଂହ ମୁଖ୍ୟଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସୁଧା ବିଭାଗର ପ୍ରକଳ୍ପଜନିତ ବ୍ୟୟ ୪୩ ପ୍ରତିଶତରୁ ଉର୍ଦ୍ଧ୍ୱ ରହିଛି। ଆସନ୍ତା ସେପଟ୍ମେର ଶେଷ ସୁଧା ସମସ୍ତ ଡିଭିଜନ ଅନ୍ୟୁନ ୪୫ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି। ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ୧୩ଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ୧୫ ସେପଟ୍ମେର ସୁଧା ସାରିବାକୁ ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ସଚିବ ଶ୍ରୀ ସିଂହ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଅସମ୍ପୂର୍ଣ୍ଣ ଥିବା ୧୫ ଗୋଟି ପ୍ରକଳ୍ପକୁ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବେ ଏବଂ ଆସନ୍ତା ଡିସେମ୍ବର ସୁଧା ଏହି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଛନ୍ତି। ଏଥି ସହିତ ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଶତ ପ୍ରତିଶତ ପ୍ରଶାସନିକ ଅନୁମୋଦନ ପାଇଁ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ା, ଇଆଇସି ଅକ୍ଷୟ କୁମାର ପ୍ରଧାନ, ଇଆଇସି ପ୍ରଦୀପ ସାମଲ ଉପସ୍ଥିତ ଥିଲେ।

## ଉଲ୍ଲେଖନୀୟ, ବିଶିଷ୍ଟ ସେବା ଓ ସାହସିକତା ପାଇଁ ୭୪ ଜଣଙ୍କୁ ପଦକ ପ୍ରଦାନ



**ଭୁବନେଶ୍ୱର :** ରାଜ୍ୟ ପୋଲିସ୍ ସେବା, ଅଗ୍ନିଶମ ସେବା, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ଓ ସଂସ୍କାର ସେବାର ୭୪ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ, ବିଶିଷ୍ଟ ସେବା ଓ ସାହସିକତା ନିମନ୍ତେ ରାଷ୍ଟ୍ରପତି, ରାଜ୍ୟପାଳ ଏବଂ ସାହସିକତା ପଦକ ପ୍ରଦାନ କରାଯାଇଛି। ଲୋକସେବା ଭବନକନଭେନସନ୍ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଏହି ପଦକ ପ୍ରଦାନ କରିଛନ୍ତି। ଏଥିରେ ୨୦୨୦ ସାଧାରଣତନ୍ତ୍ର ଦିବସ ପାଇଁ ବିଶିଷ୍ଟ ସେବାନିମନ୍ତେ ୨ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ ପଦକ' ଓ ୧୦ଜଣଙ୍କୁ ଉଲ୍ଲେଖନୀୟ ସେବା ନିମନ୍ତେ 'ରାଷ୍ଟ୍ରପତି ପୋଲିସ ପଦକ' ପ୍ରଦାନ କରାଯାଇଛି। ସେହିପରି ଉଲ୍ଲେଖନୀୟ ସେବାନିମନ୍ତେ ୧୫ଜଣଙ୍କୁ 'ରାଜ୍ୟପାଳ ପୋଲିସ୍ ପଦକ' ପ୍ରଦାନ କରାଯାଇଛି। ଅନୁରୂପ ଭାବେ ୨୦୨୦ ସ୍ୱାଧୀନତା ଦିବସ ପାଇଁ ବିଶିଷ୍ଟ ସେବାନିମନ୍ତେ ୨ଜଣଙ୍କୁ 'ରାଷ୍ଟ୍ରପତି ପୋଲିସ୍ ପଦକ' ଏବଂ ଉଲ୍ଲେଖନୀୟ ସେବା ପାଇଁ ୧୧ଜଣଙ୍କୁ 'ରାଷ୍ଟ୍ରପତିପୋଲିସ୍ ପଦକ' ପ୍ରଦାନ କରାଯାଇଛି। ୨୦୨୦ ସାଧାରଣତନ୍ତ୍ର ଦିବସ ପାଇଁ ୨ଜଣ ଅଗ୍ନିଶମ ଅଧିକାରୀଙ୍କୁ 'ରାଷ୍ଟ୍ରପତିଙ୍କ ବିଶିଷ୍ଟ ଅଗ୍ନିଶମ ସେବା ପଦକ' ପ୍ରଦାନ କରାଯାଇଥିବା ବେଳେ ୪ଜଣଙ୍କୁ 'ପ୍ରଶଂସନୀୟ ସେବା ପଦକ' ପ୍ରଦାନ କରାଯାଇଛି। ୨୦୨୦ ସାଧାରଣତନ୍ତ୍ର ଦିବସ ପାଇଁ ଗୃହରକ୍ଷୀ ସେବା ନିମନ୍ତେ ଜଣଙ୍କୁ 'ରାଷ୍ଟ୍ରପତିଙ୍କ ବିଶିଷ୍ଟ ପଦକ' ଏବଂ ଜଣଙ୍କୁ 'ରାଷ୍ଟ୍ରପତି ପ୍ରଶଂସନୀୟ ସେବା ପଦକ' ପ୍ରଦାନ କରାଯାଇଛି। ସେହିପରି ବେସାମରିକ କ୍ଷେତ୍ରରେ ପ୍ରଶଂସନୀୟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ୨୦୨୦ ସ୍ୱାଧୀନତା ଦିବସ ପାଇଁ ଅଗ୍ନିଶମ ସେବା କ୍ଷେତ୍ରରେ ସାହସିକତା ପାଇଁ ଜଣଙ୍କୁ 'ରାଷ୍ଟ୍ରପତିଙ୍କସାହସିକତା ପଦକ' ପ୍ରଦାନ କରାଯାଇଥିବା ବେଳେ୨ ଜଣଙ୍କୁ 'ରାଷ୍ଟ୍ରପତିଙ୍କ ବିଶିଷ୍ଟ ଅଗ୍ନିଶମ ସେବା ପଦକ' ପ୍ରଦା ନକରାଯାଇଛି। ଅନୁରୂପ ଭାବରେ୬ଜଣଙ୍କୁ 'ପ୍ରଶଂସନୀୟ ଅଗ୍ନିଶମ ସେବା ପଦକ' ପ୍ରଦାନ କରାଯାଇଛି। ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବାରେ ପ୍ରଶଂସନୀୟ ସେବାନିମନ୍ତେ ୨୦୨୦ ସ୍ୱାଧୀନତା ଦିବସ ପାଇଁ ୪ଜଣଙ୍କୁ ପଦକ ପ୍ରଦାନ କରାଯାଇଛି। ବେସାମରିକ ପ୍ରତିରକ୍ଷା କ୍ଷେତ୍ରରେ ଜଣଙ୍କୁ ବିଶିଷ୍ଟ ସେବାନିମନ୍ତେ 'ରାଷ୍ଟ୍ରପତି ପଦକ' ପ୍ରଦାନ କରାଯାଇଛି। ୨୦୨୦ ସାଧାରଣତନ୍ତ୍ର



## ବ୍ଲକ୍‌ସ୍ତରରେ ହେବ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ

**ଭୁବନେଶ୍ୱର :** ବ୍ଲକ୍‌ସ୍ତରରେ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ, ଆକାଂକ୍ଷୀ ପାଠ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପୃକ୍ତି, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ କରିବାକୁ ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଙ୍ଗଠନର ୪୨ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ସ୍ଥିର ହୋଇଛି। ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ୧୯୮ ବ୍ଲକ୍‌ରେ ସେପ୍ଟେମ୍ବର ୮ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ବ୍ଲକ୍‌ର ସମସ୍ତ ପୁରାତନ ଛାତ୍ରଛାତ୍ରୀ କମିଟିର ସଭାପତି ତଥା ପ୍ରତିନିଧିମାନେ ଏକାଠି ହୋଇ ବିଦ୍ୟାଳୟର ଉନ୍ନତି ଦିଗରେ ଆଲୋଚନା କରିବେ। କମିଟି ସଭାପତିମାନେ 'ମୋ ସ୍କୁଲ୍' ଅଭିଯାନ କାର୍ଯ୍ୟକ୍ରମରେ କରିଥିବା ଭଲ କାମକୁ ସମସ୍ତଙ୍କ ଆଗରେ ଉପସ୍ଥାପନ କରିବେ। ଏହାଦ୍ୱାରା କମିଟି ସଭାପତି ତଥା ପ୍ରତିନିଧିଙ୍କ ମଧ୍ୟରେ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟର ଆଦାନପ୍ରଦାନ ହୋଇପାରିବ।






# ମାତୃନିଳୟ କାଠଡେରାରେ ପ୍ରାଚୀର ପତ୍ରିକା 'ଅନ୍ୱେଷା' ଉନ୍ମୋଚନ



**ବରଗଡ :** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୧୫୧ ତମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ ଜୟନ୍ତୀ, ଭାରତର ୭୭ତମ ସ୍ୱାଧୀନତା ଦିବସ ସହ ୨୭ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ୫.୧୫ ମନିଟ୍‌ରେ ଭାରତର ଆଧ୍ୟାତ୍ମିକ ପତାକାକୁ ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଓ ଭାରତ ତ୍ରିରଙ୍ଗା ପତାକାକୁ ମୁଖ୍ୟଅତିଥି ପ୍ରେମାନନ୍ଦ ବାରିକ ଉତ୍ତୋଳନ କରିଥିଲେ। ଅବସରପ୍ରାପ୍ତ ଭାରତୀୟ ସେନାର ଡ. ରାମଗୋପାଳ ସାହୁ ପ୍ରାଚୀର ପତ୍ରିକା 'ଅନ୍ୱେଷା' ଉନ୍ମୋଚନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନେ ନୃତ୍ୟ ସହ ଶ୍ରୀଅରବିନ୍ଦଙ୍କ ଜନ୍ମ ଜୟନ୍ତୀ ଓ ସ୍ୱାଧୀନତା ଦିବସ ସମ୍ପର୍କରେ ବକ୍ତୃତା ଓ ସଙ୍ଗୀତ ପରିବେଷଣ କରିଥିଲେ। ସାଧାରଣ ସଭାକୁ ରୋହିତ ଭାଇ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲଚିଦା ଗ୍ରାମ ପଞ୍ଚାୟତର ସରପଞ୍ଚ ପୁଷ୍ପା ନାୟକ, ସମିତିସଭ୍ୟା ମିତା ପତିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**